

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 MARCH 2022

Vol.No. 33 ■ No. 70 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା

ଡଃ ଭାଗବତ ବେହେରାଙ୍କର ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ

ବନ୍ଧୁ ମହାନ୍ତି

ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ସୋନିଆ ଗାନ୍ଧୀ ରହିବେ କଂଗ୍ରେସ ସଭାପତି !



ନୂଆଦିଲ୍ଲୀ, ୧୩/୦୩ : ଗାନ୍ଧି ପରିବାର ପଦ ଛାଡ଼ିବେ। ନେତୃତ୍ୱ ପରିବର୍ତ୍ତନ ହେବ। ଏମିତି କେତେ କଣ ଆଲୋଚନା ନେଇ ଉଚ୍ଚସ୍ତରୀୟ ବୈଠକ ଡକାଯାଇଥିଲା । କିନ୍ତୁ ବୈଠକରେ ପୁରୁଣା ପାଠ ରିପିଟ୍ ହୋଇଛି । ଅର୍ଥାତ୍ କଂଗ୍ରେସ ଦାୟିତ୍ୱ ସୋନିଆ ଗାନ୍ଧି ହାତରେ ହିଁ ରହିବ। ପୂର୍ବ ଭଳି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି ରହିବା ନେଇ ନିଷ୍କର୍ଷ ବାହାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ୫ ରାଜ୍ୟରେ କଂଗ୍ରେସର ଧରାଶାୟୀ ହେବା ପରେ ଆଜି ଏହାର ସମୀକ୍ଷା ନେଇ ସିଡବ୍ଲ୍ୟୁସି ବୈଠକ ଡକାଯାଇଥିଲା ଏଥିସହ ପ୍ରଥମଥର ପାଇଁ ଗାନ୍ଧି ପରିବାର ଦାୟିତ୍ୱ ଛାଡ଼ିବା ନେଇ ଚର୍ଚ୍ଚା ହୋଇଥିଲା । କିନ୍ତୁ ଆଜିର ବୈଠକରେ ସୋନିଆ ଗାନ୍ଧି ଦଳର ଅଧ୍ୟକ୍ଷା ପଦରେ ରହିବାକୁ ସହମତି ହୋଇଥିବା ଏକ ବିଶେଷ ସୂତ୍ରରୁ ଜଣାଡ଼ିଛି। ଏବେ କଂଗ୍ରେସର ମଧ୍ୟବର୍ତ୍ତୀକାଳୀନ ଅଧ୍ୟକ୍ଷା ଅଛନ୍ତି ସୋନିଆ ଗାନ୍ଧି । ୫ ରାଜ୍ୟରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳର ହାଇକମାଣ୍ଡ ସୋନିଆ ଗାନ୍ଧିଙ୍କ ଅଧ୍ୟକ୍ଷତାରେ ସିଡବ୍ଲ୍ୟୁସି ବୈଠକ ବସିଥିଲା । ନୂଆଦିଲ୍ଲୀରେ ହୋଇଥିବା ବୈଠକରେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧିଙ୍କ ସହ ଅନ୍ୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ । ଏଆଇସିସି ଅଫିସରେ ଚାଲିଥିବା ବୈଠକରେ ଦଳର ଦୁର୍ବଳ ପ୍ରଦର୍ଶନକୁ ନେଇ କାରଣ ଖୋଜା ହୋଇଥିଲା । କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ଗାନ୍ଧି ଭଦ୍ରା, ମଲ୍ଲିକାର୍ଜୁନ ଖାଡ଼ଗେ, ପି.ଚିଦାମ୍ବରମ, ଅଶୋକ ଗେହେଲଟ, ଭୁପେଶ ବାଘେଲ ଏବଂ ହରିଶ ରାଓ୍ୱତଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ହେଲେ ବୈଠକରେ ଦାୟିତ୍ୱକୁ ନେଇ ସେଇ ଗାନ୍ଧି ପରିବାର ସମ୍ପର୍କରେ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସଦ୍ୟ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ କଂଗ୍ରସ ଧରାଶାୟୀ ହେବା ପରେ ଦଳର ବିଦ୍ରୋହୀ ଗୋଷ୍ଠୀ ଜି-୨୩ ନେତାଙ୍କ ମଧ୍ୟରେ ଶୁକ୍ରବାର ଏକ ବୈଠକ ବସିଥିଲା। ଏହି ବୈଠକରେ ଏଆଇସିସିର ସଭାପତି ନିର୍ବାଚନରେ ବିଳମ୍ବ ହେବା ଉଚିତ ନୁହଁ ବୋଲି ଆଲୋଚନା ହୋଇଥିଲା। ସେହିପରି ନିର୍ବାଚନରେ ଫଳାଫଳକୁ ନେଇ ଏଆଇସିସି ପକ୍ଷରୁ ସମୀକ୍ଷା ପାଇଁ ବୈଠକ ଡକାଯିବା ଉଚିତ୍ ବୋଲି ଆଲୋଚନା ହୋଇଥିଲ। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ବାଷଭବନରେ ହୋଇଥିଲା। ଏଥିରେ କପିଲ ଶିବଲ, ମନିଶ ତିଓ୍ୱାରୀ, ଆନନ୍ଦ ଶର୍ମା ଏବଂ ଅଖିଲେଶ ପ୍ରସାଦଙ୍କ ସହ ଅନ୍ୟ ନେତାମାନେ ଯୋଗ ଦେଇଥିଲେ। ବୈଠକରେ ଦଳର ପରାଜ ପାଇଁ ଯେଉଁ ନେତା ଦାୟୀ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବ ପାଇଁ ଦାବି ହୋଇଥିଲା । ସେହିପରି କଂଗ୍ରେସର କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନ ହେଉ। ଏଆଇସିସିରେ ସାଙ୍ଗଠନିକ ନିର୍ବାଚନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହା ପରେ ଗାନ୍ଧି ପରିବାରରେ ଚେତା ପଶିଥିଲା।

# ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଆମେରିକାରର ଘୋଷଣା



ନୂଆଦିଲ୍ଲୀ, ୧୩/୦୩ : ରୁଷ-ୟୁକ୍ରେନ୍ ଯୁଦ୍ଧ ୧୮ ଦିନରେ ପହଞ୍ଚିଥିବା ବେଳେ ଆକ୍ରମଣକୁ ଜୋରଦାର କରିଛି ରୁଷ୍ । ଆଉ ଏହାର କଡ଼ା ମୁକାବିଲା କରୁଛନ୍ତି ୟୁକ୍ରେନ ସେନା । ଏସବୁ ଭିତରେ ୟୁକ୍ରେନକୁ ଅଧିକ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଘୋଷଣା କରିଛି ଆମେରିକା । ରୁଷ୍-ୟୁକ୍ରେନ ଯୁଦ୍ଧରୁ ଆମେରିକା ଓ ନାଟୋ ସିଧାସଳଖ ଦୂରେଇ ରହିଥିଲେ ବି ୟୁକ୍ରେନକୁ ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଛନ୍ତି । ଏବେ ରାଜଧାନୀ କିଭ୍ ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଥିବା ବେଳେ ୟୁକ୍ରେନ ସେନା ପାଇଁ ଅଧିକ ଅସ୍ତ୍ରଶସ୍ତ୍ର ଜରୁରୀ ହୋଇପଡ଼ିଛି । ଏହି ସମୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଘୋଷଣା କରିଛନ୍ତି ଯେ, ୟୁକ୍ରେନକୁ ୨ ଶହ ମିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ । ତେବେ ରୁଷ ବିରୋଧରେ ଲଢୁଥିବା ୟୁକ୍ରେନ ସେନାକୁ ଏହା ଅଧିକ ବଳ ଦେବ । ରୁଷ୍ ସେନା ୟୁକ୍ରେନର ଗୋଟିଏ ପରେ ଗୋଟିଏ ସହର ନିଜ କବଜାକୁ ନେଇଥିଲେ ବି କିଭରେ ୟୁକ୍ରେନ ସେନାର ଦବଦବା ରହିଛି । ହେଲେ ୟୁକ୍ରେନର ରାଜଧାନୀ ହୋଇଥିବାରୁ କିଭ୍ ଉପରେ ରୁଷ ସେନାର ନଜର ଅଟକିଛି, ଫଳରେ କିଭ୍ ଦଖଲ ପାଇଁ ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛି ରୁଷ୍ । କିଭ୍କୁ ତିନି ପଟୁ ଘେରି ସାରିଲାଣି ରୁଷ ସେନା । ଉତ୍ତରରୁ ଇରପିନ୍ ପଟୁ ଘେରିଛି, ପଶ୍ଚିମରେ ବୁଚାରେ ରୁଷ ସେନା ମୁତୟନ ହୋଇ ସାରିଲେଣି । ପୂର୍ବ ପଟୁ ବ୍ରୋବରୀରେ ▶▶ପୃଷ୍ଠା ୭

## ନର୍ସ ମୃତ୍ୟୁ ପରେ ପାରାଦୀପ ପୋର୍ଟ ହସ୍ପିଟାଲ ସମ୍ମୁଖରେ ଉତ୍ତେଜନା

ନୂଆଦିଲ୍ଲୀ, ୧୩/୦୩ : ନର୍ସ ମୃତ୍ୟୁକୁ ନେଇ ପାରାଦୀପ ପୋର୍ଟ ହସ୍ପିଟାଲ ସମ୍ମୁଖରେ ଉତ୍ତେଜନା । ମୃତ୍ୟୁ ବରଣ କରିଥିବା ଷ୍ଟାଫ ନର୍ସ ନିବେଦିତା ଜେନାଙ୍କୁ ପ୍ରାୟୋଜିତ ଭାବେ ମାରି ଦିଆଯାଇଥିବା ଅଭିଯୋଗ ହୋଇଛି । ନ୍ୟାୟ ଦାବିରେ ପାରଦୀପ ହସ୍ପିଟାଲ ପରିସରରେ ଶହ ଶହ ଉତ୍ୟକ୍ତ ଲୋକ ମେଡିକାଲ ଘେରାଉ କରିଛନ୍ତି । ସୂଚନା ଅନୁସାରେ ଦୀର୍ଘ ୮ ମାସ ତଳେ ପୋର୍ଟ ହସ୍ପିଟାଲରେ ଜଣେ ନର୍ସଙ୍କୁ ଡିୟୁଟି ସମୟରେ ଜଣେ ଡାକ୍ତର ଅସଦାଚରଣ କରିଥିଲେ । ଯାହାକୁ ନେଇ ଏକ କମିଟି ଗଠନ କରାଯାଇ ତଦନ୍ତ ଚାଲିଥିଲା । ଗତ ୪ ଦିନ ତଳେ ପୀଡ଼ିତା ନର୍ସଙ୍କ ସମେତ ତାଙ୍କ ସାଥିରେ ଥିବା ଏକାଧିକ ନର୍ସଙ୍କୁ ଡକାଯାଇ ମାନସିକ ନିର୍ଯାତନା ଦିଆଯାଉଥିଲା । ଏନେଇ ପୀଡିତା ନର୍ସଙ୍କ ସହିତ ମୃତ୍ୟୁବରଣ କରିଥିବା ନିବେଦିତା ଜେନା ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଥିଲେ । ଏହା ପରେ ନିବେଦିତାଙ୍କୁ କେହି ଷଡଯନ୍ତ୍ର କରି ମାରି ଦେଇଥିବା ଅଭିଯୋଗ ହୋଇଛି । ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ଓ ସିଆଇଏସଏଫ ଉପସ୍ଥିତ ଅଛନ୍ତି ।

## ଚୀନ୍‌ରେ ତାଣ୍ଡବ ରଚୁଛି କରୋନା, ପୁଣି ଫେରିଲା ଲକ୍‌ଡାଉନ୍

ବେଜିଂ, ୧୩/୦୩ (ନି.ପ୍ର): ଯେଉଁଠୁ ଜନ୍ମ ହୋଇଥିଲା ସେଠାରେ ପୁଣି ତାଣ୍ଡବ ରଚୁଛି ମହାମାରୀ କରୋନା। ଚୀନ୍ ?ରେ ପୁଣି ଥରେ କରୋନା ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି। ଚୀନ୍‌ରେ ଦିନକରେ ୩,୩୯୩ଟି କରୋନା ମାମଲା ସାମ୍ନାକୁ ଆସିଛି, ଯାହା ଦୁଇ ବର୍ଷ ଭିତରେ ଦିନକରେ ରେକର୍ଡ କରାଯାଇଥିବା ସଂକ୍ରମଣ ମାମଲାଠାରୁ ସର୍ବାଧିକ। ଚୀନ୍‌ର ଜାତୀୟ ସ୍ୱାସ୍ଥ୍ୟ ଆୟୋଗଙ୍କ କହିବା ▶▶ପୃଷ୍ଠା ୭

# ବିଜୁ ଜନତା ଦଳର ସମସ୍ତ ୩୦ଟି ଜିଲ୍ଲାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀରେ କବ୍‌ଜା



ଭୁବନେଶ୍ୱର, ୧୩/୦୩ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଆଜି ଶେଷ ହୋଇଛି। ଆଜି ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ପଦବି ପାଇଁ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୩୦ଟି ଜିଲ୍ଲାରେ ବିଜେଡିର ପ୍ରାର୍ଥୀମାନେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। । ଚଳିତ ପଂଚାୟତ ନିର୍ବାଚନରେ ବିଜେଡି ୮୫୨ ଆସନରୁ ଏକାକୀ ୭୬୬ ଆସନରେ ଜିତିଥିବା ବେଳେ, ବିଜେପି ୪୨ ଓ କଂଗ୍ରେସ ୩୭ ଆସନ ଜିତିଥିଲା । ଅନୁଗୁଳ ଜିଲ୍ଲାରେ ବବିତା ପ୍ରଧାନ, ବୌଦ୍ଧ ଜିଲ୍ଲାରେ ପ୍ରଭାସିନୀ ଦାସ, ବରଗଡ଼ ଜିଲ୍ଲାରେ ମାନିନୀ ଭୋଇ, ଭଦ୍ରକ ଜିଲ୍ଲାରେ ପ୍ରଫୁଲ୍ଲ ଜେନା, ଢେଙ୍କାନାଳ ଜିଲ୍ଲାରେ ଅର୍ଚ୍ଚନା ପୁହାଣ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଝାରସୁଗୁଡ଼ା ଜିଲ୍ଲାରେ ତୁଳାବତୀ ମିଞ୍ଜ, ଜଗତସିଂହପୁର ଜିଲ୍ଲାରେ ମନୋଜ ଭୋଇ, କଟକ ଜିଲ୍ଲାରେ କିଶୋର ଚନ୍ଦ୍ର ମିଶ୍ର କେନ୍ଦୁଝର ଜିଲ୍ଲାରେ ସାଗରିକା ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରେ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, କନ୍ଧମାଳ ଜିଲ୍ଲାରେ ନନ୍ଦିନୀ ମଳିକ, କୋରାପୁଟ ଜିଲ୍ଲାରେ ସସ୍ମିତା ମେଲେକା, କେନ୍ଦ୍ରାପଡ଼ା ଜିଲ୍ଲାରେ ଗୀତାଞ୍ଜଳି ସେଠୀ. ଖୋର୍ଦ୍ଧା ଜିଲ୍ଲାରେ ରୁପଶ୍ରୀରାଣୀ ଗୁମାନସିଂହ, ▶▶ପୃଷ୍ଠା ୭

## ୟୁକ୍ରେନ୍‌ରେ ଆମେରିକୀୟ ସାମ୍ବାଦିକଙ୍କୁ ହତ୍ୟା



କିଭ୍,୧୩/୦୩ (ନି.ପ୍ର): ଯୁଦ୍ଧତ୍ରସ୍ତ ୟୁକ୍ରେନ୍‌ରେ ଜଣେ ଆମେରିକୀୟ ଫିଲ୍ମ ନିର୍ମାତା ତଥା ସାମ୍ବାଦିକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ନ୍ୟୁଜ୍ ଏଜେନ୍ସୀ ଏଏଫ୍‌ପି ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୃତ ସାମ୍ବାଦିକଙ୍କ ନାଁ ବ୍ରେଣ୍ଟ ରେନୌଡ୍ । ତାଙ୍କୁ ୟୁକ୍ରେନ୍‌ର ଇରପିନ୍‌ରେ ଗୁଳି କରାଯାଇଥିଲା। କିଭ୍ ପୁଲିସ୍ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ରେଣ୍ଟଙ୍କ ସହିତ ଆଉ ଦୁଇ ଜଣ ସାମ୍ବାଦିକଙ୍କ ଠାରେ ମଧ୍ୟ ଗୁଳି ବାଜିଥିଲା। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ବ୍ରେଣ୍ଟ 'ଦି ନ୍ୟୁୟର୍କ ଟାଇମ୍ସ' ପାଇଁ କାମ କରୁଥିଲେ। ତେବେ ସେ ୟୁକ୍ରେନ୍‌କୁ 'ଦି ନ୍ୟୁୟର୍କ ଟାଇମ୍ସ' ପାଇଁ ଖବର ସଂଗ୍ରହ କରିବାକୁ ଯାଇ ନଥିଲେ।

# ଜଗଦେବ ବିଜେଡିରେ ନାହାନ୍ତି, ଦୃଢ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ବିଜେଡି

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏବେ ଦଳରେ ନାହାନ୍ତି ଏବଂ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତକାଲି ଠାରୁ ବିଜେଡି ଦାବି କରିଥିବା କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଚିଲିକା ବିଧାୟକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆଜି ଓଡିଶା ବିଜେପି ତାହାର ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି । ଗତକାଲି ଆମେ ମଧ୍ୟ ଏହି ଦାବି କରିସାରିଛୁ ଯେ ପୋଲିସ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୃଢ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହା ଜାଣିବା ସତ୍ତ୍ୱେ ଏହି ବର୍ବର ଘଟଣାକୁ ରାଜନୀତିକରଣ କରିବାକୁ ବିଜେପି ଅନାବଶ୍ୟକ ଭାବରେ ବିଜେଡିକୁ ଟାଣିବାକୁ ଯେଭଳି ଚେଷ୍ଟା କରୁଛି ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। ଏହି ବର୍ବର ଘଟଣାକୁ ନେଇ ରାଜନୀତି କରିବାର ପ୍ରୟାସକୁ ଏଡାଇବାକୁ ହେବ । ଏହି ପ୍ରସଙ୍ଗରେ ଆମେ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ବିଜେପି ମୁଖପାତ୍ର ଡକ୍ଟର ସମ୍ବିତ ପାତ୍ର ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ବ୍ୟକ୍ତିଗତ ଭାବେ କହିଛନ୍ତି । ଆମେ ଓଡିଶା ବିଜେପିକୁ ମନେ ପକାଇବାକୁ ଚାହୁଁଛୁ ଯେ ଯେତେବେଳେ ସେମାନଙ୍କ ଦଳ ଶାସନ କରୁଥିବା ରାଜ୍ୟରେ ଏହିଭଳି ସମାନ ଘଟଣା ଘଟିଥିଲା, ସେତେବେଳେ ସେମାନେ ସେହି ପ୍ରସଙ୍ଗକୁ ରାଜନୀତିକରଣ ନ କରିବାକୁ ନିବେଦନ କରିଥିଲେ ଏବଂ ଆଇନକୁ ▶▶ପୃଷ୍ଠା ୭

# ମୋଦିଙ୍କୁ ଭେଟିଲେ ଯୋଗୀ, ଶପଥଗ୍ରହଣ ଉତ୍ସବକୁ କଲେ ଆମନ୍ତ୍ରଣ

ନୂଆଦିଲ୍ଲୀ, ୧୩/୦୩ (ନି.ପ୍ର): ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୩ ଦିନ ପରେ ଆଜି ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି। ଏହି ସାକ୍ଷାତକାର ବେଳେ ଉତ୍ତର ପ୍ରଦେଶରେ ବିଜୟ ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ଅଭିନନ୍ଦନ ଜଣାଇଥିଲେ ପ୍ରଧାନମନ୍ତ୍ରୀ। ମିଳିଥିବା ସୂଚନା ଅନୁଯାୟୀ, ଏହି ସାକ୍ଷାତକାର ଅବସରରେ ନିଜ ଶପଥଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ଯୋଗୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ। ଯୋଗୀ ଆଦିତ୍ୟନାଥ



ଆଜି ଉପରାଷ୍ଟ୍ରପତି ଏମ୍ ଭେଙ୍କିଆ ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଓ ରାଷ୍ଟ୍ରୀୟ ସାଧାରଣ ସଂପାଦକ ବି.ଏଲ୍ ସନ୍ତୋଷଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଉତ୍ତର ପ୍ରଦେଶରେ ଗତ ୩୭ ବର୍ଷରେ ସେ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ନିଜର ୫ ବର୍ଷର କାର୍ଯ୍ୟକାଳ ସଂପୂର୍ଣ୍ଣ କରିବା ପରେ ପୁନର୍ବାର କ୍ଷମତାକୁ ଫେରିଛନ୍ତି।

# ଆଜି ସମସ୍ତ ସହରାଂଚଳରେ ସତ୍ୟାଗ୍ରହ କରିବ ବିଜେପି : ଗୋଲକ ମହାପାତ୍ର

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଚିଲିକାର ବିଜେଡି ବିଧାୟକ ଶ୍ରୀପ୍ରଶାନ୍ତ ଜଗଦେବ ମଦ ପିଇ ଗାଡି ଚଳାଇ ବିଜେପି କର୍ମୀଙ୍କୁ ମାରିବାକୁ ଉଦ୍ୟମ କରି ଗଣତନ୍ତ୍ରକୁ ହତ୍ୟା କରିଛନ୍ତି । ଅତୀତରେ ମଧ ଶ୍ରୀ ଜଗଦେବ ବିଜେପି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଭ୍ୟାସଗତ ବିଶୃଙ୍ଖଳାକାରୀ ତଥା ଦବଙ୍ଗ ବିଧାୟକ ଶ୍ରୀ ଜଗଦେବ କିଛି ଦିନ ତଳେ ବିଜେପି କାର୍ଯ୍ୟକର୍ତାଙ୍କୁ ମାଡ ମାରି ଜେଲ ଯିବା ପରେ ଶାସକ ବିଜେଡି ତାଙ୍କୁ ଦଳରୁ ନିଲମ୍ବନ କରିବା ଏକ ନାଟକ ଥିଲା । ଅନ୍ୟ ପଟେ ଗତ କାଲି ଅନୁଷ୍ଠିତ ହୋଇଥିବା ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ନିଜ ପରାଜୟକୁ ଗ୍ରହଣ କରିପାରୁନଥିବା ବିଧାୟକ ଶ୍ରୀ ଜଗଦେବ ଏବଂ ତାଙ୍କ ଦଳ ବିଜେପି କର୍ମୀଙ୍କୁ ସଂଘବଦ୍ଧଭାବେ ମରଣାନ୍ତକ ଆକ୍ରମଣ କରିବା ସଂପୂର୍ଣ୍ଣ ସତ୍ୟ ଥିଲା । ଗତ କାଲିର ଘଟଣାକୁ ନେଇ ଏହା 'ମିଛ ନିଲମ୍ବନ, ସତ ଆକ୍ରମଣ' ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଚିଲିକା ବିଧାୟକ ଶ୍ରୀ ଜଗଦେବଙ୍କ ଅମାନବୀୟ ଘଟଣା ଘଟିବାର ୨୪ ଘଂଟା ବିତିଯାଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ପାଟି ଖୋଲିନାହାନ୍ତି । ନିର୍ବାଚନ ପରବର୍ତୀ ହିଂସାରେ ଶାସକ ବିଜେଡି ସକ୍ରିୟ ହୋଇ ବର୍ତମାନ ବିଜେପି କାର୍ଯ୍ୟକର୍ତାଙ୍କୁ ଆକ୍ରମଣ କରୁଛି । ଗଣତନ୍ତ୍ରରେ ହିଂସାର ଆଦୌ ସ୍ଥାନ ନାହିଁ । ▶▶ପୃଷ୍ଠା ୭

# ୩ ରୁ ୪ ଡ଼ିଗ୍ରୀ ଯାଏଁ ବଢ଼ିବ ଦିନ ତାପମାତ୍ରା



ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଆଗାମୀ ୨ ଦିନ ପରେ ଦିନ ତାପମାତ୍ରା ଓଡ଼ିଶାର ଜିଲ୍ଲାଗୁଡିକରେ ୩ ରୁ ୪ ଡ଼ିଗ୍ରୀ ଯାଏଁ ବୃଦ୍ଧି ଘଟିବାରେ ସମ୍ଭାବନା ରହିଛି। ଏହି କାରଣରୁ ୧୬ ଏବଂ ୧୭ ତାରିଖରେ କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ - ଆଗାମୀ ୨ ଦିନ ପରେ ରାଜ୍ୟକୁ ପଶ୍ଚିମ -ଉତର ପଶ୍ଚିମ ଦିଗରୁ ଶୁଷ୍କ-ଉତପ୍ତ ବାୟୁ ପ୍ରବାହ ଶକ୍ତିଶାଳୀ ହେବ । ଏହି ସହିତ ସହ ଦିନ ତାପମାତ୍ରା ରେ ୩ ରୁ ୪ଡ଼ିଗ୍ରୀ ଯାଏଁ ବୃଦ୍ଧି ହୋଇ ପାରେ ।

# ପଞ୍ଜାବରେ କୌଣସି ମନ୍ତ୍ରୀ କି ବିଧାୟକ ଭୁଲ କାମ କଲେ କେବଳ ବହିଷ୍କାର କରିବୁନି ବରଂ ଜେଲ ପଠାଇ ଦେବୁ : କେଜ୍ରିଓ୍ୱାଲ



ନୂଆଦିଲ୍ଲୀ, ୧୩/୦୩ : ପଞ୍ଜାବରେ ବିପୁଳ ବିଜୟ ପରେ ଆଜି ଅମୃତସରରେ ମେଗା ରୋଡ ସୋ' କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିଓ୍ୱାଲ । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ଭଗଓ୍ୱନ୍ତ ମାନଙ୍କୁ ନେଇ ରୋଡ ସୋ' କରିଛନ୍ତି କେଜ୍ରିଓ୍ୱାଲ । ଜନସଭାକୁ ସମ୍ବୋଧିତ କରି କେଜ୍ରିଓ୍ୱାଲ କହିଛନ୍ତି ମୋ ସାନଭାଇ ଭଗଓ୍ୱନ୍ତ ଜଣେ ସଚ୍ଚୋଟ ବ୍ୟକ୍ତି । ପଞ୍ଜାବକୁ ଜଣେ ସଚ୍ଚୋଟ ମୁଖ୍ୟମନ୍ତ୍ରୀ ମିଳିଛନ୍ତି । ଯଦି ଆମ ଦଳର କୌଣସି ମନ୍ତ୍ରୀ ଓ ବିଧାୟକ ଏପଟ ସେପଟ କାମ କରନ୍ତି ତେବେ ତାଙ୍କୁ କେବଳ ବହିଷ୍କାର କରିବୁ ନାହିଁ ବରଂ ଜେଲ ପଠାଇ ଦେବୁ । ପୂର୍ବରୁ ପଞ୍ଜାବକୁ କିଛି ଲୋକ ଲୁଟୁଥିଲେ କିନ୍ତୁ ଏବେ ଏହି ଲୁଟ୍ ବନ୍ଦ ହେବ । ଏବେ ସରକାରୀ ଟଙ୍କା ଗରିବଙ୍କ ପଛରେ ଖର୍ଚ୍ଚ ହେବ, ପଞ୍ଜାବ ପାଇଁ ଖର୍ଚ୍ଚ ହେବ । ଅରବିନ୍ଦ କେଜ୍ରିଓ୍ୱାଲ କହିଛନ୍ତି, ନିର୍ବାଚନ ସମୟରେ ଯେଉଁ ସବୁ ଗ୍ୟାରେଣ୍ଟି ଦେଇଥିଲୁ ତାହାକୁ ପୂରା କରିବୁ । କିଛି ପ୍ରତିଶ୍ରୁତି ପୂରଣ କରିବାକୁ ସମୟ ଲାଗିବ, ଆଉ କିଛି ପ୍ରତିଶ୍ରୁତିକୁ କିଛି ଦିନ ମଧ୍ୟରେ ହିଁ ପୂରା କରାଯିବ । ୧୬ ମାର୍ଚ୍ଚରେ ଭଗଓ୍ୱନ୍ତ ମାନ୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । କିନ୍ତୁ ସେହିଦିନ କେବଳ ଭଗଓ୍ୱନ୍ତ ମାନ୍ ମୁଖ୍ୟମନ୍ତ୍ରୀ ହେବେନି ବରଂ ପଞ୍ଜାବର ପ୍ରତିଟି କୁନି କୁନି ଶିଶୁ ମଧ୍ୟ ମୁଖ୍ୟମନ୍ତ୍ରୀ ହେବେ । ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ପଞ୍ଜାବର ସମସ୍ତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ରହିଲା ବୋଲି କହିଛନ୍ତି କେଜ୍ରିଓ୍ୱାଲ । ସେହିଭଳି ଭଗଓ୍ୱନ୍ତ ମାନ କହିଛନ୍ତି, ୧୦ ମାର୍ଚ୍ଚରେ ଯାହା ଘଟିଲା ତାହା ଐତିହାସିକ । ପଞ୍ଜାବରେ ଏଭଳି କେବେ ପୂର୍ବରୁ ହୋଇନଥିଲା । ପଞ୍ଜାବବାସୀ ଭଲ କାମ ପାଇଁ ଭୋଟ କରିଛନ୍ତି, ଲୁଟ୍ କରୁଥିବା ବ୍ୟକ୍ତିଙ୍କୁ ୫୦ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି । ଏହାସହ ଭଗଓ୍ୱନ୍ତ କହିଛନ୍ତି, ପୋଲିସକୁ ପୋଲିସ କାର୍ଯ୍ୟ କରାଇବୁ । କେବେ ହଇରାଣ କରିବୁନି କି ପୋଲିସ କାମରେ ମୁଣ୍ଡ ଖେଳାଇବୁନି । ସେଥିପାଇଁ ତ ସରକାରକୁ ଆସିବାର ପ୍ରଥମ ଦିନରୁ ହିଁ ୧୨୨ ଜଣ ବ୍ୟକ୍ତିଙ୍କ ଠାରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କାଢି ନିଆଯିବ ।

# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ ,୧୩/୦୩ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ , ଫୁଲବାଣୀ ପକ୍ଷରୁ ଆଜି କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଠାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱାଧୀନତା ର ଅମୃତ ମହୋତ୍ସବ ପାଳନ ର ଶୁଭାରମ୍ଭ ହୋଇଯାଇଛି । ଏହି ମହୋତ୍ସବ ୧୧ ଓ ୧୨ମାର୍ଚ୍ଚ ଦୁଇଦିନ ଧରି ଚାଲିବ । ଏହି ଅବସରରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ କୁ ଫିରିଙ୍ଗିଆ ବ୍ଲକ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ମହନ୍ତ ଉଦ୍ଘାଟନ କରି ଲୋକାର୍ପଣ କରିଥିଲେ । ଏଥିରେ ସ୍ଥାନୀୟ ଜୁନିଅର କଲେଜ ର ଅଧକ୍ଷ ଡକ୍ଟର ଚିତ ରଞ୍ଜନ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ସ୍ୱାଧୀନତାର ବେଦୀରେ ଆତ୍ମୋତ୍ସର୍ଗ କରିଥିବା କନ୍ଧମାଳ ର ଆଦିବାସୀ ନେତାଙ୍କର ସ୍ମୃତି ଚାରଣ କରିଥିଲେ । ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ସିଡିପିଓ ଶ୍ରୀମତୀ ହରପ୍ରିୟା ମେହେର , ସହକାରୀ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ମିଶ୍ର ଏବଂ ସ୍ଥାନୀୟ ସ୍କୁଲ ର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଦାଶ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ର ଅବ୍ୟବହିତ ପୂର୍ବରୁ ଜନସାଧାରଣ ଙ୍କ ଅବଗତି ପାଇଁ ଏକ ରାଲି ଶତାଧିକ ଛାତ୍ର ଛାତ୍ରୀ ଙ୍କୁ ନେଇ ସହର ପରିକ୍ରମା କରିଥିଲା । ପରେ ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଝୋଟି, ମୁଜିକାଲ ଚେୟାର, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ଏହି କାର୍ଯ୍ୟକ୍ରମ ଉଦଯାପିତ ହେବ । ଏହି କାର୍ଯ୍ୟକ୍ରମକୁ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ, ଫୁଲବାଣୀ ର ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାୟକ ଓ କ୍ଷେତ୍ର ପ୍ରଚାର ସହାୟକ ସତ୍ୟନାରାୟଣ ନନ୍ଦ ପରିଚାଳନା କରିଥିଲେ ।

# ଜନଶୁଣାଣିରେ ପ୍ରତିଶ୍ରୁତି ଦେଲେ କମ୍ପାନୀ କର୍ତ୍ତୃପକ୍ଷ : ୩ ବର୍ଷରେ ପୂରଣ ହେବ ଦାବି

ମାଲକାନଗିରି ,୧୩/୦୩ (ନି.ପ୍ର): ନକ୍ସଲ ପ୍ରବଣ ମାଲକାନଗିରିରେ ପ୍ରତିଷ୍ଠା ହେବ ସିମେଣ୍ଟ କାରଖାନା । ସେଥିପାଇଁ ଆଜି ହୋଇଛି ଜନଶୁଣାଣି । ଆଦିବାସୀମାନେ ଜନଶୁଣାଣିରେ ଯୋଗଦେଇ ରଖିଛନ୍ତି ଅନେକ ଦାବି । ତିନି ବର୍ଷ ଭିତରେ ଦାବି ଗୁଡ଼ିକ ପୂରଣ କରାଯିବ ବୋଲି ସିମେଣ୍ଟ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ମାଲକାନଗିରି ଜିଲ୍ଲା କୋଡା ମାଟେରୁଠାରେ ପ୍ରତିଷ୍ଠା ହେବ ସିମେଣ୍ଟ କାରଖାନା । ଡାଲମିଆ କମ୍ପାନୀ ସେଠାରେ ସିମେଣ୍ଟ କାରଖାନା ପ୍ରତିଷ୍ଠା କରିବ । ସେଥିପାଇଁ ଆଜି ମାଟାପାକା ପଞ୍ଚାୟତରେ ଆୟୋଜିତ ହୋଇଥିଲା ଜନ ଶୁଣାଣି । ଏଥିପାଇଁ ପ୍ରଶାସନ ସତର୍କତା ମୂଳକ ପନ୍ଥା ଗ୍ରହଣ କରିଥିଲା । ଜନ ଶୁଣାଣି ସ୍ଥାନଠାରୁ ୫ କିଲୋମିଟର ପର୍ଯ୍ୟନ୍ତ ଚାରିଆଡେ ହୋଇଥିଲା ପୁଲିସ୍ ଛାଉଣି । ରାସ୍ତା ସାରା ତାର କଣ୍ଟା ବାଡ ସାଙ୍ଗକୁ ଜଗି ରହିଥିଲେ ଶସସ୍ତ୍ର ସୁରକ୍ଷା କର୍ମୀ । କେଉଁମାନେ ସଭା ସ୍ଥଳକୁ ଯିବେ ସେନେଇ ପୂର୍ବରୁ ତାଲିକା ପ୍ରସ୍ତୁତ କରିଥିଲା ଜିଲ୍ଲା ପ୍ରଶାସନ । ଲୋକଙ୍କୁ ତନ୍ନତନ୍ନ କରି ଯାଞ୍ଚ କରାଯାଇ ଜନ ଶୁଣାଣି ସ୍ଥାନକୁ ଛଡାଯାଇଥିଲା । ଗାଁ ଲୋକେ ପହଞ୍ଚିବା ପରେ କମ୍ପାନୀ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ସଭା ସ୍ଥଳରେ ପହଞ୍ଚିଥିଲେ । ତା'ପରେ ଆରମ୍ଭ ହୋଇଥିଲା ଆଲୋଚନା । କମ୍ପାନୀ ପାଇଁ ଜମି ହରାଉଥିବା ସ୍ଥାନୀୟ ଆଦିବାସୀମାନେ ଜିଲ୍ଲା ପ୍ରଶାସନ ପାଖରେ ଅନେକ ଦାବି ରଖିଥିଲେ । ଆଗାମୀ ତିନି ବର୍ଷ ମଧ୍ୟରେ ଲୋକଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ କମ୍ପାନୀ କର୍ତ୍ତୃପକ୍ଷ । ସ୍ଥାନୀୟ ଆଦିବାସୀ ଲୋକଙ୍କ ବିକାଶ ଲାଗି ମୋବାଇଲ ଟାୱାର, ମାଗଣା ବିଦ୍ୟୁତ, ଉତ୍ତମ ସ୍ୱାସ୍ଥ୍ୟ କେନ୍ଦ୍ର, ଭଲ ରାସ୍ତା ସହ ସୁଦ୍ଧ ପାନୀୟ ଜଳ ଓ ଲୋକଙ୍କୁ ଚାକିରି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି କମ୍ପାନୀ । ପ୍ରସ୍ତାବିତ ଡାଲମିଆ ସିମେଣ୍ଟ କାରଖାନା ପାଇଁ ମାଟାପାକା ପଞ୍ଚାୟତର ୮୦୧ ହେକ୍ଟର ଚୁନ ପଥର ଖଣି ଲିଜ୍ ପାଇଥିବା ବେଳେ କାରଖାନା ପ୍ରତିଷ୍ଠା ଲାଗି ଆଉ ୪୦୦ ହେକ୍ଟର ଜମିର ଆବଶ୍ୟକତା ରହିଛି । ସେଥି ମଧ୍ୟରୁ ୪୬୨ ଜଙ୍ଗଲ ଜମି ରହିଥିବା ବେଳେ ୩୩୮ ହେକ୍ଟର ରାଜସ୍ୱ, ୧୯୦ ହେକ୍ଟର ସରକାରୀ ଓ ୧୪୮ ହେକ୍ଟର ଆଦିବାସୀ ଲୋକଙ୍କ ପଟ୍ଟା ଜମି ରହିଛି । ତେବେ ଲୋକଙ୍କ ସହମତି ହେଲେ କମ୍ପାନୀ ପରିବେଶ ମନ୍ତ୍ରାଳୟର ମଞ୍ଜୁରି ନେଇ ମାଲକାନଗିରି ଜିଲ୍ଲାରେ ଆସନ୍ତା ତିନି ବର୍ଷ ମଧ୍ୟରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରି ସ୍ଥାନୀୟ ଅଞ୍ଚଳର ବିକାଶ କରିବ ବୋଲି କହିଛନ୍ତି କମ୍ପାନୀ କର୍ତ୍ତୃପକ୍ଷ । ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କୌଣସି କମ୍ପାନୀ ପ୍ରତିଷ୍ଠା ହୋଇନଥିବା ବେଳେ ପ୍ରଥମ ଥର ଲାଗି ଡାଲମିଆ ସିମେଣ୍ଟ ସେଠାକୁ ଯାଇଛି । ହେଲେ ଗତ ଦୁଇ ବର୍ଷ ଧରି ସ୍ଥାନୀୟ ଆଦିବାସୀ ଜମି ଓ ଜଙ୍ଗଲ ପାଇଁ ସିମେଣ୍ଟ କାରଖାନାକୁ ବିରୋଧ କରି ଆସୁଥିବା ବେଳେ ଏବେ ସେଠାରେ କରାଯାଇଛି ଜନ ଶୁଣାଣି । ତେବେ ଜନ ଶୁଣାଣିରେ ଯୋଗଦେଇଥିବା ଆଦିବାସୀ କିନ୍ତୁ ଡାଲମିଆ ସିମେଣ୍ଟ କମ୍ପାନୀର ପ୍ରତିଶୃତି ଉପରେ ଭରଷା କରିଛନ୍ତି । କାରଣ ମାଲକାନଗିରି ଜିଲ୍ଲାର ଶହ ଶହ ଶ୍ରମିକ ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସେମାନଙ୍କୁ ଏଠାରେ ସିଧା ସଳଖ ନିଯୁକ୍ତି ମିଳିବ ।

## ନବ ନିର୍ବାଚିତ ସମିତିସଭ୍ୟାଙ୍କ ବିଜେଡିରେ ଯୋଗଦାନ

ଧର୍ମଶାଳା,୧୩/୦୩ (ନି.ପ୍ର): ତ୍ରିସ୍ତରୀୟ ନିର୍ବାଚନ ଫଳାଫଳ ଘୋଷିତ ହୋଇ ସାରିଛି । ତାହା ପରେ ମଧ ଦଳ ଡିଆଁ ପର୍ବ ଲାଗି ରହିଛି । ଏହି ଦଳ ଡିଆଁ ପର୍ବକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଟପୁର ପଂଚାୟତର ନବ ନିର୍ବାଚିତ ସମିତି ସଭ୍ୟା ପ୍ରମିଳା ପାଣିଗ୍ରାହୀ ଚଳିତ ପଂଚାୟତ ନିର୍ବାଚନରେ ସମିତି ସଭ୍ୟା ପ୍ରାର୍ଥୀ ହୋଇ ବିଜେପିରୁ ବିଜୟ ଲାଭ କରିଥିଲେ । ତେବେ ଆଜି ସେ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସେ ଧର୍ମଶାଳା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ନିଜ ସମର୍ଥକଙ୍କ ଗହଣରେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ତାଙ୍କୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପୁଷ୍ପଗୁଚ୍ଛ ଓ ଦଳୀୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଯାହାକୁ ନେଇ ଏବେ ଧର୍ମଶାଳାରେ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

## ପୁଇଁତଳାରେ ଓଡିଶା କୃଷକ ଉତ୍ପାଦକ ସଂଘ ଆରମ୍ଭ

ବଲାଙ୍ଗିର ,୧୩/୦୩ (ନି.ପ୍ର): ଗତକାଲି ପୁଇଁତଳା ବ୍ଲକ ମହି ମୁଣ୍ଡା ଠାରେ ଓଡିଶା କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଇ ଆରମ୍ଭ କରାଯାଇଛି । ପୁଇଁତଳା ବ୍ଲକ କୃଷି ଅଧିକାରୀ ଶାନ୍ତନୁ କୁମାର ପଟେଲ୍ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କୃଷି ଅଧିକାରୀ ମାଧୁରୀ ନନ୍ଦ, ଆଟଗାଁ ରାଜସ୍ୱ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ସି ଏସ୍ ସି ଡ଼ି ଏମ୍ ୧ ଆଶିଷ ହୋତା , ଡ଼ି ଏମ୍ ୨ ବିଶ୍ୱାଳ ବାବୁ, ମୁଖ୍ୟ ବକ୍ତା ଲଳିତ ମୋହନ ରାଉତ, ଲଛମନ ମହାକୁର , ମହିମୁଣ୍ଡୀ ସରପଞ୍ଚ ରଞ୍ଜିତା ଭୋଇ, ପ୍ରମୁଖ ଯୋଗଦେଇ ଥିଲେ । ସଭାକୁ ପରିଚାଳନା କରିଥିଲେ ଶ୍ରୀ ଅନିରୁଦ୍ଧ ମାଝୀ ,ବ୍ୟବସ୍ଥାପକ କିଶୋର କୁମାର ରଥ ଗ୍ରାମ୍ୟ ସ୍ତରୀୟ କର୍ମି ତଥା ସଂଗଠନ ର ନିର୍ଦ୍ଦେଶକ , ସହଯୋଗ ସୁମନ୍ତ କୁମାର ସାହୁ ଓ କୃଷକ ମନେ ଯୋଗାଇଥିଲେ । କୃଷକ ସଂଗଠନ ଦ୍ୱାରା ଚାଷୀମାନେ କିପରିଭାବରେ ଉପକୃତ ହୋଇପାରିବେ ତାହା ବୁଝାଇଥିଲେ ବିଭିନ୍ନବକ୍ତା । ଏହି ସମାବେଶରେ ଗ୍ରାମ ତଥା ଆଖପାଖ ରୁ ୫୦ ରୁ ଊର୍ଦ୍ଧ୍ୱ ଚାଷୀମାନେ ଯୋଗାଇଥିଲେ ।

## ଗୋପୀନାଥ ମନ୍ଦିରରୁ ମୂର୍ତ୍ତୀ ଚୋରି

ପୁରୀ,୧୩/୦୩ (ନି.ପ୍ର): ଚନ୍ଦନପୁର ଥାନା ଅନ୍ତର୍ଗତ ବୀରନରସିଂହପୁର ଗୋପୀନାଥ ମନ୍ଦିରରୁ ୫ଟି ଅଷ୍ଟଧାତୁ ମୂର୍ତ୍ତୀ ଚୋରି ହୋଇଯାଇଛି । ମା ବନଦୁର୍ଗା, କନକଦୁର୍ଗା, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀ ଲୋକନାଥ ମୂତୀ ସମେତ ଅଳଙ୍କାର ଚୋରି ହୋଇଛି । ଘଟଣାରେ ଚନ୍ଦନପୁର ଥାନା ପୋଲିସ ତଦନ୍ତ କରୁଛି । ସେହିପରି ଦୁଇଦିନ ତଳେ କଣାସ ବ୍ଲକ ଗୋସାଣୀ ଗାଁରୁ ଇଶାଣେଶ୍ୱର ମନ୍ଦିରରୁ ଚୋରି ହୋଇଥିଲା ।

# ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ୯୯ ଟି ବିଭିନ୍ନ ମାମଲା ଓ ୫୮ ଟି ଛୋଟ ମାମଲାର ଫଇସଲା

କନ୍ଧମାଳ,୧୩/୦୩ (ନି.ପ୍ର): ନ୍ୟାୟାଳୟ ମାନଙ୍କରେ ଦୀର୍ଘ ଧରି ବିଚାରାଧୀନ ଥିବା ଓ ପ୍ରାକ୍ ମକଦ୍ଦମା ସ୍ତରୀୟ ସାମାଧାନ ଯୋଗ୍ୟ ବିଭିନ୍ନ ଛୋଟ ଛୋଟ ମାମଲା ଗୁଡ଼ିକର ଫଇସଲା କରାଯାଇ , ବିଚାରାଧିନ ମାମଲା ପରିମାଣ ହ୍ରାସ କରିବା ସହିତ ଏକ ବିକଳ୍ପ ନ୍ୟାୟିକ ପନ୍ଥା ମାଧ୍ୟମରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ସମସ୍ତ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ମଧ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ନ୍ୟାୟିକ ପଦ୍ଧତି ମାଧ୍ୟମରେ ଫଇସଲା ଉଦ୍ଦେଶ୍ୟରେ ଫୌଜଦାରୀ ଓ ଦେୱାନୀ,ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ, ପାରିବାରିକ ଓ ବୈବାହିକ ବିବାଦ ସମ୍ବନ୍ଧୀୟ ଆଦି ବିଭିନ୍ନ ମାମଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଆଗତ କରାଯାଇଥିଲା । ଜିଲ୍ଲା ଜଜ୍ -ତଥା- ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୀତାକାନ୍ତ ସାମଲଙ୍କ ଠାରୁ ପ୍ରାପ୍ତ ତଥ୍ୟ ଅନୁଶାରେ, ୧୮ ଗୋଟି ଅର୍ଥ ଅସୁଲି ମାମଲାରେ ୭ ଲକ୍ଷ ୬୦ହଜାର ୬୦୦ଟଙ୍କା ଆଦାୟ କରାଯାଇଥିବାବେଳେ ୨୯ ଗୋଟି ଫୌଜଦାରୀ ଓ ଦେୱାନୀ ମାମଲା ଫଇସଲା କରାଯାଇ ୧ଲକ୍ଷ ୭୯ ହଜାର ୫୭୫ ଟଙ୍କା ଆଦାୟ ହୋଇପାରିଛି ।

ସେହିପରି ୬ଗୋଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୭ ଲକ୍ଷ ୯୦ହଜାର ୭୨୨ଟଙ୍କା ଆଦାୟ କରାଯାଇଥିଲା ଏବଂ ୬ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୪୯ଲକ୍ଷ ୮୦ହଜାର ଟଙ୍କା ଆଦାୟ କରାଯାଇଥିଲା । ତେବେ,୯ଟି ଫୌଜଦାରୀ, ୪ଟି ନିଶା ଦ୍ରବ୍ୟ ଚାଲାଣ, ୧୧ଟି ବୈବାହିକ ବିବାଦ ଓ ୧୪ ଟି ସିଭିଲ୍ କେସ୍ ବିଚାର କରାଯାଇଥିଲା । ଏତଦ୍ ବ୍ୟତିତ ୫୮ ଗୋଟି ଛୋଟ ଛୋଟ କେସ୍ ଗୁଡ଼ିକର ବିଚାର କରାଯାଇଥିଲା । ମାନନୀୟ ଜିଲ୍ଲା ଦୌରା ଜଜ୍ -ତଥା- ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୀତାକାନ୍ତ ସାମଲ, ଅତିରିକ୍ତ ଜିଲ୍ଲା ଦୌରା ଜଜ୍-ତଥା- ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା, ପାରିବାରିକ ଅଦାଲତ ବିଚାରପତି ସ୍ମୃତିଲେଖା ବାରିକ୍, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ , ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ, ଫୁଲବାଣୀ ଭାସ୍କର ଚନ୍ଦ୍ର ସାହୁ, ସ୍ଥାୟୀ ଲୋକ ଅଦାଲତ, ଫୁଲବାଣୀର ଜଜ୍ ସନ୍ତୋଷ କୁମାର ନାୟକ, ଫୁଲବାଣୀ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୈକତ୍ ପାତ୍ର, ଦେୱାନୀ ଅଦାଲତର ରେଜିଷ୍ଟ୍ରାର ସି.ଏ.ଦେଶପ୍ରିୟ ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ରମାଦେବୀ ସୋରେନ୍, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ , ଫୁଲବାଣୀ ଅରିଜିତ୍ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିରାଜ ପ୍ରସାଦ ପଣ୍ଡା ଓ ପ୍ରେରଣାଶ୍ରୀ ଦେଓ ଏବଂ ବାର୍ ଆସୋସିଏସନ୍ର ସଦସ୍ୟ ଓ ସଭାପତି ଙ୍କ ଇଜ୍ଲାସରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା । ଏହି ମାମଲାରେ ଜଡ଼ିତ ସରକାରୀ ପଦାଧିକାରୀ, ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ ।

# ପାଣି ଅଭାବରୁ ଧାନ ଫସଲ ନଷ୍ଟ : ଚାଷୀ ହତାଶ



ଡୁଙ୍ଗୁରିପାଲି ,୧୩/୦୩ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଟୁନିଆଁମୁଣ୍ଡା ଗ୍ରାମର କେତେକ ଚାଷୀଙ୍କ ଧାନ ଫସଲ ପାଣି ଅଭାବରୁ ନଷ୍ଟ ହୋଇଯାଇଛି । ସଂପୃକ୍ତ ଚାଷୀମାନେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ କରିଛନ୍ତି । ଚାଷୀ ରାଜେନ୍ଦ୍ର ସା, ନୀଳମଣି ଛତ୍ରିଆ, ଦାଶରଥୀ ସାହୁ, କୁଶବନ୍ତ ନାଏକ, ଅନନ୍ତ ବାରିକ, ଜଗତ ପ୍ରସାଦ ଜାଲ, ହୃଦାନନ୍ଦ ସାହୁ, ଅନିରୁଦ୍ଧ ବଢ଼େଇ, ଚନ୍ଦ୍ରଭାନୁ ସାହୁ, ସମାରୁ ସାହୁ, ବଲ୍ଲଭ ବାରିକ, ଫକିର ନାଏକ ଓ ଅଭିମନ୍ୟୁ ସୁନା ପ୍ରମୁଖ ଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ କେନାଲ ପାଣି ସେମାନଙ୍କ ଜମିରେ ପହୁଞ୍ଚି ପାରୁ ନଥିବାରୁ ସେମାନେ ଲିଫ୍ଟ ଇରିଗେସନ୍ ପଏଣ୍ଟ ଲଗାଇଥିଲେ । କିନ୍ତୁ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ପ୍ରକଳ୍ପ ଚାଲିପାରୁ ନାହିଁ । ଯଦ୍ୱାରା ପାଣି ନ ପାଇ ସେମାନଙ୍କ ଜମିରେ ଧାନ ଫସଲ ନଷ୍ଟ ହୋଇଯାଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି ।

# ଫିରିଙ୍ଗିଆ ବ୍ଲକରେ ଅନୁଷ୍ଠିତ ହେଲା ମହିଳା ମେଟ ଓ ହିତାଧିକାରୀ ସମ୍ମାନ ଉତ୍ସବ

କନ୍ଧମାଳ,୧୩/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ର ସଭାଗୃହ ଠାରେ ସ୍ୱାଧିନତାର ଅମୃତ ମହୋତ୍ସବ ଓ ଅର୍ନ୍ତଜାତିୟ ମହିଳା ଦିବସ ଉପଲକ୍ଷେ ମହାତ୍ମାଗାନ୍ଧୀ କର୍ମନିଯୁକ୍ତ ଯୋଜନା ମାଧ୍ୟମରେ କାର୍ଯ୍ୟତର ମହିଳା ମେଟ ଓ ହିତାଧିକାରୀ ମାନଙ୍କୁ ସମ୍ମାନିତ କରିବା ଉଦ୍ଦେଷ୍ୟ ରେ ଏକ ହିତାଧିକାରୀ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲା ରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ କେବଳ ଫିରିଙ୍ଗିଆ ବ୍ଲକ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବ୍ଲକ ର ବଛାବଛା ୫ ଜଣ ମହିଳା ଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ ମେଟ ରହି ଥିବା ବେଳେ ଚାରି ଜଣ ହିତାଧିକାରୀ ରହିଛନ୍ତି । ତେବେ ବ୍ଲକ ର ଏପିଓ ସୁମନ୍ତ କୁମାର ଉଠାଣସିଂ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ର ହିସାବରକ୍ଷକ ଅନୁଗ୍ରହ ସଚିନ ଜାତେ, ସହକାରି ଜନ୍ତ୍ରୀ ଜୟପ୍ରକାଶ ଜେନା, ପ୍ରକଳ୍ପ ସଂଯୋଜକ ଗ୍ରାମିଣ ଅବସ ଭାବନୀଶଙ୍କର ଦେଓ, ନରେଗା ସହାୟକ ଜିତେନ୍ଦ୍ର କୁମାର ଦାସ, ସିପି ହରିଶଙ୍କର ନାଏକ , ଜିପିଓ ରବିନ୍ଦ୍ରନାଥ ବେହେରା, ମୁଖ୍ୟ କିରାଣୀ , ମାନସ କୁମାର ସେଠି, ଗ୍ରାମରୋଜଗାର ଶେବକ ଗୌରାଙ୍ଗ ଚରଣ କହଁର, ସଞ୍ଜୟ କୁମାର ଦେହୁରି, ରାକେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପଟେ ଏହି ସମ୍ମାନିତ କରାଯାଇଥିବା ପାଂଚଜଣ ମହିଳା ଙ୍କ ମଧ୍ୟରୁ ଉତମ ମେଟ ଭାବରେ ଜାଜେସ ପାଙ୍ଗା ପଂଚାୟତ ର ସମୁନ୍ତଳା କହଁର ଓ ବନ୍ଧଗଡ ପଂଚାୟତ ର ଉଷାରାଣୀ ଦିଗାଳ ରହିଥିବା ବେଳେ ଉତମ ସେଚକୂପ ଖନନ ପାଇଁ ରତଙ୍ଗ ପଂଚାୟତ ର ପଦ୍ମିନି ପ୍ରଧାନ ଓ ଗୀତାଞ୍ଜଳୀ ଲହରିଆ ରହିଥିବା ବେଳେ କାଶିନିପଦର ପଂଚାୟତର ଲକ୍ଷ୍ମୀ କହଁରଙ୍କୁ ଉତମ ଗାଇଗୁହାଳ ନିର୍ମାଣ ପାଇଁ ସମ୍ମାନିତ କରାଯାଇଥିଲା ।

# ପୌର ନିର୍ବାଚନ ମଇଦାନରେ ଓହ୍ଲାଇଲେ ନରସିଂହ

ବଲାଙ୍ଗିର ,୧୩/୦୩ (ନି.ପ୍ର): ପୌର ନିର୍ବାଚନ ପୁଣି ଆସିଛି ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନରେ ତାଙ୍କ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିବେ । ଆପଣମାନଙ୍କ ପାଖରେ ସମୟ ଅଛି ଚିନ୍ତା କରିବେ ଯେ ଆପଣଙ୍କ ସହର ବଲାଙ୍ଗିରକୁ ଠିକ୍ ହିସାବରେ ଗଢି ତୋଳିବା ପାଇଁ, କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ ଆପଣଙ୍କ ଭୋଟର ପ୍ରକୃତ ମୁଲ୍ୟ ଫେରି ପାଇପାରିବେ । ଆପଣମାନେ ଅତିତରେ ଦେଖିଛନ୍ତି ଏଠାରେ ବିଜୁ ଜନତା ଦଳ ପୌର ପାଳିକା ଲଗାତାର ତୃତୀୟ ପାଳି ପର୍ଯ୍ୟନ୍ତ ଦିର୍ଘ ୧୫ ବର୍ଷ ଶାସନ କରିଥିଲା । ସେମାନେ କରିଛନ୍ତି କଣ ଆପଣ ହିସାବ କରନ୍ତୁ ଏବଂ ଠିକ୍ ପ୍ରାର୍ଥୀ ବାଛି ଭୋଟ ଦାନ କରନ୍ତୁ ବୋଲି ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ୨୧ ନଂ. ୱାର୍ଡର ଖଇରାପଡା, ଡେମପଡା, ଶାସ୍ତ୍ରୀନଗର ଏବଂ ୱାର୍ଡ ନଂ.୯ ର ବେହେରାପାଲି ଏବଂ ସତ୍ୟନାରାୟଣପଡା ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁ, କାଉସିଲର ପ୍ରାର୍ଥୀ ମନୋଜ ବେହେରା ଏବଂ ସନ୍ତୋଷିନୀ କୁମ୍ଭାର ଭୋଟ ମାଗିବା ବେଳେ ଉପସ୍ଥିତ ଜନସାଧାରଣଙ୍କୁ କହିଛନ୍ତି । ପୌରପାଳିକା କିଛି ଉନ୍ନତି କରିଛି ତେବେ ବଲାଙ୍ଗିରର ୧୬ ଗୋଟି ବନ୍ଧ ଥିଲା ସେ ବନ୍ଧମାନଙ୍କ ଅବସ୍ଥା ଏବେ ନାଳ ନର୍ଦ୍ଦମା ସହିତ ସମାନ ଓ ବ୍ୟବହାର ଅନୁପଯୋଗି । ତେଣୁ ଆପଣଙ୍କୁ ଚିନ୍ତା କରିବାକୁ ପଡିବ ଆପଣମାନେ ଯେପରି ଭାବରେ ୨୦୧୪ ମସିହାରେ ବିରାଟ ରାଜନୈତିକ ପରିବର୍ତ୍ତନ କରି ନରସିଂହ ମିଶ୍ରଙ୍କ ସପକ୍ଷରେ ବିପୁଳମାତ୍ରାରେ ଭୋଟ ଦେଇଥିଲେ ସେ ପରି ଭାବରେ ଚଳିତ ପୌର ନିର୍ବାଚନରେ ମଧ ବଲାଙ୍ଗିରର ବିକାଶ ପାଇଁ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବଲାଙ୍ଗିର ବିକାଶ ରେ ଭାଗିଦାରି ହୁଅନ୍ତୁ । ଦେଖିବେ ବଲାଙ୍ଗିର ନିଶ୍ଚିତ ଭାବରେ ସରସ ସୁନ୍ଦର ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ ବାରମ୍ବାର ଗୋଟିଏ ଦଳକୁ ଭୋଟ ଦେବା ଦ୍ୱାରା ସେମାନେ ବିଭିନ୍ନ ସମୟରେ ଦୁର୍ନିତି ତଥା ଏକଛତ୍ରବାଦ ଶାସନ ଚଳାଉଛନ୍ତି । ଗତ ୭ ବର୍ଷ ଭିତରେ ଏଠିକାର ସ୍ୱାସ୍ଥ୍ୟ, କ୍ରିଡା ଭିତ୍ତିଭୂମି, ଗମନାଗମନ, ଶିକ୍ଷା ଭିତ୍ତିଭୂମିରେ ଜୋରଦାର ସୁଧାର ଆସିଛି । ଏହା କେବଳ ସମ୍ଭବ ହୋଇଛି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ଉଦ୍ୟମ ଦ୍ୱାରା । ଏଥିରୁ ଆମକୁ ସ୍ୱଷ୍ଟ ଭାବରେ ବୁଝିବାକୁ ପଡିବ ଯେ ଯେତେବେଳେ ବି କଂଗ୍ରେସ ଦଳ ଶାସନକୁ ଆସିଛି ସେତେବେଳେ ସାଧାରଣ ଜନତାଙ୍କ ବିକାଶ ନିଶ୍ଚୟ ହୋଇଛି । ଏଣୁ ସମସ୍ତଙ୍କୁ ଅନୁରୋଧ ସମସ୍ତେ କଂଗ୍ରେସ ଦଳର ପ୍ରାର୍ଥି ତଥା ପୌରାଧକ୍ଷା ପ୍ରାର୍ଥିନୀକୁ ଭୋଟ ଦେଇ ଜୟଯୁକ୍ତ କରନ୍ତୁ । ଆଜି ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନି, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, କିଶାନ ସେଲ ସଭାପତି ସାନନ୍ଦ ମିଶ୍ର, କୁଳମଣି ସାହୁ, ରୋଶନ ମିଶ୍ର, ଲୋପନ ମିଶ୍ର, ଅଭିନାଶ ପ୍ରସାଦ ସାଏ, ନାସିର ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଇକ ସହ ୨୧ କିଲୋ ଗଞ୍ଜେଇ ଜବତ ଜଣେ ଗିରଫ

କନ୍ଧମାଳ,୧୩/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗେଛାପଡା ଥାନା ପୋଲିସ ପୁଣି ଥରେ ଏକ ବାଇକ ସହ ୨୧ କିଲୋ ଗଞ୍ଜେଇ ଜବତ କରି ଏହି ଘଟଣାରେ ଦୁଇଜଣ ବ୍ୟକ୍ତି ଙ୍କୁ ଗିରଫ କରିଛି । ତେବେ ଗୋଛାପଡା ଥାନା ଅଧିକାରି ରଞ୍ଜିତ କୁମାର ମୁନି ତାଙ୍କ ଟିମ ସହ ପେଟ୍ରୋଲିଂ କରୁଥିବା ସମୟରେ ଫିରିଙ୍ଗିଆ ଗୋଛାପଡା ରାସ୍ତାର ଜାରୁଗଣ୍ଡା ଘାଟି ନିକଟରେ ଫିରିଙ୍ଗିଆ ପଟୁ ଗୋଛାପଡା ପଟକୁ ଆସୁଥିବା ଏକ ବାଇକ କୁ ସଂନ୍ଦେହ ରେ ଅଟକାଇ ଥିଲେ । ବାଇକ କୁ ପୋଲିସ ଜାଂଚ କରିବା ସମୟରେ ବାଇକ ରୁ ୨୧ କିଲୋ ଗଞ୍ଜେଇ ବାହାରିଥିଲା। ତେବେ ବାଇକରୁ ବାହାରି ଥିବା ଗଞ୍ଜେଇ ସହ ବାଇକ ରେ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି । ଜାବତ ବାଇକ ର ନମ୍ବର ଓଡି ୧୨ଡି୭୫୨୦ ରହିଥିବା ବେଳେ ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ଫିରିଙ୍ଗିଆ ବ୍ଲକ ପଲାବୃଡି ପଂଚାୟତ ମୁସୁଲିପାଙ୍ଗା ନେଡିପଦର ଗାଁ ର ଦିସାରା ଦିଗାଳ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ ପକାରି ପଂଚାୟତ ବେଲଡୋଲି ଗାଁ ର ପ୍ରଭାତ ଦିଗାଳ ବୋଲି ଜଣାପଡିଛି । ଅନ୍ୟପଟେ ଏହି ଦୁଇଜଣ ଅଭିଯୁକ୍ତ ଜବତ ହୋଇଥିବା ଗଞ୍ଜେଇକୁ ମୁସୁଲିପାଙ୍ଗା ଅଂଚଳ ରୁ ବୌଦ୍ଧ ଜିଲ୍ଲା କଂଟାମାଳ ଅଂଚଳ କୁ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତ ରୁ ଜଣାପଡିଥିବା ବେଳେ ଏହି ଘଟଣା ସକ୍ରାନ୍ତରେ ଗୋଛାପଡା ଥାନା ରେ ୩୫/୨୦୨୨ ରେ ଏକ ମାମାଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ଶୂଚନା ଦେଇଛନ୍ତି ।

# ପୌର ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୧୩/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ନିର୍ବାଚନ ପରିଚାଳନା ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏହି ୨ଟି ପୌର ଅଂଚଳରେ ମୋଟ ୭୫ଟି ବୁଥ୍ ଥିବାବେଳେ ସେଥିରୁ କେନ୍ଦ୍ରାପଡାରେ ୪୧ଟି ଓ ପଟ୍ଟାମୁଣ୍ଡାଇ ରେ ୩୪ଟି ବୁଥରେ ଭୋଟ ଗ୍ରହଣ କରାଯିବ । ଇଭିଏମ ମେସିନ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବାକୁ ଥିବାବେଳେ ଏହାର ପରିଚାଳନା ଓ ଭୋଟ ଗ୍ରହଣ ପ୍ରକ୍ରିୟା ସମ୍ବନ୍ଧରେ ଏହି ଅଫିସର ମାନଙ୍କୁ ୨ଜଣ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିବେ । ରାଜ୍ୟ ନିର୍ବାଚନ କମିଶନ ମାଷ୍ଟର ଟ୍ରେନର ଭାବେ ଡେପୁଟି କଲେକ୍ଟର ଅଶୋକ କୁମାର ମହାନ୍ତି ଓ ପ୍ରଫୁଲ୍ଲ କୁମାର ବିଶ୍ୱାଳ ନିଯୁକ୍ତି ପ୍ରଦାନ କରିଥିବା ଜଣାପଡିଛି । ରାଜ୍ୟ ନିର୍ବାଚନ କମିଶନ ଏନେଇ ଭିଡିଓ କନଫରେନ୍ସ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଫିସର ପିତାମ୍ବର ସାମଲ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଏପିଡି ମନ୍ଦରଧର ମଲିକଙ୍କ ସହ ତାଲିମ ପ୍ରଦାନ ସଂପର୍କରେ ତଥ୍ୟ ପ୍ରଦାନ କରିଥିବା ଜଣାପଡିଛି ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୨

ଜୟପୁର,୧୩/୦୩ (ନି.ପ୍ର): ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୨ ଆଜି ଜୟପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୧ ଅନୁଷ୍ଠିତ ହୋଇଛି । ଏହା ଜିଲ୍ଲା ଆଇନ ସେବା ପ୍ରାଧିକରଣ ତଥା ସ୍ଥାୟୀ ନିରନ୍ତର ଲୋକଅଦାଲତ ମାଧମରେ ବିଭିନ୍ନ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦ୍ଦମା ମାମଲା ଗୁଡିକ ଆପୋଷ ମିଳାମିଶା ମାଧମରେ ସମାଧାନ କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇଥିଲା ଏଥିସହ ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା କୋରାପୁଟ ଜିଲ୍ଲାର ଜୟପୁର କୋର୍ଟର ଦୌରା ଜଜ ଶ୍ରୀ ସୌମେନ୍ଦ୍ର କୁମାର ରାଜଗୁରୁ, ଶ୍ରୀ ସରୋଜ କୁମାର ସାହୁ, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଅତିରିକ୍ତ ଜିଲ୍ଲାଜଜ୍, ଶ୍ରୀ ରାଜେସ୍ ନାୟାର୍, ସି.ଜେ.ଏମ ଶ୍ରୀ ଦିଲ୍ଲୀପ କୁମାର ସାହୁ ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ଶ୍ରୀ ଶରତ କୁମାର ଜେନା, (ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ଶ୍ରୀ ଶୁଭଗୌତମ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି, ମୁସରତ୍ ଜାହିନି ଏସ୍.ଡି.ଜେ.ଏମ୍, ଶ୍ରୀମତୀ ରେଖାରାଣୀ ପଠା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ, ଦଣ୍ଡାଧିକାରୀ ଶ୍ରୀ ଚରଣ ଜେନା, ଶ୍ରୀମତୀ ପଲ୍ଲଭି ପ୍ରିୟଦର୍ଶିନୀ ଦାସ୍, ଉପସ୍ଥିତ ରହି ମକଦ୍ଦମା ସମାଧାନ କରିଥିଲେ । ଏହା ବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନ ଜୀବୀ ଶ୍ରୀ ଶଶାନନ୍ଦ ମିଶ୍ର ଶ୍ରୀ ଦାସରଥି ପଟ୍ଟନାୟକ, ଶ୍ରୀ ତ୍ରିନାଥ ସିଂହ ଲାଲ୍ ଶ୍ରୀ ବଳରାମ ଖୋରା, ମିସ୍ ମନୋଜବାଳା ଦିନବନ୍ଧୁ, ଶ୍ରୀ ପି.ରମେଶ ପାତ୍ର, ଶ୍ରୀ ସୁଧିର କୁମାର ପାଢୀ, ଶ୍ରୀ ଜେ.ସତ୍ୟନାରାୟଣ ଆଚାରୀ, ଶ୍ରୀ ଉମାଶଙ୍କର ସାହୁ, ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ କେଶ ଗୁଡିକର ସମାଧାନ କରିବାରେ ସହଯୋଗ କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମୁଦାୟ କ୍ରିମିନାଲ କମ୍ପାଉଠେବଲ୍ କେସ୍. ଏନ.ଆଇ ଆକଟ୍ ଏବଂ ବ୍ୟାଙ୍କ କେଶ୍ , ଏମ୍.ଏ.ସି.ଟି କେଶ ଏବଂ ଅନ୍ୟାନ୍ୟ ଦେୱାନୀ କେସ୍ ଓ ମକଦ୍ଦମା ସହିତ ସର୍ବମୋଟ ୨୯୭ ଟି ସମାଧାନ କରାଯାଇ, ଏବଂ ୯,୩୬,୩୨,୯୭୩ ଟଙ୍କ । ଧାର୍ଯ୍ୟ କରାଗଲା କରାଗଲା . ଏବଂ ପ୍ରି-ଲିଟିଗେସନ କେଶ୍ ମଧ୍ୟରେ ବ୍ୟାଙ୍କ ବିବାଦ ଓ ଅନ୍ୟ ମକଦ୍ଦମା ବିବାଦ ୬୨ ସମାଧାନ କରାଯାଇ ୨୭,୧୦,୧୦୦/- ଟଙ୍କ । ଧାର୍ଯ୍ୟ କରାଗଲା କରାଗଲା ।.

# ଫ୍ୟାଶନ୍ ଡିଜିଟାଲ ପ୍ରିଣ୍ଟ

**ଆପଣଙ୍କ ଡ୍ରେସିଙ୍ଗ୍ ସେନ୍ସ ଆପଣଙ୍କୁ ଆକର୍ଷଣୀୟ କରୁଛି ନା ଭଦ୍ଦା କରିଦେଉଛି । ସେସବୁ ବିଷରେ ଆପଣ ଚିନ୍ତା କରୁଛନ୍ତି କି ? ଫ୍ୟାଶନ୍‌ର ଦୌଡରେ ପଛରେ ନ ରହିବା ପାଇଁ ଆପଣ ସେ ସବୁ ଫ୍ୟାଶନକୁ ତ ଫଲୋ କରୁନାହାନ୍ତି ଯାହା ଆପଣଙ୍କ ଉପରେ ସୁଟ୍ ହେଉନଥିବ । ସାଧାରଣତଃ ଦ୍ୱିବିଧାରେ ଆସି ଯେ କୌଣସି ଡ୍ରେସ୍ ପ୍ରାୟତଃ ମହିଳାମାନେ ପିନ୍ଧିଥାନ୍ତି । ଏପରି ସାମାନ୍ୟ ଭୁଲ୍ ପାଇଁ ଆପଣଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ ପ୍ରଭାବିତ ହୋଇପାରେ । ତେଣୁ କିଛି ଫ୍ୟାସନ ଷ୍ଟାଇଲ ଟିପ୍ସକୁ ଫଲୋ କରି ଆପଣଙ୍କ ବ୍ୟକ୍ତିତ୍ୱକୁ ଷ୍ଟାଇଲିଶ ଲୁକ୍ ଦିଅନ୍ତି ।**

### କ୍ଲାସିକ୍ ଲୁକ

ଯଦି ଆପଣ କ୍ଲାସିକ୍ ଲୁକ ପସନ୍ଦ କରୁଛନ୍ତି ତେବେ ପ୍ରିଣ୍ଟିରେ ବ୍ଲାକ୍ ଓ ହ୍ୱାଇଟ୍‌ର କମ୍ବୋ ଡ୍ରେସ୍ ସବୁବେଳ ପାଇଁ ଆକର୍ଷଣୀୟ ଲୁକ୍ ଦେବେ । ଟ୍ରାଡିସନାଲ ଲୁକ୍ - ଟ୍ରାଡିସନାଲ ଲୁକ୍ ପାଇଁ ଆପଣ ଆଗ୍ନୋଜିନିକ ବା ନାଚୁରାଲ ଡାଇର ରାଜସ୍ଥାନୀ ଓ ଜୟପୁରୀ ପ୍ରିଣ୍ଟ୍ ପସନ୍ଦ କରିପାରିବେ ।







### ଡିଜିଟାଲ ପ୍ରିଣ୍ଟ୍

ପ୍ରିଣ୍ଟେଡ୍ ଡ୍ରେସ୍ ଆପଣଙ୍କ ସୌନ୍ଦର୍ଯ୍ୟକୁ କିପରି ଦ୍ୱିଗୁଣିତ କରିବ ତାହାକୁ ଆଖି ଆଗରେ ରଖି ଫ୍ୟାସନ ଡିଜାଇନ୍‌ର ଟିପସ ଦେଇଥାନ୍ତି । ସେମାନଙ୍କ ମତରେ ଝିଅମାନେ ପ୍ରିଣ୍ଟିକୁ ନେଇ ବହୁ ସଚେତନ ଥାନ୍ତି । ତଥାପି ଡିଜିଟାଲ ଦୁନିଆରେ ଫେବ୍ରିକ୍ ପ୍ରିଣ୍ଟ୍‌ର ଅନେକ ଷ୍ଟାଇଲ ଆପଣଙ୍କୁ ଏକଦମ୍ ପରଫେକ୍ଟ ଲୁକ୍ ଦେବ । ଆଜିକାଲି ପ୍ରିଣ୍ଟ୍ ଷ୍ଟାଇଲ୍ ଫ୍ୟାସନରେ ଅଛି । ସେଥିରେ ଯଦି ଆପଣ ଡିଜିଟାଲ ଷ୍ଟାଇଲ ପସନ୍ଦ କରିବେ ତେବେ ତାହା ଆପଣଙ୍କୁ ପରଫେକ୍ଟ ଲୁକ୍ ଦେବ । ମାର୍କେଟ୍‌ରେ ସ୍କ୍ରିନ୍ ପ୍ରିଣ୍ଟି, ବ୍ଲାକ୍ ପ୍ରିଣ୍ଟିରୁ ଆରମ୍ଭ କରି ଲାଟେଷ୍ଟ ଆଉ ଡିଜିଟାଲ ପ୍ରିଣ୍ଟ୍ ଫ୍ୟାସନ କଲେକ୍ସନ୍‌ର ଆହୁରି ଅଧିକା ଚାହିଦା ବଢ଼ୁଛି । ଆପଣ ମଧ ଏହି ପ୍ରିଣ୍ଟ୍‌ସର ବିଶେଷତା ଜାଣି ନିଜ ପାଇଁ ସଠିକ୍ ପ୍ରିଣ୍ଟ୍‌ର କଲେକ୍ସନ୍‌କୁ ପସନ୍ଦ କରିପାରିବେ ।

### ପ୍ରିଣ୍ଟେଡ୍ ଫ୍ୟାସନ

ଏହାର ବିଶେଷତା ହେଲା ଏହା କେବେ ମଧ ଆଉଟ୍‌ଡେଟ୍‌ରେ ହୁଏ ନାହିଁ । କେବଳ ଗୋଟେ ସିଜନରୁ ଅନ୍ୟ ଏକ ସିଜନ ପାଇଁ ଶେଡ୍‌ର ପରିବର୍ତ୍ତନ ହୋଇଥାଏ ।

### ବେସ୍‌ର ଧ୍ୟାନ ରଖନ୍ତୁ

ଫେବ୍ରିକ୍‌ର ବେସ୍‌ର ସଠିକ୍ ସିଲେକ୍ସନ ପ୍ରିଣ୍ଟ୍‌ର ସୁନ୍ଦରତାକୁ ଆହୁରି ଅଧିକ ଆକର୍ଷଣୀୟ କରିଥାଏ । ସେଥିପାଇଁ ବେସ୍‌କୁ ଆଖିଆଗରେ ରଖି ନିଜର ଡ୍ରେସ୍‌କୁ ପସନ୍ଦ କରନ୍ତୁ । ଆଉଟ୍ ଫିଟ୍‌ସରେ ଇଭେନିଙ୍ଗ୍ ଗ୍ଲାମର ମିଶାଇବା ପାଇଁ ଶିଫନ୍, ଜର୍ଜେଟ୍, ନେଟ୍ ପରି ବେସ୍ ଫେବ୍ରିକ୍‌ର ପ୍ରିଣ୍ଟ୍ ଟ୍ରାଏ କରନ୍ତୁ ।

### କାଜୁଆଲ ଡ୍ରେସ୍

କାଜୁଆଲ ବା ଫର୍ମାଲ ଡ୍ରେସ୍ ପାଇଁ ସିଲ୍‌କ, ସେଟିନ୍, କଟନ, ବା ଖଦୀ ସହିତ ଅଲଗା ଅଲଗା ପ୍ରିଣ୍ଟ୍‌ର ଏକ୍ସପେରିମେଣ୍ଟ କରନ୍ତୁ ।

### ଭାଇବ୍ରେଣ୍ଟ

ଆପଣ ଯଦି ଆପଣଙ୍କ ଡ୍ରେସ୍‌ରେ କିଛି ଭାଇବ୍ରେଣ୍ଟ ଚାହୁଁଛନ୍ତି ତେବେ କଲରର ପ୍ରିଣ୍ଟ୍ ବେଷ୍ଟ ଅପ୍ସନ ରହିବ ।

# ସ୍ମରଣ ଶକ୍ତି ବୃଦ୍ଧି ପାଇଁ ଧ୍ୟାନ



ଏକାଗ୍ରତା ପାଇଁ ମାଇଣ୍ଡଫୁଲ ମେଡିଟେସନ ଲାଭକାରୀ ହୋଇଥାଏ । ଏହାଦ୍ୱାରା ମସ୍ତିଷ୍କର ମାଂସପେଶୀ ମଜଭୂତ ହେବା ସହିତ ସ୍ମରଣ ଶକ୍ତି ବୃଦ୍ଧ ହୋଇଥାଏ । ସେଥିପାଇଁ ପ୍ରଥମେ ଆରାମଦାୟକ ସ୍ଥିତିରେ ବସି ନିଶ୍ୱାସ ସହଜ ଉପାୟରେ ନିଆଯାଏ । କିଛି ସମୟ ପରେ ଧ୍ୟାନକୁ ନିଶ୍ୱାସ ପ୍ରଶ୍ୱାସ ଉପରେ କେନ୍ଦ୍ରୀତ କରି ଏକାଗ୍ରଚିତ୍ତ ହେବା ଉଚିତ । ଏହି କ୍ରମ କିଛି ସମୟ ପର୍ଯ୍ୟନ୍ତ ଲାଗିବ । ଲଗାତାର ଧ୍ୟାନ ନିଶ୍ୱାସ ଉପରେ ରହୁଥିବ । ଏହିପରି ପ୍ରତ୍ୟେହ ଦିନ ୨୦ରୁ୩୦ ମିନିଟ୍ ପର୍ଯ୍ୟନ୍ତ କରିବା ଉଚିତ । ଏହାଦ୍ୱାରା ମସ୍ତିଷ୍କର ମାଂସପେଶୀ ମଜଭୂତ ହେବ । ସାଧାରଣତଃ ଲୋକମାନଙ୍କର ପୁରୁଣା କଥା ଚିନ୍ତା କରିବା ବା ଭବିଷ୍ୟତରେ କଣ କରାଯିବ ସେହି ଉପରେ ଧ୍ୟାନ ରହିଥାଏ । ସେଥିପାଇଁ ମାଇଣ୍ଡଫୁଲନେସ ମେଡିସେନ ନିୟମିତ ଭାବରେ କରିଲେ ଏସବୁ ଚିନ୍ତାରୁ ମୁକ୍ତ ହୋଇପାରିବେ । ଫାଲତୁ କଥା ଉପରେ ଧ୍ୟାନ ରହିବ ନାହିଁ । ଏଥିରେ ଏକାଗ୍ରତା ବୃଦ୍ଧି ପାଇବ । ଗର୍ଭବତୀ ମହିଳା ଓ ଯୁବତୀଙ୍କ ପାଇଁ ବିଶେଷ ଲାଭକାରୀ ହୋଇଥାଏ । ସାଇକୋସିସ ରୋଗୀମାନେ ମାଇଣ୍ଡଫୁଲ ମେଡିଟେସନ୍ କରିବା ଉଚିତ ନୁହେଁ । ସେମାନଙ୍କୁ ଭ୍ରାନ୍ତି ଓ କାଳ୍ପନିକ ଜିନିଷ ଦେଖାଯିବ । ଏହାଦ୍ୱାରା ସେମାନେ ଅସଙ୍ଗତ କଥା କହିବେ ଓ ଉଗ୍ର ହୋଇଯିବେ । ନିୟମିତ ଦିନଚର୍ଯ୍ୟାରେ ଏହି ମେଡିଟେସନକୁ ସାମିଲ କରିବା ଉଚିତ । ସକାଳୁ ଉଠିବା ପରେ ଢ଼ିଲା ଡ୍ରେସ ପିନ୍ଧି, ଚିନ୍ତାଶୂନ୍ୟ ହୋଇ କୌଣସି ଆରାମ ଦାୟକ ସ୍ଥାନରେ ବସି ଆଖିକୁ ବନ୍ଦ କରି ଧ୍ୟାନକୁ କେନ୍ଦ୍ରିତ କରି ଏହି ମେଡିଟେସନ କରିବା ଉଚିତ୍ ।

# ଗଛକଟା ରୋକିବା ପାଇଁ ଦେବା-ଦେବୀଙ୍କ ସାହାରା

ଗଛକଟା ରୋକିବା ପାଇଁ ଜଣେ ପରିବେଶବିତ୍ ଯେଉଁ ଧାରା ଆପଣାଇଛନ୍ତି ତାକୁ ଲୋକେ ପ୍ରଶଂସା କରିବା ସହ ଏହାର ସଫଳତା ମଧ ଦେଖିବାକୁ ମିଳିଛି । ଉ ରପ୍ରଦେଶର ଗୋଣ୍ଡାରେ ରହୁଥିବା ପରାଗଦ ମିଶ୍ର ଏପରି ଜଣେ ପରିବେଶ ପ୍ରେମୀ ଯିଏ ଗଛର ସଂରକ୍ଷଣ ପାଇଁ ଦେବା-ଦେବୀଙ୍କ ସାହାରା ନେଥଛନ୍ତି । ଓ୍ୱଜିରଗଞ୍ଜ ବିକାଶଖଣ୍ଡର ନଗବା ଗ୍ରାମରେ ରହୁଥିବା ମିଶ୍ର କହିଛନ୍ତି ଯେ, ଭି ିଭୂମିର ବିକାଶ ଏବଂ ରାସ୍ତା ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛ କଟା ହେଉଛି । ଲୋକଙ୍କୁ ଜଳବାୟୁ ପରିବ ର୍ନ କିମ୍ବା ପରିବେଶର ଅସନ୍ତୁଳତା ନେଇ କୌଣସି ଜ୍ଞାନ ନାହିଁ । ତେଣୁ ଲୋକଙ୍କ ମନରେ ଗଛ କାଟିବାର ଭୟ ସୃଷ୍ଟି ପାଇଁ ମୁଁ ପ୍ରତି ଗଛରେ ଦେବା-ଦେବୀଙ୍କ ଫଟୋକୁ ଚିତ୍ରିତ କରୁଛି । ପ୍ରତି ଠାକୁରଙ୍କ ଫଟୋରେ ସିନ୍ଦୁର,ଚନ୍ଦନ ଏବଂ କପଡା ମଧ ଲଗାଉଛି । ଫଳରେ ଏବେ ଗ୍ରାମବାସୀମାନେ ଗଛ କାଟିବା ବଦଳରେ ସେହି ଗଛକୁ ପୂଜା କରୁଛନ୍ତି । ଗୋଟିଏ ଗୋଟିଏ ଗଛରେ ଚିତ୍ର ପାଇଁ ୨୦୦ ଟଙ୍କା ଖର୍ଚ୍ଚ ହେଉଛି । ଅଦ୍ୟାବଧି ଏହି କାରଣରୁ ୧ ହଜାର ଗଛକୁ ବଂଚାଯାଇପାରିଛି ।

# ଦୈନିକ କଲରା ଖାଆନ୍ତୁ: ମିଳିବ ଏହି ସବୁ ସୁବିଧା

ଆପଣ କଲରା ଖାଇବାକୁ ପସନ୍ଦ କରନ୍ତି ତ ? କଲରାକୁ ଆପଣ କଞ୍ଚାରୁ ଆରମ୍ଭ କରି ସିଝା, ତରକାରୀ, ଭଜା ଆଦି ବିଭିନ୍ନ ଉପାୟରେ ଖାଇପାରିବେ । ପସନ୍ଦ ଥାଉ କିମ୍ବା ନଥାଉ କଲରା କିନ୍ତୁ ନିଶ୍ଚୟ ଖାଆନ୍ତୁ । ଏହା ଦେହ ପାଇଁ ଖୁବ୍ ଉପକାରୀ । କଲରା ଖାଇବା ଦ୍ୱାରା ବିଭିନ୍ନ ରୋଗ ଭଲ ହୋଇଥାଏ । ବିଶେଷ କରି ମହିଳାମାନଙ୍କ ଋତୁସ୍ରାବ ସମୟରେ ଏହା ଖୁବ୍ ଉପକାରୀ । ଏହି ସମୟରେ ମହିଳାମାନଙ୍କର ଯେଉଁ ଅସହ୍ୟ ପ୍ରକାରର ପେଟ ବଥା ହୋଇଥାଏ ତାହାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ । ଆପଣଙ୍କୁ ଜଣାଇ ଦେଉଛୁ ଯେ କଲରାର ପତ୍ରରେ ଭିଟାମିନ୍ ସି'ରୁ ନେଇ ଭିଟାମିନ୍ ଏ ପର୍ଯ୍ୟନ୍ତ ଆଣ୍ଟିଅକ୍ସିଡାଣ୍ଟ୍ ରହିଛି । କଲରା ଖାଇବା ଦ୍ୱାରା ଆମ ରକ୍ତ ବିଷୋଧିତ ହୋଇଥାଏ । ଯାହା ଫଳରେ ଚର୍ମ ରୋଗ ବିଶେଷ ହୋଇନଥାଏ । ମୁହଁରେ ହେଉଥିବା ବ୍ରଣରୁ ନେଇ, କାଛୁ, କୁଣ୍ଡିଆ ଆଦି ପାଇଁ କଲରା ଅବ୍ୟର୍ଥ ଔଷଧ ପରି କାମ କରେ । କଲରା ଜୁସ୍ ପିଇଲେ ଏହା ଶରୀରର ଔଜନ ହ୍ରାସରେ ସାହାଯ୍ୟ କରେ । ଆପଣ ଦୈନିକ ସକାଳୁ ୧ ଗ୍ଲାସ୍ କଲରା ଜୁସ୍ ମଧ ପିଇପାରନ୍ତି ।



# ରୋଷେଇ ସହଜ ହେବ

**ଅନେକ ସମୟରେ ଖାଦ୍ୟ ରୋଷେଇ କରିବା ବେଳେ ଲୁଣ, ଲଙ୍କା କମ୍ ପଡ଼ିଯାଏ । ଖାଦ୍ୟ ସାମଗ୍ରୀ ଦରସିଝା ହୋଇଯାଏ ପରିବାର ସଦସ୍ୟ ହୁଅନ୍ତୁ କି ଅତିଥି ସେମାନଙ୍କୁ ଏଭଳି ଖାଦ୍ୟ ପରଷିବାକୁ ନିଶ୍ଚୟ ଖରାପ ଲାଗେ । ରୋଷେଇ ବେଳେ ଏପରି ଛୋଟ ମୋଟ ଭୁଲ୍ କିପରି ସୁଧାରିବେ, ଜାଣନ୍ତୁ-**



- ଭଜାରେ ଅଧିକ ଲୁଣ ହୋଇଥିଲେ ଗୋଟିଏ ପିଆଜ କିମ୍ବା ଆଳୁ କାଟି ମିଶାଇ ଦିଅନ୍ତୁ । ଯଦି ତରକାରି ହୋଇଥାଏ, ସେଥିରେ ଅଟା ଗୁଳା କରି ପକାଇଦେଲେ ଲୁଣ ପରିମାଣ କମିଯାଏ । ଅଟା ଗୁଳା ପକାଇବା ପରେ ତରକାରି ଅଳ୍ପ ବହଳିଆ ହେବାର ଆଶଙ୍କା ଥିବାରୁ ଅଲଗା ପ୍ୟାନରେ ପାଣି ଫୁଟାଇ ଏଥିରେ ପକାଇ ପାରନ୍ତି ।
- ଭାତ ଏମିତି ସହଜରେ ପୋଡ଼ିଯାଏନି । ଯଦି କେବେ ଲାଗିଯାଇଥାଏ, ଏହା ଉପରେ ହ୍ୱାଇଟ୍ ବ୍ରେଡ୍ ଖଣ୍ଡ ରଖି ଅଧଘଣ୍ଟା ଯାଏ ଘୋଡ଼ାଇଦେବେ ପୋଡ଼ିବାର ବାସ୍ନା ଏବଂ ସ୍ୱାଦ ନିଚ୍ଚୟ କମିଯିବ ।
- ଗ୍ରାଇଣ୍ଡର ବଦଳରେ ଶିଳରେ ପୋଦିନା ଚଟଣି ବାଟିଲେ, ଏହା ଅଧିକ ସ୍ୱାଦିଷ୍ଟ ଏବଂ ସତେଜ ରହେ । ଶିଳରେ ବାଟିଲେ ଏଥିରୁ ବେଶୀ ପାଣି ମଧ ବାହାରେନି ।
- ଅନେକ ସମୟରେ ଛଣାଛଣି କରିବା ପରେ ତେଲ ବଳିଯାଏ । ଏଥିରେ ଛୋଟ ଛୋଟ ଅଦା ଖଣ୍ଡ ପକାଇ ୧୦-୧୫ ମିନିଟ ହାଲକା ଆଞ୍ଚରେ ଗରମ କରିବେ ଯେପରି ଅଦାଗୁଡ଼ିକ ଧୀରେ ଧୀରେ ସୁନେଲି ରଙ୍ଗ ହେବ । ଏହାପରେ ତେଲ ସତେଜ ହୋଇଯିବ ।
- ଖରାଦିନେ ଶୀଘ୍ର ବରଫ କରିବାର ଥିଲେ ଥଣ୍ଡା ପାଣି ବଦଳରେ ଉଷୁମ ପାଣି ଟ୍ରେରେ ଢ଼ାଳନ୍ତୁ । ଦେଖିବେ ବରଫ ଶୀଘ୍ର ହୋଇଯିବ ।
- ଛୁରୀ ବା ଅନ୍ୟ କୌଣସିଥିରେ ଅଦାର ଚୋପା ଛଡ଼ାଇଲେ କିଛି ଅଂଶ ନଷ୍ଟ ହୋଇଥାଏ । ତେଣୁ ଛୋଟ ଚାମଚରେ ଚୋପା ଛାଡ଼ାନ୍ତୁ । ଏହି ଚୋପା ନଫିଙ୍ଗି ଚା'ରେ ସିଝାଇ ପିଇଥପାରିବେ ।

# ବାଷ୍ପଚାଳିତ ହେବ ମହାକାଶଯାନ

ବୈଜ୍ଞାନିକମାନେ ଏବେ ମହାକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି । ମହାକାଶ ଯାନ ଉତ୍କ୍ଷେପଣ ଲାଗି ଆଉ ଇନ୍ଧନର ଆବଶ୍ୟକତା ପଡିପ ନାହିଁ । ଏହା ବଦଳରେ ବାଷ୍ପଚାଳିତ ମହାକାଶ ଯାନ ଯାଇପାରିବ । ସେଣ୍ଟ୍ରାଲ ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆସ୍ଥିତ ଏକ ବେସରକାରୀ ମହାକାଶ ଗବେଷଣା ପ୍ରତିଷ୍ଠାନ ହନିବି ରୋବୋଟିକ୍ସ ସହ ମିଶି ଏପରି କ୍ଷମତାଯୁକ୍ତ ଏକ ଛୋଟ ମହାକାଶଯାନ ନିର୍ମାଣ କରିଛନ୍ତି । ଏହିଯାନ ମହାକାଶରେ ଯେଉଁ ଗ୍ରହ, କ୍ଷୁଦ୍ରଗ୍ରହ ତଥା ଚନ୍ଦ୍ରପୃଷ୍ଠକୁ ଯିବ- ସେଠାକାର ପରିବେଶରୁ ଇନ୍ଧନ ଗ୍ରହଣ କରିବାରେ ସକ୍ଷମ । ଏହା ଦେଖିବାକୁ ଏକ ମାଇକ୍ରୋୱେଭ୍ ପରି । ଯେଉଁଠାକୁ ଏହା ଯିବ, ସେଠାରେ ଥିବା ଜଳକୁ ବାଷ୍ପରେ ପରିଣତ କରି ନିଜ ପାଇଁ ଇନ୍ଧନ ପ୍ରସ୍ତୁତ କରିବା ସହ ମହାକାଶରେ ନୂତନ ଗ୍ରହର ଅନ୍ୱେଷଣ କରିପାରିବ । ଅର୍ଥାତ୍- ଆପେଆପେ ଗୋଟିକରୁ ଅନ୍ୟ ଗୋଟିଏ ଛାୟାପଥକୁ ଯାଇ ଗବେଷଣାରେ ଲାଗିଥିବ । ଏହି ଗବେଷଣାର ପ୍ରମୁଖ ବୈଜ୍ଞାନିକ ତଥା ଏହି ଯାନର ଯନକ ଫିଲ୍ ମେଜଗରଙ୍କ କହିବା ଅନୁସାରେ ଏଭଳି ଟେକ୍‌ନୋଲୋଜି ବ୍ୟବହାର କରି ଚନ୍ଦ୍ର, ୟୁରୋପା, ଟାଇଟାନ୍, ପ୍ଲୁଟୋ, ବୁଧ ଆଦି ଗ୍ରହ ସହି ଏକାଧିକ କ୍ଷୁଦ୍ରଗ୍ରହ ସମ୍ପର୍କରେ ଅଧିକ ଗବେଷଣା କରାଯାଇ ପାରିବ । ଯାନଟି ଯେକୌଣସି ଗ୍ରହ ତଥା ଆଷ୍ଟେରଏଡ୍‌ରୁ ଇନ୍ଧନ ସଂଗ୍ରହ କରିପାରୁଥିବା ବେଳେ ଏକପ୍ରକାର ଆତ୍ମନିର୍ଭରଶୀଳ ଯାନ ବୋଲି କୁହାଯାଉଛି । ମେଜ୍‌ଗର ଏବଂ ତାଙ୍କ ସହଯୋଗୀମାନେ ଏହାର ନାମ ରଖିଛନ୍ତି 'ୱାଇନ୍'(ୱାର୍ଲଡ ଇଜ୍ ନଟ୍ ଏନଫ୍) । କାଲିଫର୍ଣ୍ଣିଆରେ ଏକ କ୍ଷୁଦ୍ରଗ୍ରହ ପରି ପରିବେଶରେ ଏହାର ପ୍ରଥମ ପ୍ରୋଟୋଟାଇପ୍‌ର ପରୀକ୍ଷଣ ସଫଳ ହୋଇଛି । ଯାନଟି ଏହି କୃତ୍ରିମ ଧୂମକେତୁ ପରି ପରିବେଶର ପୃଷ୍ଠରେ ପୂର୍ଣ୍ଣ ଡ୍ରିଲିଂ ଉପକରଣ ବ୍ୟବହାର କରି ପାଣି ବାହାର କରିବା ସହିତ ଏହି ପାଣିକୁ ରକେଟ୍ ଇନ୍ଧନରେ ପରିବର୍ତ୍ତିତ କରିଥିଲା । ଏହାପରେ ବାଷ୍ପଚାଳିତ ଥ୍ରଷ୍ଟର ସେଟ୍ ଉପଯୋଗ କରି ନିଜକୁ ଶୂନ୍ୟରେ ଉତ୍କ୍ଷେପଣ କରିଥିଲା । ଶୁଣିବାକୁ ସରଳ ଲାଗୁଥିଲେ ମଧ ଏହି ଯାନର ଟେକ୍‌ନୋଲୋଜି ଖୁବ୍ ଜଟିଳ । ଏହାକୁ କେବଳ ପରୀକ୍ଷଣ ଉପଯୋଗୀ କରିବା ଲାଗି ମେଜ୍‌ଗରଙ୍କୁ ୩ବର୍ଷ ସମୟ ଲାଗିଛି । ଜରୁରୀକାଳୀନ ସ୍ଥିତିରେ ସୂର୍ଯ୍ୟକିରଣରୁ ମଧ ଏହା ଶକ୍ତିଗ୍ରହଣ କରିପାରିବ । ଯାନର ପ୍ରୋଟୋଟାଇପ୍ ପରୀକ୍ଷଣ ସଫଳ ହେବା ପରେ ଏହାକୁ ମହାକାଶ ପରି ଜଟିଳ ପରିବେଶ ମଧ୍ୟରେ ପରୀକ୍ଷଣ କରାଯିବ । ନାସା ମଧ ଏହି ପ୍ରୋଜେକ୍ଟ ପ୍ରତି ଆଗ୍ରହ ପ୍ରକାଶ କରି ପୁଞ୍ଜି ଯୋଗାଇବାର ପ୍ରସ୍ତାବ ଦେଇଛି ।

# ଚିଲି ଚଣା

ଆବଶ୍ୟକ ସାମଗ୍ରୀ: କାବୁଲି ଚଣା, କର୍ଣ୍ଣଫ୍ଲୋର, ମଇଦା, କ୍ୟାପ୍‌ସିକମ୍, କଟା ପିଆଜ, କଟା ରସୁଣ, ଅଦା ରସୁଣ ପେଷ୍ଟ, ସୋୟା ସସ୍, ଟମାଟୋ ସସ୍, ଭିନେଗାର, ରିଫାଇନ ତେଲ, ଲୁଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କାବୁଲି ଚଣାକୁ ୬ରୁ ୭ ଘଣ୍ଟା ପାଣିରେ ଭିଜାଇ ରଖିଦିଅନ୍ତୁ । ଏହାପରେ ଅଳ୍ପ ଲୁଣ ଦେଇ ଏହାକୁ ପ୍ରେସର କୁକରରେ ସିଝାଇ ଦିଅନ୍ତୁ । କାବୁଲି ଚଣା ସିଝିଗଲା ପରେ ସେଥିରେ କର୍ଣ୍ଣଫ୍ଲୋର ଓ ମଇଦା ପକାନ୍ତୁ । ତା'ପରେ ଅଳ୍ପ ଅଦା ରସୁଣ ପେଷ୍ଟ ପକାଇ ଭଲ ଭାବେ ଗୋଳାଇ ଏକ ପାତ୍ରରେ କିଛି ସମୟ ପାଇଁ ରଖି ଦିଅନ୍ତୁ । ତା'ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସିଝା ଚଣାକୁ ଛାଣି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ,କଟା କ୍ୟାପସିକମ,କଟା ରସୁଣକୁ ପକାଇ ଭାଜନ୍ତୁ । ଏହା ଭାଜି ହେଲା ପରେ ଛଣା ହେଇଥିବା ଚଣାକୁ ପକାନ୍ତୁ । ତା'ପରେ ସେଥିରେ ଟମାଟୋ ସସ୍, ଶୋୟା ସସ୍, ଭିନେଗାର ଓ ସ୍ୱାଦ ନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ । କିଛି ସମୟ ପରେ ତାକୁ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଚିଲି ଚଣା' ।



# ସଫଳ ହେବାର ନିୟମ

ପ୍ରତ୍ୟେକ କାର୍ଯ୍ୟ ପର୍ଯ୍ୟାୟକ୍ରମେ ହେଉ କିମ୍ବା ମନ୍ଥର ଅବା ଶୀଘ୍ର ବେଗରେ, କିନ୍ତୁ କାର୍ଯ୍ୟଟି ସଫଳ ହେଉ ବୋଲି ସମସ୍ତେ ଚାହୁଁଥାନ୍ତି । ସେଥିପାଇଁ ଯେ କୌଣସି ଶୁଭ କାମର ଆରମ୍ଭ ପୂର୍ବରୁ ଭିନ୍ନ ଭିନ୍ନ ରାଷ୍ଟ୍ରର ଲୋକେ ସେମାନଙ୍କ ପାରମ୍ପରିକ ନିୟମରେ ଆଗେଇଥାନ୍ତି । ଜାପାନ ଓ ଚୀନ୍‌ର ଲୋକେ ପେଙ୍ଗଶୁଇ ନିୟମକୁ ପାଳନ କରୁଥିବାବେଳେ ଆମେରିକାରେ ସେଠାକାର ପ୍ରାଚୀନ ପରମ୍ପରାକୁ ଏବେ ମଧ ଲୋକେ ଅନୁସରଣ କରୁଥିବାର ଦେଖାଯାଏ । ବ୍ରିଟେନ୍‌ରେ ଯେପରି ଜଣେ ମହିଳାଙ୍କ ପ୍ରଥମ ପ୍ରସବ ସେମାନଙ୍କ ବାହାଘରେ ହେବାର ନିୟମ ରହିଛି । ଏକବିଂଶ ଶତାବ୍ଦୀରେ ସେଠାକାର କର୍ମଜୀବୀ ମହିଳାମାନେ ଏହି ନିୟମକୁ ପାଳନ କରୁଥିବାର ଦେଖାଯାଇଛି । ତେବେ, ଘରୁ ବାହାରିବା ପୂର୍ବରୁ କେତୋଟି ପଦକ୍ଷେପ ନେଲେ ପ୍ରତ୍ୟେକ କାର୍ଯ୍ୟ ଶୁଭଫଳ ଦେଇଥାଏ ବୋଲି ବାସ୍ତୁବିତଙ୍କ ମତ । ବିଭିନ୍ନ ପ୍ରନ୍ତରେ ଏ ନେଇ ନାନାଦି ନିୟମ ପାଳନ କରାଯାଇଥାଏ ।

- ଆମେରିକାର ଅଧିକାଂଶ ପ୍ରାନ୍ତରେ ଯଦି ସୋମବାର କୌଣସି ବ୍ୟକ୍ତି କାର୍ଯ୍ୟର ଶୁଭାରମ୍ଭ କରନ୍ତି, ତେବେ ସେମାନେ ଦର୍ପଣରେ ନିଜ ମୁହଁ ଦେଖି ଯିବା ଉଚିତ୍ ମଣନ୍ତି । ସେଠା ଲୋକଙ୍କ ପାଇଁ ଏହା ଶୁଭ ପ୍ରତୀକ ।
- ଭାରତୀୟମାନେ ଶୁଭ କାର୍ଯ୍ୟକୁ ଯିବା ପୂର୍ବରୁ ଦହି କିମ୍ବା ଗୁଡ ଖାଇ ଯିବାକୁ ଶୁଭ ପ୍ରତୀକ ଭାବେ ଗ୍ରହଣ କରିଥାନ୍ତି ।
- ନାଥଜେରିଆ ଲୋକ କନ୍ୟାର ବିବାହ ସ୍ଥିର କରିବା ପୂର୍ବରୁ ଧନିଆ ପତ୍ର ଖାଇବା ସେମାନଙ୍କ ପାଇଁ ଶୁଭ ପ୍ରତୀକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଜୟ ଓ ବିକଳ୍ପ...

ଗଣତାନ୍ତ୍ରିକ ନିର୍ବାଚନଗୁଡ଼ିକୁ ପ୍ରାୟତଃ ଶାସନ କ୍ଷମତାରେ ଥିବା ରାଜନୀତିକ ଦଳ ଏବଂ ରାଜନେତାମାନଙ୍କ ଉପରେ ସାଧାରଣ ଜନତାଙ୍କ ମତାମତ ଭାବରେ ଦେଖାଯାଇଥାଏ । ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ କିନ୍ତୁ ତା'ଠୁ ଅଧିକ ' କିଛି ଉପସ୍ଥାପିତ କରେ- ଏହା ଭାରତୀୟ ସମାଜ ନିମନ୍ତେ ରାଜନୀତିକ ହାର ମାର୍ଗଦର୍ଶନ କରାଏ । ଦଳ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବାର ବିଗତ ତିନି ବର୍ଷ ଭିତରେ ଏହାର ଭୋଟ୍ ହାରକୁ ଆଶାତୀତ ଭାବରେ ବୃଦ୍ଧି କରି ବିଜୟ ହାସଲ କରିଛି, ଯାହା ରାଜନୀତିରେ କଚିତ୍ ଦେଖା ଯାଇଥାଏ। ୨୦୧୪ ତୁଳନାରେ ୨୦୧୯ ଲୋକସଭା ନିର୍ବାଚନରେ ଏହା ବିପୁଳ ଜନସମର୍ଥନ ଲାଭ କଲା । ଦେଶର ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶରେ ୨୦୧୭ ତୁଳନାରେ ଚଳିତ ଥର ଏହା ୨ ପ୍ରତିଶତ ଅଧିକ ଭୋଟ୍ ହାସଲ କରିଛି । ଦଳର ପ୍ରଦର୍ଶନକୁ ଦେଖି କୁହାଯାଇପାରେ ଯେ ବିଗତ ଅର୍ଦ୍ଧ ଶତାବ୍ଦୀ ଭିତରେ ଏହା ସର୍ବାଧିକ ଶକ୍ତିଶାଳୀ ରାଜନୀତିକ ଦଳ ପାଲଟିଛି, ଯାହା ଏବେ ସୁଦ୍ଧା ଅଗ୍ରଗତି ପଥରେ ରହିଛି । ପାରମ୍ପରିକ ମାପଦଣ୍ଡକୁ ବ୍ୟବହାର କରି ଦେଖିଲେ ଏକଥା ଆଶ୍ଚର୍ଯ୍ୟଜନକ ମନେହେବ । ସଦ୍ୟତମ ତଥ୍ୟ ଅନୁସାରେ, ଉତ୍ତରପ୍ରଦେଶରେ ନିଯୁକ୍ତି ହାର ନିମ୍ନଗାମୀ ହୋଇ କର୍ମନିଯୁକ୍ତିହୀନତା ବୃଦ୍ଧି ପାଇଛି । ମହାମାରୀ କୋଭିଡ୍-୧୯ର ଦ୍ୱିତୀୟ ଲହର କାଳରେ କେନ୍ଦ୍ରରେ ମୋଦୀ ସରକାର ଏବଂ ଏହି ରାଜ୍ୟରେ ଯୋଗୀ ଆଦିତ୍ୟନାଥଙ୍କ ସରକାରଙ୍କ କୁପରିଚାଳନା ଯୋଗୁଁ ବର୍ଷକରୁ କମ୍ ସମୟ ପୂର୍ବେ ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଥିଲା । କେହି କେବେ ଆଶା କରୁ ନଥିଲେ ଯେ ମହାମାରୀର କବଳିତ ହୋଇ ପ୍ରାଣ ହରାଇଥିବା ଲୋକମାନଙ୍କ ଶବ ଗଙ୍ଗାରେ ଭାସୁଥିବାର ଦୃଶ୍ୟକୁ ଉତ୍ତରପ୍ରଦେଶବାସୀ ଏତେ ସହଜରେ ଭୁଲିଯିବେ । କିନ୍ତୁ ଏସବୁ ସତ୍ତ୍ୱେ ଏଥର ନିର୍ବାଚନରେ ବିଜେପିର ଚମକପ୍ରଦ ବିଜୟକୁ ଦେଖି କୁହାଯାଇପାରେ ଯେ ଅତୀତର ଘଟଣାବଳୀ ଭୋଟିଂ ଶୈଳୀ ଉପରେ ନିର୍ଣ୍ଣାୟକ ପ୍ରଭାବ ନ ପକାଇବାର ଧାରା ବୃଦ୍ଧି ପାଇ ଚାଲିଛି । ପାଞ୍ଚ ଗୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ବିରୋଧୀ ଦଳମାନଙ୍କ ପାଇଁ ଏଥିରୁ କ'ଣ ମିଳିଛି ? ରୂପକୀୟ ଉତ୍ତର ପ୍ରଦାନ କରାଗଲେ ଏହାର ଯଥାର୍ଥ ଜବାବ ହେବ, ଏହା ସେମାନଙ୍କ ଗାଲରେ ଚପେଟାଘାତ ପ୍ରଦାନ କରିଛି । ଏହି ନିର୍ବାଚନରେ ସବୁଠୁ କଦର୍ଯ୍ୟ ଅବସ୍ଥା ଭୋଗ କରିଛି କଂଗ୍ରେସ, ଯାହାର ନିଦର୍ଶନ ହେଉଛି ପଞ୍ଜାବରେ ଏହାର ପ୍ରଦର୍ଶନ। ଏଠାକାର ଫଳାଫଳ ପ୍ରମାଣିତ କରି ଦେଇଛି ଏକ ନୂଆ ରାଜନୀତିକ ଦୃଷ୍ଟିକୋଣର ଅଭାବ ସହିତ ଆଭ୍ୟନ୍ତରୀଣ କନ୍ଦଳ କିପରି ପତନକୁ ଆମନ୍ତ୍ରଣ କରିଆଣେ । ଦଳ ଯଦି ଏସବୁଠାରୁ ଉର୍ଦ୍ଧ୍ୱରେ ରହି ପାରିଥାନ୍ତା, ତା'ହେଲେ ପଞ୍ଜାବକୁ ଖୁବ୍ ସହଜରେ ଅକ୍ତିଆର କରି ପାରିଥାନ୍ତା, କାରଣ କୃଷକମାନଙ୍କ ପ୍ରତିବାଦ ଉଭୟ ବିଜେପି ଏବଂ ଏହାର ପୂର୍ବତନ ମେଣ୍ଟ ଦଳ ଶିରୋମଣି ଅକାଳୀ ଦଳ ପାଇଁ ପରିସ୍ଥିତିକୁ ଅତ୍ୟଧିକ ଗୁରୁତର କରି ଦେଇଥିଲା । ରାଜ୍ୟରେ ଯେଉଁ ଆମ୍ ଆଦମୀ ପାର୍ଟି କ୍ଷମତାକୁ ଆସିଛି, ଦେଖିବାକୁ ଗଲେ ରାଜ୍ୟ ପାଇଁ ତାହା ଅନେକ ଦୃଷ୍ଟିରୁ ଏକ ନୂଆ ଦଳ ଥିଲା । କିନ୍ତୁ କଂଗ୍ରେସ ଏସବୁର ଫାଇଦା ଉଠାଇବା ଦୂରେ ଥାଉ, ବିଜୟ ମୁହଁରୁ ପରାଜୟକୁ ଛଡ଼ାଇ ଆଣିଛି । ଆଉ ଏହାର ପ୍ରମୁଖ କାରଣ ହେଉଛି, ଦଳ । ଭିତରେ ରହିଥିବା ଆଭ୍ୟନ୍ତରୀଣ କନ୍ଦଳ, ଯାହା ଲୋକମାନଙ୍କ ସଖରେ ଏହାର ଭାବମୂର୍ତ୍ତିକୁ ନ୍ୟୁନ କରିଦେଲା । ଏହାର ଏକ ଉଦାହରଣ ଭାବରେ ନିଆଯାଇପାରେ ସିଏସ୍ ଚନ୍ନିଙ୍କୁ, ଯାହାଙ୍କୁ ଦଳିତମାନଙ୍କ ଭୋଟ୍ ହାତେଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ କରାଗଲା । ବିଜେପିର ଅଭ୍ୟୁଥାନରେ ବିବ୍ରତ ହୋଇ ପଡ଼ିଥିବା ଆଉ କେତେକ ବିରୋଧୀ ଦଳ, ବିଶେଷକରି ତୃଣମୂଳ କଂଗ୍ରେସ (ଟିଏମସି) ଗୋଆରେ ଏହାର ପ୍ରଦର୍ଶନ ପରେ ଅବଶ୍ୟ ତା'ର ଜାତୀୟ ସ୍ତରର ରାଜନୀତିରେ ମୁଣ୍ଡ ଖେଳାଇବାକୁ ନେଇ ଦୁଇଥର ଚିନ୍ତା କରିବାକୁ ବାଧ୍ୟ ହେବ, କାରଣ ଏହାକୁ ମଧ୍ୟ ନିର୍ବାଚନୀ ଝଟ୍‌କା ଲାଗିଛି । ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟିର ଅଭ୍ୟୁଦୟ ନିଶ୍ଚିତ ଭାବରେ ଦଳର ମନୋବଳକୁ ବୃଦ୍ଧି କରିବ, କିନ୍ତୁ ସର୍ବଭାରତୀୟ ସ୍ତରରେ ଏହାର ଗ୍ରହଣୀୟତା ନିମନ୍ତେ ଦଳକୁ କଠିନ ପରିଶ୍ରମ କରିବାକୁ ପଡ଼ିବ । କମ୍ୟୁନିଷ୍ଟମାନେ ସମ୍ପ୍ରତି ଅତୀତର କାହାଣୀ ପାଲଟି ଯାଇଥିବା ବେଳେ ଅନ୍ୟାନ୍ୟ ଦକ୍ଷିଣପନ୍ଥୀ ଦଳଗୁଡ଼ିକଙ୍କ ନିକଟରେ ସର୍ବଭାରତୀୟ ଭାବମୂର୍ତ୍ତିର ଅଭାବ ରହିଛି । ବିରୋଧାଭାସର କଥା ହେଉଛି, ସମ୍ପୂର୍ଣ୍ଣ ଭାବରେ ନୈତିକତା ହରାଇ ଥିବା, ଭଗ୍ନ ମନୋରଥ ତଥା ଭିତରେ ଭିତରେ ବିଭାଜିତ ହୋଇ ଯାଇଥିଲେ ସୁଦ୍ଧା କଂଗ୍ରେସ ଏବେ ବି ବିରୋଧୀ ଦଳରେ ରହିଛି । ଆଉ ସବୁଠୁ ଦୁଃଖର କଥା ହେଉଛି, ବିରୋଧୀ ଦଳମାନଙ୍କ ଶିବିରରେ ବର୍ତ୍ତମାନ ସମୟରେ ଏଭଳି କୌଣସି ଦଳ ନାହିଁ, ଯାହା ରାଜନୀତିକ ତଥା ଆଦର୍ଶଗତ ଭାବରେ ବିଜେପିର ବିକଳ୍ପ ଭାବରେ ଉଭା । ହୋଇ ପାରିବ । କେବଳ ଏତିକି ନୁହେଁ, ଆସନ୍ତା ସଂସଦୀୟ ନିର୍ବାଚନ ବେଳକୁ ମଧ୍ୟ ବିଜେପିର ବିରୋଧ କରିବା ଭଳି କୌଣସି ବିକଳ୍ପ ସୃଷ୍ଟି ହୋଇ ପାରିବା କ୍ୱଚିତ୍ ସମ୍ଭବପର ମନେହୁଏ ।

## ପଡ଼ୋଶୀ ରାଜ୍ୟକୁ କମିଛି ଓଡ଼ିଆ ପାଠ୍ୟ ପୁସ୍ତକ ଯୋଗାଣ



**ବାଦଲ ଭୂୟାଁ**

ଓଡ଼ିଶା ଓ ଏହାର ସୀମାବର୍ତ୍ତୀ ଚାରି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ନେଇ ସୀମା ବିବାଦ ଲାଗିଥିବାବେଳେ ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। କୋଟିଆ ପ୍ରସଙ୍ଗକୁ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ ସୁପ୍ରିମ କୋର୍ଟରେ ବିଚାରାଧୀନ ଥିବାବେଳେ ଅନ୍ୟ ତିନି ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦକୁ ପ୍ରଶାସନିକ ସ୍ତରରେ ସମାଧାନ ପାଇଁ ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିବାଦ ଲାଗିଥିବା ସୀମାବର୍ତ୍ତୀ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭିତ୍ତିଭୂମିକୁ ସୁଦୃଢ଼ କରି ଗୁଣାତ୍ମକ ସୁବିଧାସୁଯୋଗ ଯୋଗାଇ ଦେବାରେ ସରକାର ପଛଘୁଞ୍ଚା ଦେଉନାହାନ୍ତି। ଶିକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବା ସହ ରାଜ୍ୟ ସରକାର କୋଟିଆରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ଶିକ୍ଷା ବ୍ୟବସ୍ଥାକୁ ସଂଗଠିତ କରି ବିବାଦ ବନ୍ଦ କରିବା। ଓଡ଼ିଶା ଛାତ୍ରଛାତ୍ରୀ ପଡ଼ୋଶୀ ରାଜ୍ୟ ଅପେକ୍ଷା ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରତି ଅଧିକ ଆଗ୍ରହୀ ହେବେ। ହେଲେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏ କ୍ଷେତ୍ରରେ ଅପେକ୍ଷାକୃତ ହ୍ରାସ ପାଉଥିବା ରାଜ୍ୟ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ବିଗତ ପାଞ୍ଚ ବର୍ଷର ତଥ୍ୟ ଦର୍ଶାଉଛି।

ଓଡ଼ିଶାର ସୀମାବର୍ତ୍ତୀ ରାଜ୍ୟ ଏବଂ ଅଧିକାଂଶ ପ୍ରବାସୀ ଓଡ଼ିଆ ରହୁଥିବା ଗୁଜୁରାଟ ଭଳି କିଛି ରାଜ୍ୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଓଡ଼ିଶା ସରକାର ବ୍ୟବସ୍ଥା କରିଛନ୍ତି। ଉକ୍ତ ରାଜ୍ୟ ସହିତ ରାଜିନାମା କରି ସେଠାରେ ଓଡ଼ିଆ ସ୍କୁଲ ଖୋଲିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକ ଯୋଗାଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାସୁଯୋଗ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ସେହିପରି ସୀମାବର୍ତ୍ତୀ ରାଜ୍ୟ ଗୁଡ଼ିକ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ପଡ଼ୋଶୀ ରାଜ୍ୟ ପରସ୍ପରର ଭାଷା ଓ ସଂସ୍କୃତିକୁ ସମ୍ମାନ ଦେବା ସହିତ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ଭାଷାଭାଷୀ ପାଠପଢ଼ାର ବ୍ୟବସ୍ଥା କରିବାର ପ୍ରାବଧାନ ରହିଛି। ଯେପରିକି ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ତେଲୁଗୁ ଏବଂ ଓଡ଼ିଆ ଭାଷାରେ ପାଠ ପଢ଼ାଯିବାର ବ୍ୟବସ୍ଥା ହୋଇଛି। ଏହି କ୍ରମରେ ଓଡ଼ିଶା ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟ ପ୍ରତି ବର୍ଷ ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଓଡ଼ିଆ ପିଲାଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଯୋଗାଇ ଦିଅନ୍ତି। ବିଗତ ପାଞ୍ଚ ବର୍ଷର ତଥ୍ୟ କହୁଛି ୨୦୧୭-୧୮ ଶିକ୍ଷା ବର୍ଷ ତୁଳନାରେ ଚଳିତ ବର୍ଷ ୨୫ ପ୍ରତିଶତ ବହି ଯୋଗାଣ ୨୧୫ ଖଣ୍ଡ ଓ ପଶ୍ଚିମବଙ୍ଗକୁ ୨୪,୯୫୦ ଖଣ୍ଡ ବହି ପଠାଯାଇ ଥିବାବେଳେ ଚଳିତ ବର୍ଷରେ ୯୨୮୫ ଖଣ୍ଡ ବହି ଆନ୍ଧ୍ର ଏବଂ ୧୨୨୦୪ ଖଣ୍ଡ ବହି ପଶ୍ଚିମବଙ୍ଗକୁ ପଠାଯାଇଛି। ଯଦିଓ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଏହି ସଂଖ୍ୟା ବୃଦ୍ଧି ପାଇଛି, ହେଲେ ଗୁଜୁରାଟରେ ଏହା ୨୪୯୫୦ରୁ ୧୪୧୭୦କୁ ଖସିଛି। ଯାହାକି ପଡ଼ୋଶୀ ରାଜ୍ୟରେ ଓଡ଼ିଆ ପଢ଼ା ପ୍ରତି ଛାତ୍ରଛାତ୍ରୀଙ୍କର କମୁଥିବା ଆଗ୍ରହକୁ ଦର୍ଶାଉଛି। ତେବେ ଏ ସମ୍ପର୍କରେ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ବହି ଯୋଗାଇଥାନ୍ତି। ଏଥିପାଇଁ ପୂର୍ବରୁ ଆବଶ୍ୟକତା ସୂଚୀ ଆସିଥାଏ। କରୋନା ପାଇଁ ବିଗତ ଦୁଇ ବର୍ଷ ହେବ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଶିକ୍ଷାନୁଷ୍ଠାନ ଖୋଲିନି। ତେଣୁ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା କମିଛି। ପ୍ରବାସୀ ତଥା ସୀମାବର୍ତ୍ତୀ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ସବୁବେଳେ ଆବଶ୍ୟକତା ଠାରୁ ଅଧିକ ବହି ଯୋଗାଇ ଦେଉଥିବା ସେ କହିଛନ୍ତି। ଉତ୍କଳ ସମ୍ମିଳନୀ ଏ ଦିଗରେ ବିଶେଷ ଗୁରୁତ୍ୱ ଦେଉଛି। ୨୦୧୯-୨୦ ପଡ଼ୋଶୀ ରାଜ୍ୟ ମାନଙ୍କୁ ପାଖାପାଖି ୧ଲକ୍ଷ ୧୦ ହଜାର ବହି ପଠାଯାଇଥିଲା। ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି। ଓଡ଼ିଶା ସରକାର ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା, ପ୍ରୋତ୍ସାହନ ଦେଉଛନ୍ତି। ଓଡ଼ିଆ ଭାଷାକୁ ସାର୍ବଜନୀନ କରିବା ପାଇଁ ପୁସ୍ତକ ପଠାଇବା ସହ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦରମା ଓ ଭତ୍ତା ମଧ୍ୟ ପ୍ରଦାନ କରୁଛନ୍ତି। ତେବେ ଏ କ୍ଷେତ୍ରରେ କେବଳ ସରକାରଙ୍କ ସହାୟତାକୁ ଚାହିଁଲେ ହେବନାହିଁ ଆମ ମାତୃଭାଷାର ଗୌରବ ବଢ଼ାଇବା ପାଇଁ ଆମ ସମସ୍ତଙ୍କର ସଚେତନତା ଓ ସର୍ବୋପରି ନିଜ ମାତୃଭାଷା ଓ ନିଜ ରାଜ୍ୟକୁ ଭଲ ପାଇବା ପାଇଁ ଆନ୍ତରିକତା ଅତ୍ୟନ୍ତ ଜରୁରୀ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨


## ମହିଳା ଡ୍ରାଇଭରଙ୍କର ସଂଖ୍ୟା ପାଞ୍ଚ ବର୍ଷରେ ୩୩ ପ୍ରତିଶତ ବୃଦ୍ଧି



**ଅଭୟ କୁମାର ଦାସ**

ନିକଟରେ ବିଶ୍ୱ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଅବଳା ଦୁର୍ବଳା ଭଳି ଦୀର୍ଘକାଳ ଧରି ଚାଲି ଆସିଥିବା କଥାକୁ ସାମ୍ପ୍ରତିକ ସମୟରେ ଭୁଲ ବୋଲି ପ୍ରମାଣିତ କରି ସାରିଛନ୍ତି ମହିଳା। ପରିବାରର ମଙ୍ଗ ଧରିଥିବା ମହିଳା ଏବେ ସଶକ୍ତ ହୋଇଛନ୍ତି ଏବଂ ଗାଡ଼ି ଷ୍ଟିଅରିଂ ଧରି ରାସ୍ତାରେ ବି ରାଜୁତି ଆରମ୍ଭ କରିଛନ୍ତି। ପୁରୁଷ କୈନ୍ଦ୍ରିକ ସମାଜରେ ନିଜର ଅସ୍ତିତ୍ୱ ଜାହିର କରିବା ସହ ରୋଜଗାର କରି ନିଜ ପରିବାର ଲୋକଙ୍କ ସହ କାନ୍ଧ ମିଳାଇବା ପାଇଁ ସେମାନଙ୍କର ପଦକ୍ଷେପ ପ୍ରଶଂସା ଯୋଗ୍ୟ। ଆଉ ଏଥିପାଇଁ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ମହିଳାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଛି ସୁଯୋଗ। ବର୍ତ୍ତମାନ ରାଜ୍ୟରେ ସରକାରଙ୍କ ପକ୍ଷରୁ ଦିଆଯାଇଛି ସୁଯୋଗ। ବର୍ତ୍ତମାନ ରାଜ୍ୟରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଜୀବନରେ ନୂଆ ରାହା ଦେଖାଇଛି ଡିଟିଆଇ। ମହିଳାମାନେ ଏବେ ଉଭୟ ଭାରୀ ଓ ହାଲୁକା ଯାନ ଚାଳନା ପ୍ରଶିକ୍ଷଣ ନେଇ ଷ୍ଟିୟରିଂ ଧରିଛନ୍ତି।

ଗତ ପାଞ୍ଚ ବର୍ଷ ମଧ୍ୟରେ ମହିଳା ଡ୍ରାଇଭର ସଂଖ୍ୟା ଓଡ଼ିଶାରେ ୩୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୭ ମସିହାରେ ୨୫୦୮୬ ମହିଳା ଡ୍ରାଇଭିଂ ଲାଇସେନ୍ସ ପାଇଥିଲେ। ୨୦୨୧ରେ ଏହା ୩୩୬୬୬କୁ ବୃଦ୍ଧି ପାଇଛି। ୨୦୧୯ ଓ ୨୦୨୦ ମସିହା ମହିଳା ଡ୍ରାଇଭିଂ ଲାଇସେନ୍ସଧାରୀଙ୍କ ସଂଖ୍ୟା ୩୬ ହଜାରରୁ ଉର୍ଦ୍ଧ୍ୱ ଥିଲା। ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ପରିବହନ ବିଭାଗ ଓ ଓଡ଼ିଶା ସରକାର ମହିଳାମାନଙ୍କୁ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଭୁବନେଶ୍ୱର ଓ ଏଚଏମଭି ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଛତିଆରେ ମାଗଣା ବୃତ୍ତିଗତ ଡ୍ରାଇଭିଂ ତାଲିମ ପ୍ରଦାନ କରିଛନ୍ତି। ବର୍ଷ ବର୍ଷ ଧରି ଉଭୟ ଅନୁଷ୍ଠାନରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୬-୧୭ରେ ଭୁବନେଶ୍ୱର ଡିଟିଏସରେ ୨୫ ଜଣ ମହିଳା ପ୍ରଶିକ୍ଷଣ ନେଇଥିଲେ। ବର୍ତ୍ତମାନ ୯୦ଜଣ ମହିଳା ପ୍ରଶିକ୍ଷଣ ନେଇ ବ୍ୟବସାୟିକ ଯାନ ଚଳାଇବା ପାଇଁ ଶିକ୍ଷା ନେଉଛନ୍ତି। ସେମାନଙ୍କ ମଧ୍ୟରୁ ୬୦ଜଣ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ସହ ଜଡ଼ିତ। ଛତିଆରେ ମଧ୍ୟ ଏଚଏମଭି ଡିଟିଆଇରେ ମହିଳାଙ୍କ ନାମ କ୍ରମାଗତଭାବେ ବୃଦ୍ଧି ପାଇଛି। ଗତ ୩-୪ ବର୍ଷ ମଧ୍ୟରେ ପ୍ରାୟ ୬୦ଜଣ ମହିଳାଙ୍କୁ ତାଲିମ ଦିଆଯାଇଛି। ପ୍ରଶିକ୍ଷଣ ଡ୍ରାଇଭର ମାନଙ୍କୁ ଏହି ଅନୁଷ୍ଠାନ ଜୀବିକା ଏବଂ ଚାକିରୀଜନିତ ସହାୟତା ଯୋଗାଇ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଜଣ ପାଠ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ପରେ ଘରୋଇ ଓ ସରକାରୀ ଏଜେନ୍ସି ଗୁଡ଼ିକରେ କାର୍ଯ୍ୟରତ ଅଛନ୍ତି। ମହିଳା ପ୍ରଶିକ୍ଷକମାନେ ସଫ୍ଟ ସ୍କିଲ ସହିତ ନିୟମିତ ଭାବରେ ଡ୍ରାଇଭିଂ ମଧ୍ୟ ଶିଖାଉଛନ୍ତି। ଏଥିପାଇଁ ୩୦ ଦିନର ଆବାସିକ ଏଚଏମଭି ଡ୍ରାଇଭିଂ ତାଲିମ ପ୍ରଦାନ କରାଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳାମାନଙ୍କ ଦକ୍ଷତା ବିକାଶ ଜରିଆରେ କର୍ମନିଯୁକ୍ତି ଯୋଗାଇ ପାଇଁ ଏସଟିଏ ଏବଂ ରାଜ୍ୟ ରୋଜଗାର ମିଶନ ପକ୍ଷରୁ ସ୍ୱତନ୍ତ୍ର ଯୋଜନାରେ ପ୍ରଶିକ୍ଷଣ ଦିଆଯାଉଛି। ରାଜ୍ୟରେ ମହିଳା ଡ୍ରାଇଭରଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ମାତ୍ର ଅନ୍ୟ ରାଜ୍ୟ ତୁଳନାରେ ଏହି ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ। ମହିଳାମାନେ ଗାଡ଼ି ଚଳାଇବା ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼ିବା ସହ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ନାହାଁନ୍ତି। ପ୍ରଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ, ରହିବା, ଖାଦ୍ୟପେୟର ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବାବେଳେ ସେମାନଙ୍କୁ ଚାକିରୀ ଯୋଗାଇ ଦିଆଯାଉଛି। ଆଗକୁ ଆହୁରି ଅଧିକ ମହିଳାଙ୍କୁ ସୁଯୋଗ ଦିଆଯିବ। ଓଡ଼ିଶା ସରକାରଙ୍କର ପରିବହନ ବିଭାଗ ଅନେକ ଲୋକପ୍ରିୟ ଯୋଜନା ହାତକୁ ନେଉଥିବାବେଳେ ବିଶେଷକରି ମହିଳା ମାନଙ୍କୁ ଗାଡ଼ି ଡ୍ରାଇଭିଂର ଉତ୍ତମ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି। ଏହାର ବଡ଼ ସୁଯୋଗ ସେମାନେ ନେବା କଥା।


ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭


## ରାଜ୍ୟରେ ଅବକାରୀ ବିଭାଗକୁ ସରକାର କଣ ଇଚ୍ଛାକରି ଅଣଦେଖା କରୁଛନ୍ତି



**ସୁବ୍ରତ କର**

ଆମ ରାଜ୍ୟରେ ସରକାରଙ୍କ ପ୍ରାୟ ୪୦ଟି ବିଭାଗ ରହିଛି । ସବୁ ବିଭାଗ ସରକାରଙ୍କ ପାଇଁ ଏବଂ ଜନତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । କୌଣସି ବିଭାଗକୁ ଅସହାୟ ଭାବରେ ରଖିବା ଉଚିତ ନୁହଁ ଏବଂ ଜନତାଙ୍କ ପାଖରେ ମଧ୍ୟ ଦୁର୍ବଳ ସ୍ଥିତିରେ ରଖିବା ଉଚିତ ନୁହଁ । ରାଜ୍ୟର ଅବକାରୀ ବିଭାଗ ପ୍ରାୟ ୧୦୭ ବର୍ଷ ହେଲାଣି କିନ୍ତୁ ଏବେକାର ସମସ୍ୟାକୁ ସମାଧାନ କରିବାର ଶକ୍ତି ନାହିଁ । ଆମେ ଯଦି ପୁଲିସ ବିଭାଗ ସହିତ ତୁଳନା କରିବା ଆମକୁ ଆଶ୍ଚର୍ଯ୍ୟ ହେବାର ଅଛି । ପୁଲିସ ପାଖରେ ବନ୍ଧୁକ ଥିବା ଜାଗାରେ ଅବକାରୀ ପୁଲିସ ପାଖରେ ଲାଠି । ସେମାନେ ବାଧ୍ୟହୋଇ ଲାଠିଧରି କାମ ଚଳାନ୍ତି, କାରଣ ଅବକାରୀ ଇନ୍‌ସପେକ୍ଟରଙ୍କ ପାଖରେ ବନ୍ଧୁକ ନାହିଁ । ଅପରାଧୀଙ୍କ ମୋବାଇଲ ନମ୍ବର ଟ୍ରାକିଂ କିମ୍ବା କଲ ଡିଟେଲ ରେକର୍ଡ ଯାଞ୍ଚ କରିବାର କ୍ଷମତା । ସରକାରଠାରୁ ମିଳିନାହିଁ । ଏପରିକି ଅପରାଧୀଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଗାଡ଼ିଗୁଡ଼ିକର ନମ୍ବର ଯାଞ୍ଚ କରିବାର ମଧ୍ୟ କ୍ଷମତା ଦିଆହୋଇ ନାହିଁ । ଏସବୁ ପାଇଁ ପୁଲିସ ଏବଂ ଆର.ଟି.ଓ ଅଫିସ ଉପରେ ନିର୍ଭର କରିବାକୁ ପଡ଼େ । ଏ ସବୁ ପାଇଁ ଅବକାରୀ ବିଭାଗ ଏକ ପୁଲିସ ବିଭାଗର ଅତିରିକ୍ତ ବିଭାଗ ପରି ମନେହୁଏ । ନାଁରେ ଅବକାରୀ ବିଭାଗ, କିନ୍ତୁ ସମ୍ପୂର୍ଣ୍ଣ ପୁଲିସ ବିଭାଗ ଦ୍ୱାରା ପରିଚାଳିତ । ଏପରିକି ରାଜ୍ୟର ମୋବାଇଲ ସର୍ଭିସ ପ୍ରୋରାଇଡରଙ୍କ ପାଖରୁ କୌଣସି ତଥ୍ୟ ପାଇବାର କ୍ଷମତା ପାଇ ନାହାନ୍ତି । ଅବକାରୀ ବିଭାଗର ତିନୋଟି ଡିଭିଜନ୍ ଅଛି ଏବଂ ଡିଭିଜନ୍ ପାଖରେ ୩୬ଟି ଅଫିସ କାର୍ଯ୍ୟ କରୁଛି । ପ୍ରତି ଡିଭିଜନ୍ ପାଖରେ ୧୨ ଅଫିସ କାର୍ଯ୍ୟ କରୁଛି ।

ଅନ୍ୟ ପକ୍ଷରେ ୨୦୨୦-୨୧ ମାର୍ଚ୍ଚ ସୁଦ୍ଧା ୨୫ହଜାର ମାମଲା ପଡ଼ିରହିଛି ଏବଂ ଏହିବର୍ଷ ଫେବୃଆରୀ ସୁଦ୍ଧା ୩୫୦୦୦ ମାମଲାରେ ପହଞ୍ଚିଛି । ଏତେ ମାମଲାକୁ ସମାଧାନ କରିବା ଏବଂ ଅପରାଧୀଙ୍କୁ ଧରି ଦୋଷୀ ସାବ୍ୟସ୍ତ କରିବା ଅସମ୍ଭବ ହୋଇପଡ଼ିଛି । ମଦ, ଗଞ୍ଜେଇ ଏବଂ ବ୍ରାଉନସୁଗାର ଚାଲାଣରେ ବ୍ୟବହୃତ ସବୁ ଗାଡ଼ି ଦୁଇ ନମ୍ବର ନମ୍ବରପ୍ଲେଟ ଥିବା ଗାଡ଼ି ଏବଂ ଚୋରା ଗାଡ଼ିକୁ ବ୍ୟବହାର କରି ଥାଆନ୍ତି । ଏମାନଙ୍କୁ ଧରିବା ବା ଦଣ୍ଡ ଦେବାକୁ ହେଲେ ସମ୍ପୂର୍ଣ୍ଣ ଭାବେ ଆର.ଟି.ଓ ଏବଂ ପୋଲିସ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏ ପ୍ରକାରର ତଥ୍ୟ ପାଇବାକୁ ଅନ୍‌ଲାଇନରୁ ଏକ ମିନିଟ ଲାଗିଥାଏ । ଏହି ସୁବିଧାଟି ଅବକାରୀ ଅଫିସରମାନଙ୍କୁ ମିଳିଲେ ଅପରାଧୀମାନଙ୍କୁ ଖୁବ୍ କମ ସମୟରେ ଧରି ଦଣ୍ଡ ଦିଆ ହୋଇ ପାରନ୍ତା । କିନ୍ତୁ କାହିଁକି ଏହି କ୍ଷମତା ଅବକାରୀ ବିଭାଗକୁ ଦେଇ ନାହାନ୍ତି ତାହା ସରକାରଙ୍କୁ ଜଣା । ଏହା ଥାଇପାରେ ସରକାରଙ୍କ ମନରେ ଅପରାଧୀ ଧରା ନପଡନ୍ତୁ । ମଦ, ଗଞ୍ଜେଇ ଏବଂ ବ୍ରାଉନସୁଗାର ବ୍ୟବସାୟ ଭଲରେ ଚାଲୁ । ଏ ସବୁର ସରକାର ଭଲ ରାଜସ୍ୱ କମାନ୍ତୁ ଏବଂ ଅପରାଧୀ ଧରା ନପଡୁ, ଦୋଷୀ ସାବ୍ୟସ୍ତ ନ ହୁଅନ୍ତୁ । ଏହା ଯଦି ସରକାରଙ୍କ ଇଚ୍ଛା ଅବକାରୀ ବିଭାଗକୁ ପୋଲିସ ବିଭାଗର ଏକ ଅଂଶ ବିଶେଷ ରଖା ହେଉ ଏବଂ ସାଧାରଣ ଜନତାଙ୍କୁ ସୁବିଧାରେ ମଦ, ଗଞ୍ଜେଇ ଏବଂ ବ୍ରାଉନସୁଗାର ମିଳୁ । ଜନତା ଖୁସୀ ହେବେ ।





## ଶାସ୍ତ୍ରୀୟ ମାନ୍ୟତା ଦିବସ



**ଅରୂପ କୁମାର ବିଶ୍ୱାଳ**

ଆମେତ ଓଡ଼ିଆ ସବୁଠୁ ବଢିଆ
ସୁନ୍ଦର ଆମର ଭାଷା,
ଶାସ୍ତ୍ରୀୟ ମାନ୍ୟତା ଦିବସ ପାଲୁଛୁ
ମିଳିଛି ଆମକୁ ଦିଶା।

ଆମର ପଡୋଶୀ କହୁଥିଲେ କାଳେ
ଓଡ଼ିଆ ଯେ ଭାଷା ନୟ,
ଏବେ ଦେଖିଯାଅ ଆମ ମାତୃଭାଷା
ଭାରତେ ବିଖ୍ୟାତ ହୁଏ।

ଆମର ଐତିହ୍ୟ ଆମ ପରମ୍ପରା
ଅଟଇ ପରା ମହାନ୍,
ପୂର୍ବପୁରୁଷ ଯେ ଆମ ବୀର ଥିଲେ
ଅର୍ଜିଛନ୍ତି ଯଶ ଧନ।

ଆଦିକବି ଠାରୁ ବ୍ୟାସ କବିଯାଏ
ପଞ୍ଚସଖା ଗୋପବନ୍ଧୁ,
କବି ସମ୍ରାଟଠୁ କୁଳବୃଦ୍ଧ ଯାଏ
ବାଣ୍ଟିଲେ ଭାଷାର ମଧୁ।

ବର୍ଣ୍ଣବୋଧ ଲେଖି ଭକ୍ତକବି ପୁଣି
ଟାଣି ଭାଷା ନନ୍ଦିଘୋଷ ,
ମାତୃଭାଷା ମାତୃଭୂମି ପାଇଁ ନିଜେ
ଦେଲେ ନୂତନ ସନ୍ଦେଶ।

ଦି ହଜାର ଚଉଦ ଏଗାର ମାର୍ଚ୍ଚ
ଥିଲା ସେଇ ଶୁଭ ଦିନ,
ଓଡ଼ିଆ ଲେଖିବା ଓଡ଼ିଆ ପଢିବା
ଭାଷା ପାଇଁ ଦେବା ପ୍ରାଣ।

ଭାଷାର ଉନ୍ନତି ରାଜ୍ୟର ଉନ୍ନତି
ଗଢିବା ନୂଆ ଓଡିଶା,
ସବୁଠୁ ଆଗୁଆ ହେବ ଏଇ ରାଜ୍ୟ
ଜଗତେ ହେବା ସରସା।


+ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ,
ପାରାଦୀପ,
ମୋ-୯୦୪୦୮୭୦୧୦୦


## ଛ' ଋତୁ ମଧ୍ୟେ ସାର ଅଟଇ ବସନ୍ତ



**ପ୍ରଦୀପ୍ତ କୁମାର ଦାସ**

ଛ' ଋତୁ ମଧ୍ୟେ ସାର ଅଟଇ ବସନ୍ତ
ତା' ରାଜୁତି କାଳେ ଧରା ହୁଏ ଶୋଭାବନ୍ତ,
ଅନ୍ୟ ପାଞ୍ଚ ଋତୁ ପରି ମଞ୍ଚେ କରେ ଲୀଳା
ଚଇତ୍ର ବୈଶାଖ ଦେହେ ଖୁସି ହୁଏ ବୋଳା,
ପ୍ରକୃତି ରାଇଜେ ପୂର୍ଣ୍ଣ କରି ରାଜସୁଖ
କରେ ସେତ ପ୍ରଫୁଲ୍ଲିତ ସଭିଙ୍କର ମୁଖ,
ଫୁଲ ରତନରେ ବିଭୂଷିତ ହୁଏ ଧରା
ବନପ୍ରିୟ ମେଲି ଦିଏ ସ୍ୱରର ପସରା,
ମୃଦୁ ମଳୟର ତାନେ ନାଚେ ପରିମଳ
ଫୁଲ ସାଥେ ପ୍ରଜାପତି ରଚିଥାଏ ଖେଳ,
ବଉଳରେ ଆମ୍ବଗଛ ମହ ମହ ବାସେ
ଶିମିଳି ସାଥେ ପଳାଶ ନାଲି ଓଠେ ହସେ,
ସବୁଜ କଅଁଳ ପତ୍ରେ ସାଜେ ତରୁଲତା
ଅଶୋକ,ବକୁଳ ବାସ ଭରେ ମାଦକତା,
ନିମ୍ବ,ମାଧବୀ, ବାସଙ୍ଗ,କଞ୍ଚନାଦି ଫୁଲ
ବାସି ମନ୍ଦ ସମୀରଣେ ସର୍ବେ କରେ ଗେଲ,
ହଳଦିଆ ଫୁଲ ସାଜେ ସୁନାରି ଗଛରେ
ଫଗୁଣଟା ରଙ୍ଗ ବୋଳେ ଗ୍ରାମରେ ନଗରେ,
ମଧୁପ,ଭ୍ରମର ମାନେ ହୋଇ ଦଳଦଳ
ଫୁଲକୁ ମାଗନ୍ତି ମଧୁ ହୋଇଣ ବ୍ୟାକୁଳ,
ମଧୁମାସେ ଜୀବଜନ୍ତୁ ସାଙ୍ଗସାଥି ହୋଇ
କରନ୍ତି ବନ ବିହାର ଖୁସି ଟିକେ ପାଇଁ,
ତରୁଣ ତରୁଣୀ ପ୍ରାଣେ ଭରି ପ୍ରୀତି ଭାବ
ବସନ୍ତତ ହରିନିଏ ସକଳ ଅଭାବ,
ଶୀତ ଋତୁର ଫସଲ ବସନ୍ତରେ ଫଳେ
କୃଷକର ମନେ ଆଶା,ଆଶ୍ୱାସନା ଖେଳେ,
ବସନ୍ତ ସମୟେ ପଡ଼େ ଶିବ ଚତୁର୍ଦ୍ଦଶୀ
ଜାଗର ପାଳନ୍ତି ଲୋକେ ମଙ୍ଗଳ ମନାସି,
ଦୋଳ ବିମାନରେ ରାଧାକୃଷ୍ଣ ଯେ ବୁଲନ୍ତି
ପ୍ରତି ପ୍ରାଣେ ଭରିଯାଏ ହସ,ଖୁସି,ଶାନ୍ତି,
ଚାଲେ ରଙ୍ଗ ବୋଳା ବୋଳି ଅବିରର ଖେଳ
ତୁଟିଯାଏ ଭେଦଭାବ ଭାଙ୍ଗେ କଳି ଗୋଳ,
ବସନ୍ତରେ ପୂଜା ପାଇ ଥାନ୍ତି ସରସ୍ୱତୀ
ରାମ ନବମୀରେ ଭକ୍ତ ରାମକୁ ପୂଜନ୍ତି,
ଚଇତି ଘୋଡ଼ା ନାଚରେ ଧୀବର ମାତନ୍ତି
ନିଜ ପରମ୍ପରାକୁ ତ ନିଷ୍ଠାରେ ପାଳନ୍ତି,
ଏହିପରି ଋତୁରାଜ ରଙ୍ଗରସ ଭରା
ସିଏ ଫେରିଗଲା ପରେ ମାଡି ଆସେ ଖରା ।


+ କଣ୍ଟାବଣିଆ,ଯାଜପୁର
ମୋ-୮୫୯୪୮୮୫୮୯୮


## ଜାଗ୍ରତ ଓଡ଼ିଆ ହୁଅ



**ତାରାପ୍ରସାଦ ଜେନା**

ଖଣି ଖାଦାନକୁ ଲୁଟି ନେଇ ଆହା
ବିଗାଡ଼ି ଦେଲେଣି ଧୂର୍ତ୍ତ
ଆମେ ଦାନା କନା ଗଣ୍ଡାକ ପାଇଁକି
ଦାଦନ ଭୋଗୁଛୁ ଆର୍ତ୍ତ !

ଫିସାଦି ଚିକ୍କଣ କଥା କହୁଛନ୍ତି
ନେତାଏ ଠକାମି ଆଜି
ଲୁଟି ଖାଇପିଇ ହେଉଡ଼ି ମାରନ୍ତି
ସେମାନେ ଅଧମ ପାଜି !

ଚିଟଫଣ୍ଡ ସବୁ ଚଳୁ କରିଦେଲେ
ଅକଲ ତଥାପି ଭ୍ରମ
ତାଙ୍କୁ ପୁଣି ଆଣି ଗାଦିରେ ବସାଅ
ଆଗକୁ ନେବଟି ନାମ !

କ୍ଷୀର ଟୋପେ ନାହିଁ ପିଲାର ତୁଣ୍ଡରେ
ମଦର ଖୋଲୁଛି ସ୍ରୋତ
କେମିତିକା ପିଇ ବୁଦ୍ଧୁ ପାଲଟିଲ
ବୁଝୁନ ଅହିତ ହିତ !

ସୁକର୍ମର ପଣ୍ଡା ହଜି ତ ଗଲାଣି
ଦୁଷ୍କର୍ମ ରଚୁଛି ପ୍ରୀତି
ଅବୁଝା ରାଜାକୁ ପାଳଚୁଣ୍ଡା ମନ୍ତ୍ରୀ
ଭାଟଙ୍କ ଚାଲିଛି ସ୍ତୁତି !

ଚାଳ ଆମ ସିନା ଚନ୍ଦ୍ର ସୂର୍ଯ୍ୟ ଦେଖେ
ମହଲ ତାଙ୍କର ଅଛି
ସ୍ୱିସ୍ ବ୍ୟାଙ୍କେ ପୁଣି ପୁଞ୍ଜି କାହିଁ କେତେ
ଜ୍ଞାନକୁ କରୁନ କିଛି !

ଲାଞ୍ଚ ଖଚ ମିଛ ରାଇଜରେ ହୁରି
ଅନୀତି ଶାସନ ଟାଣ
କହ କେଉଁ ପରି ଗ୍ରାମ ସହରରେ
ରଖିଛ ଅଭାଗା ପ୍ରାଣ !

ଜଗନ୍ନାଥ ନାମ ତୁଣ୍ଡେ ନେଇ ପରା
ଭକତ ବୋଲାନ୍ତି ବେଶି
ଛାର ଗରିବଙ୍କ ଦୁଃଖ ସୁଖେ କେହି
ନିଜର ନୁହନ୍ତି ଖୁସି !

ଭାଷା ବିକାଶର ନାମ ଗନ୍ଧ ନାହିଁ
ଲୁଟନ୍ତି ଥୋଡ଼ାଏ ଠକ
ପାଖ ପଡ଼ୋଶିଆ ରାଜ୍ୟ ମାଡ଼ି ଆସି
ଦେଖାନ୍ତି ବୃଥାରେ ଟେକ !

ଓଡ଼ିଆ ଚାକିରି କରିପାରୁ ନାହିଁ
ଅଣଓଡ଼ିଆଙ୍କ ଘର
ରାଜଧାନୀ ଠାରୁ ଉପକୂଳ ଯାଏଁ
ମାଡ଼ିଛି ତାଙ୍କର ଚେର !

ପ୍ରଚାର ସର୍ବସ୍ୱ ଓଡ଼ିଆ ପ୍ରଗତି
ଅନ୍ୟାୟ ହେଉଛି ନ୍ୟାୟ
ଅର୍ଥ କବଳରେ କୁଜି ଟାଉଟର
ମିଛରେ କରନ୍ତି ଜୟ !

ସ୍ୱାଧୀନତା ସ୍ୱାଦ ଚାଖିଛକି ଭଲା
ଦେହକୁ ଟିକିଏ ନିଅ
ଆଖି ଥାଇ ଆଉ ଅନ୍ଧ ହୁଅ ନାହିଁ
ଜାଗ୍ରତ ଓଡ଼ିଆ ହୁଅ !


+ ରଣପୁର(ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୧୪ ମାର୍ଚ୍ଚ, ସୋମବାର, ୨୦୨୨


# ମା'ର ଡାକ


## ଶିବାଶିଷ ପାଢ଼ୀ

ହେମଗିର, ସୁନ୍ଦରଗଡ-୧୩
ମୋ: ୯୭୭୮୧୭୪୯୭୮




ଅଖଣ୍ଡ ନୀରବତାକୁ ଭାଙ୍ଗି ଚାଲିଥିଲା ସିଲିଙ୍ଗ ପଙ୍ଖାରୁ ଆସୁଥିବା ଧୀର ଅଥଚ ନିରବିଛିନ୍ନ ସଅଁସଅଁ ଶବ୍ଦ । ନିଜ ନିଜ ରୁମରେ ଯେମିତି ବନ୍ଦୀ ହୋଇଯାଇଥିଲେ ଦୁହେଁ। କେହି କାହାକୁ କିଛି କହିବା ଅବସ୍ଥାରେ ହିଁ ନଥିଲେ !

ଅବଶ୍ୟ ଟିଭି ଚାଲୁଥିଲା କିନ୍ତୁ ତାକୁ ବି ଯେମିତି ନୀରବତାର ଆବଶ୍ୟକତାକୁ ବୁଝାଇ ଦିଆଯାଇଥିଲା ଜବରଦସ୍ତ ।

ମ୍ୟୁଟ ମୋଡ୍‌ରେ ଚାଲୁଥିବା ଟିଭିରେ ଅହରହ ଚାଲିଥିଲା ଯୁଦ୍ଧର ଖବର ।

ଆଖିରୁ ନିଦ ତ ହଜି ସାରିଥିଲା । ନିଜ କୋଠରୀରେ ବସି ଟିଭି ପରଦାକୁ ଅପଲକ ଚାହିଁ ରହିଥିଲେ ନିରଂଜନ ବାବୁ। ପାଖ ଟେବୁଲରେ ସେମିତି ଥୁଆ ହୋଇଥିଲା ରୁଟି କିଛି ଖଣ୍ଡ ଓ ଆଳୁ ବାଇଗଣ ସନ୍ତୁଳା ।

ବିନା ଶବ୍ଦରେ ଯେତେ ସମ୍ଭବ ସେତିକି ସତର୍କତା ଅବଲମ୍ବନ କରି କେବଳ କବାଟରେ ସାମାନ୍ୟ ଫାଙ୍କ କରି ଭିତରର ଦୃଶ୍ୟକୁ ଥରେ ଆଖି ପକାଇ ଚାହିଁ ଦେଇ ଚାଲି ଆସିଥିଲେ କାବେରୀ। ଚାହୁଁ ନଥିଲେ ଯେ ନିରଞ୍ଜନ ତାଙ୍କୁ ଦେଖନ୍ତୁ ଆଉ ପୁଣି ଥରେ ଆରମ୍ଭ ହୋଇଯାଆନ୍ତୁ ସେ।

ସମସ୍ତ ଦୋଷ ପୁଣିଥରେ କାବେରୀଙ୍କ ମୁଣ୍ଡରେ ଲଦି ବିଶେଦଗାର କରନ୍ତୁ ଯେମିତି କାଲିଠୁ କରୁଛନ୍ତି ସେ।

''ମୁଁ କଣ ସେ ପୁଟିନକୁ କହିଛି ଯୁଦ୍ଧ କରିବା ପାଇଁ 'ଆଜି ସକାଳୁ ପ୍ରତିବାଦ କରିଥିଲେ କାବେରୀ ହେଲେ ସେଇ ପଦକ ଯେମିତି କେଉଁ ତୋପରେ ଅଗ୍ନିସଂଯୋଗ କରିଦେଇଥିଲା। ଆଉ ନିଜର ସମସ୍ତ ରାଗକୁ ତୋପର ଗୋଳା ରୂପେ ବର୍ଷା କରିଥିଲେ ନିରଞ୍ଜନ ।

କହିଥିଲେ --କେବଳ ତୁମ ପାଇଁ ଏତେ ସବୁ । ତୁମେ ହିଁ ଦାୟୀ ' କେଉଁଠି କି ଅବସ୍ଥାରେ ଥିବ ସେ ?'

କେବଳ କେବଳ ତୁମ ଜିଦ ଯୋଗୁଁ ଏ ଅବସ୍ଥା ।

କଣ ଦୁନିଆଁରେ କେବଳ ଡାକ୍ତରୀ ପାଠ ଅଛି ?

ମୁଁ ତ କହୁଥିଲି ଏମ .ଏ ପଢୁ ପି .ଏଚ .ଡି କରୁ । ଅଧ୍ୟାପିକାଟିଏ ହେଉ । ଝିଅ ବି ରାଜିଥିଲା ହେଲେ ତୁମେ ତ ମାନି ନଥିଲ ?

ହଁ ଯେ, ଯାହା ହେବାର ତ ହେଲାଣି । ଏବେ ତ ଏମ୍ବେସିକୁ ଫୋନ କର । କହିଥିଲେ କାବେରୀ

ବାରମ୍ବାର ପରା କରୁଛି। ଏଯାଏଁ ତା ସହ ଯୋଗାଯୋଗ କରିପାରିନାହାନ୍ତି ସେମାନେ କି ଲିପିର ଫୋନ ଲାଗୁନି । ମୁଁ ଖାଲି ବସିଛି କି ?

ମନ ଇଛା କହି ଚାଲିଥିଲେ ଅନେକ ସମୟ । କହୁଥିଲେ ଟାଣରେ କିନ୍ତୁ ଆଖି ଝରାଇ ଚାଲିଥିଲା ଅବିରତ । ଲାଗୁଥିଲା ଯେମିତି ରୁଷର କୌଣସି ବୋମାବର୍ଷି ବିମାନ ଚାଲିଆସି ବର୍ଷି ଯାଉଛି ବୋମା ପରେ ବୋମା । ହଠାତ ଭିତର ପଟୁ କବାଟ ବନ୍ଦ କରିଦେଲେ ସେ ।

ଚୁପ ହୋଇ ଯାଇଥିଲେ କାବେରୀ। ଇଛା ନଥିଲେ ବି କରିଥିଲେ ପଖାଳ ଓ ଭଜା ହେଲେ ସେଇଠି ସେମିତି ହିଁ ଅଛି ସେ ପଖାଳ ।

କିଏ ଆଉ ଖାଉଛି ? ପାଟିକୁ ଗଲେ ତ ?

ସବୁବେଳେ ଆଖି ଆଗକୁ ଚାଲି ଆସୁଛି ଲିପିର ଚେହେରା ।

ଚୁପଚାପ ଆସି ବାଲକୋନୀର ଧାରରେ ଠିଆ ହୋଇ ଶୂନ୍ୟ ଆକାଶକୁ ଦେଖି ଚାଲିଥିଲେ କାବେରୀ । ଟଙ୍ଗ ଟଙ୍ଗ କରି ରାତ୍ରିର ଦୁଇ ବାଜିବାର ଘୋଷଣା କରୁଥିଲା ଘଡି ।

ଆକାଶର ଶୂନ୍ୟତାକୁ ଯେମିତି ସେ ପ୍ରଶ୍ନ କରୁଥିଲେ ସେଇଠି ।

ତୁ କହ ମୋର ଦୋଷ କଣ ?

ଝିଅ ପାଇଁ ସ୍ୱପ୍ନ ଦେଖିବା କଣ ମୋର ଭୁଲ ?

ନିଜ ଅଧୁରା ସ୍ୱପ୍ନକୁ ଝିଅ ମାଧ୍ୟମରେ ଦେଖିବା କଣ ମୋର ଭୁଲ ?

ମୁଁ ଜାଣିଥିଲି କି ଏମିତି କିଛି ହେବ ?

ମନେ ପଡୁଥିଲା ଦୁଇବର୍ଷ ତଳର ସେ ଦିନ ସବୁ । ଝିଅକୁ ଇଉକ୍ରେନ ଛାଡିବାକୁ ଜମା ରାଜି ହେଉ ନଥିଲେ ନିରଞ୍ଜନ ! ନା ନା ଯୁକ୍ତି କରୁଥିଲେ । ଝିଅବି ଥରେ ଥରେ ସମର୍ଥନ କରୁଥିଲା ତାଙ୍କୁ ହେଲେ ସେ ହିଁ ତ ପୁରା ବିଦ୍ରୋହ କରି ଦେଇଥିଲେ । କହିଥିଲେ -

ଲିପି ଡାକ୍ତର ହେବ ମାନେ ହେବ । ଆଜି ନ ଛାଡିଲେ କାଲି ତ ଛାଡିବ । ତୁମ ଭଲ ପାଇବା ପାଇଁ ତାର ଭବିଷ୍ୟତ ନଷ୍ଟ ହେବ କି ? ଆଉ କେତେଦିନ କି ? ବାହାଘର ପରେ କେମିତି କରିବ ?

ରାଗ ମାଡୁଥିଲା ଲିପି ଉପରେ। ସେ ତ ଏମିତି ସେମିତି ଡରେଇ ଝିଅ ନୁହେଁ ! ଭାରି ଦୃଢ଼ ମନା ହେଲେ କାହିଁକି ଝିଅଟି ଫୋନ କରୁନାହିଁ ? କଣ ଅସୁବିଧା ହୋଇଛି କେଜାଣି । ଆଖି ଆଗକୁ ଆସି ଯାଉଥିଲା ଟିଭିର ଦୃଶ୍ୟ ସବୁ । ମନକୁ ପାପ ଛୁଇଁ ଯାଉଥିଲା ଆଉ ସେ ଭାବନା ଆସିବାକୁ ଯେମିତି ଅପେକ୍ଷା କରିଥିଲା ଆଖି। ବୋହି ଯାଉଥିଲା ସେ ! ଇଛା ହେଉଥିଲା ଏଇଠି ଗୋଟିଏ ମିନିଟ ବି ରହନ୍ତି ନାହିଁ ! ଉଡି ଉଡି ଚାଲିଯାଆନ୍ତି ସିଧା ଇଉକ୍ରେନକୁ ।

ସେଇ ବାଲକୋନୀରେ ପଡ଼ିଥିବା ସୋଫାରେ ସେମିତି ଗଡି ପଡ଼ିଥିଲେ କାବେରୀ । ଶୋଇବାକୁ ଜମା ଇଛା ନଥିଲା କି ନିଦ ବି ବୋଧେ ଆଖ ପାଖରେ ନଥିଲା କିନ୍ତୁ ଦୁଇଦିନ ଧରି ଗୋଟିଏ ସ୍ରୋତରେ ଭାସି ଚାଲିଥିବା କ୍ଳାନ୍ତ ସ୍ଳାନ୍ତ ଶରୀର ଯେମିତି ଢଳି ପଡୁଥିଲା ।

ଛାଇ ନିଦରେ ଥିଲେ ସେ । ବୋଧେ ସ୍ୱପ୍ନ ଦେଖୁଥିଲେ । କେଉଁ ଏକ ବେସମେଣ୍ଟର ଅନ୍ଧାର କୋଣରେ ଜାକି ଜୁକି ହୋଇ ବସିଥିଲା ଲିପି ।

ଲିପି, ଲିପି....ହଠାତ ଖୁବ ଜୋରରେ ପାଟି କରି ଉଠିଲେ ସେ।

ଚାଇଁକିନା ଭାଙ୍ଗିଗଲା ନିଦ।' ହେଲେ ଠିକ ସେତିକିବେଳେ ସେପଟୁ ପାଟି କରୁଥିଲେ ନିରଞ୍ଜନ।

ଖୁବ ଜୋରରେ ଶୁଣା ଯାଉଥିଲା ଟିଭିର ଶବ୍ଦ ଆଉ ତା ସହ ତାଳଦେଇ ନିରଞ୍ଜନ ଡାକୁଥିଲେ କାବେରୀ କାବେରୀ.... ଶୀଘ୍ର ଆସ...

ଧଡ଼ ଧଡ଼ କରୁଥିଲା ଛାତି।'କୌଣସି ଅଘଟଣର ଆଶଙ୍କା ଯେମିତି ଟାଣୁଥିଲା ପଛକୁ ପଛ କିନ୍ତୁ ଉଠିପଡ଼ି ଧାଇଁଥିଲେ କାବେରୀ ।

ଟିଭି ସାମ୍ନାରେ ଛିଡାହୋଇ ଟିଭିର ଫୋଟୋ ଟାଣୁଥିଲେ ନିରଂଜନ । ଟିଭିରେ ଆସୁଥିଲା ଏକ ବିମାନର ଭିତରର ଚିତ୍ର ! ଖୁବ ଖୁସି ହୋଇ ନିରଞ୍ଜନ କହୁଥିଲେ

--ଏଇ ଦେଖ ଲିପି ଫେରୁଛି.....

ମୁଁ କହିଥିଲି ନା... କିଛି ହେବ ନାହିଁ.... ମୋ ଝିଅ ପରା.....

ଖୁସି ରୂପାନ୍ତରିତ ହୋଇ ଚାଲୁଥିଲା ଶବ୍ଦରେ । କେତେବେଳେ ହସୁଥିଲେ ତ କେତେବେଳେ କାନ୍ଦୁଥିଲେ ନିରଞ୍ଜନ !

ସେଇଠି ଲଥକିନା ବସି ପଡ଼ିଥିଲେ କାବେରୀ ! ଭାରି ହାଲୁକା ଲାଗୁଥିଲା ।

ସକାଳର ସୁନେଲି ରଶ୍ମି ନେଇ ଝରକାଦେଇ ଭିତରକୁ ପ୍ରବେଶ କରୁଥିଲା ଆଶାର ଆଲୋକ । ଠାକୁରଙ୍କୁ ମୁଣ୍ଡିଆ ଟିଏ ମାରି କାବେରୀ କହୁଥିଲେ ''ପ୍ରଭୁ ଯା ହେଉ ମୋ ଡାକ ଶୁଣିଲୁ ହେଲେ ମୋ ପରି ଅନେକ ମା ଅନାଇ ରହିଛନ୍ତି ପ୍ରଭୁ ! ସମସ୍ତଙ୍କୁ ଫେରାଇ ଦେ ସେମାନଙ୍କ ସନ୍ତାନ ପ୍ରଭୁ ! ଏ ଯୁଦ୍ଧ ବନ୍ଦ ହେଉ !

# ବିଚାର


## ପ୍ରଫୁଲ୍ଲ ବାରିକ




ପଂଚାୟତ ନିର୍ବାଚନ ସରିଲା। ଫଳବି ଘୋଷଣା ହେଇଗଲା। ବିଜେତା ଆନନ୍ଦରେ ଆତ୍ମ ବିଭୋର ହେଉଥିବା ବେଳେ ପରାଜିତ ଆତ୍ମଗ୍ଲାନିରେ ନିମଗ୍ନ ।

ପାଞ୍ଚବର୍ଷରେ ଥରେ ବଡ଼ ପର୍ବ ନିର୍ବାଚନ ଗାଁ'ରେ । ଧନୀ ନିର୍ଦ୍ଧନ, ଟୋକା ବୁଢ଼ା, ପୁରୁଷ ସ୍ତ୍ରୀ ନିର୍ବିଚାରରେ ସମସ୍ତଙ୍କର ଉପଭୋଗର ପର୍ବ ଇଏ । ପ୍ରତ୍ୟକ୍ଷ ହେଉ, ଅବା ପରୋକ୍ଷ, ସମ୍ପୃକ୍ତି ସମସ୍ତଙ୍କର । ଶାରୀରିକ ମାନସିକ ଉଭୟ ସ୍ତରରେ । ଗାଁ'ର ଶାନ୍ତ ସ୍ୱଚ୍ଛ ପରିବେଶ ନିର୍ବାଚନ ପରବକୁ ହୁଏ ଚଳଚଞ୍ଚଳ । ପ୍ରଚାର ଭାଙ୍ଗିଦିଏ ନିରବତା । ଗଛ ପତ୍ର, କାଂଥ ବାଡ଼ ପ୍ରତିଧ୍ୱନୀତ ଉଚ୍ଛାଙ୍ଗ ସଂଗୀତର ଭାରି ଶବ୍ଦରେ। ଗାଁ ମୁଣ୍ଡ ଛକରେ ଲାଗେ ସନ୍ଧ୍ୟାକୁ ମେଳା । ଦଳ ସମର୍ଥକଙ୍କ ଟୁପ ଟାପ, ଯୋଜନାମାନ ପ୍ରସ୍ତୁତି ଓ ଆଗାମୀ ଫଳର ନକ୍ସା ଆଙ୍କୁ ଆଙ୍କୁ ହେଇ ଯାଏ ରାତି ଏଗାର, ଜଣା ପଡ଼େନି। ଉଡିଯାଏ କେଟିଲ ପରେ କେଟିଲ ଚାଆ । ପାକେଟ ପରେ ପାକେଟ ସିଗାରେଟ ଓ ମାଳମାଳ ଗୁଟଖା। ଇଏ ଆଖି ଦେଖାକ। ଆଖି ଆଢୁଆଳରେ କଣ କଣ ହୁଏ, ତାର ବିବରଣୀ ଦବା ନିଷ୍ପ୍ରୟୋଜନ ଏଠି। ଦୋକାନ କେଇଟା କରି ନିଅନ୍ତି ବର୍ଷକର ବେପାର। ହାତ ଚିକ୍କଣ ସମସ୍ତଙ୍କର।

ନିର୍ବାଚନ ଫଳ ପ୍ରକାଶର ଦିନେ ଦି'ଦିନ ବାତାବରଣ ରହେ ଭିନ୍ନ ପ୍ରକାରେ। ତା ପରେ ପଡିଆସେ ଫିକା, ଗତାନୁଗତିକ। ଗାଁ ପରିବେଶରେ ଛାଇ ଯାଏ ପୂର୍ବ ନିରବତା । ଛକରେ କାଁ ଭାଁ ଗରାଖ ।

ଅନାବଶ୍ୟକରେ ମନକରି ନରି ମିଶ୍ରେ ଗଲେ ଛକ ଆଡ଼େ ସନ୍ଧ୍ୟାକୁ । ତିନି ଚାରି ଜଣ ବସିଥାଆନ୍ତି ହରିସାଉ ଚାଆ ଦୋକାନ ବେଞ୍ଚରେ । ତାଙ୍କ ଭିତରେ ବସିଥାଏ ହୁଣ୍ଡା । ଅନ୍ୟଙ୍କୁ ଦେଖି ମିଶ୍ରେ ଯେତିକି ଆଶ୍ଚର୍ଯ୍ୟ ନହେଲେ, ଆଶ୍ଚର୍ଯ୍ୟ ହେଲେ ହୁଣ୍ଡାକୁ ଦେଖି । ହୁଣ୍ଡା କେବେ ଆସେନା ବିନା ମତଲବରେ ଛକକୁ, ବିଶେଷକରି ସଞ୍ଜ ବେଳେ । ଚାଆ କପେକୁ ମୁଣ୍ଡ ନାଇଁ । କାଇଁପାଇଁ ଆସନ୍ତା ଭଲା। ଅବଶ୍ୟ ନିର୍ବାଚନ ବଜାରରେ ହୁଣ୍ଡା ହେଇ ଉଠିଥାଏ ସକ୍ରୀୟ। କଥା, କାମ ଉଭୟରେ। ଦିନଯାକ ମଲ୍ଲୀରେ ମାରେ ପୋଷ୍ଟର । ସଞ୍ଜକୁ ଛକ । ଚାଆ ଜଳଖିଆ ମାଗିବାକୁ ପଡ଼େନା । ସମସ୍ତେ ଜାଣନ୍ତି ହୁଣ୍ଡା କାହାରି ନୁହେଁ। ଯିଏ ତାକୁ ଲଗେଇଲା କାମରେ, ସିଏ ତାର । ନିର୍ବାଚନ ଆଠ ଦିନ ହୁଣ୍ଡା ମୁହଁରୁ ସିଗ୍ରେଟ ନିଭିନି । ଏକଥା ଆଉ କାହା ନଜରରେ ଥାଉ, ନ ଥାଉ, ମିଶ୍ରଙ୍କ ନଜରରେ ଜବରକି ଅଛି । ଅଥଚ ଦିନେ ବିଡ଼ିଖଣ୍ଡେ ଜଳିବାର ଦେଖି ନାହାନ୍ତି ମିଶ୍ରେ ଆଗରୁ ହୁଣ୍ଡା ମୁହଁରେ। ବେଶୀରେ ବେଶୀ ଖାଇନି ଟିପେ ପକେଇ କଚ କଚ ଛାଟୁଥିବ ଛିପ ।

ମିଶ୍ରଙ୍କୁ ଠିଆ ହବାର ଦେଖି ହୁଣ୍ଡା ଘୁଂଚି ଯାଇ ଜାଗା ଦେଲା ବସିବାକୁ । ମିଶ୍ରେ ବସିଲେ ।

---- ଆଉ, କେତେ କପ ଚାଆ, ସିଗ୍ରେଟ କେଇ ଖଣ୍ଡ ଗଲାଣି ?

ମିଶ୍ରେ ପଚାରିଲେ ହୁଣ୍ଡାକୁ, ଯଦିଚ ସେ ଭଲ ଭାବେ ଜାଣନ୍ତି ଅବସ୍ଥା ।

---- ବାହାଘର ପରେ ବେଦି ମୁହଁ ପୋଡା ବୋଲି ଜାଣନ୍ତିନିକି ତେମେ ଆପଣେ ? ଆଉ କିଏ ଦବ ? ବଞ୍ଚି ଥିଲେ ପାଞ୍ଚ ବର୍ଷ ପରେ ଯାଇ ।

----- ଠିକ କହିଲୁ ହୁଣ୍ଡା । ଦେଖୁଚି ଇଲେକ୍ସନ ପରେ ତୁ ଚାଲାକ ହେଇ ଯାଇଚୁ ? ନାଇଁତ ତୋ ମୁହଁରୁ ଯେ ଦର୍ଶନ ? ମୁଁ ତ ତାଜୁବ ହଉଚି !

ଟିକେ ପାଖେଇ ଆସି ମିଶ୍ରେ ପଚାରିଲେ, କାହାଠୁ କେତେ ପାଇଥିଲୁ ? କାହାକୁ ଦେଲୁ ? ସତ କହ, କାହାକୁ ମୁଁ କିଛି କହିବିନି ।

ହୁଣ୍ଡା ଅନେଇଲା ମିଶ୍ରଙ୍କ ମୁହଁକୁ ବଲବଲ କରି । ତା ଆଖିରେ ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱ ଦେଖି ମିଶ୍ରେ ସାହାସ ଦେଲେ । 'ଆରେ, ଯିଏତ ହବାର ହେଲେ । ଏବେ ଆଉ ଏତେ ଡର କାହିଁକି ? କହ, କେତେ ପାଇଥିଲୁ, କାହାକୁ ଦେଇଥିଲୁ ?'

ମିଶ୍ରଙ୍କଠୁ ନିର୍ଭୟ ପାଇ ହୁଣ୍ଡା କହିଲା ଚୁପି ଚୁପି, ତିନି ଦଳ ଦେଇଥିଲେ ହଜାରେ କରି । ମୋଟ ତିନି ହଜାରେ । ମୁଁ କୋଉ ମାଗି ଥିଲିକି ? ସେମାନେ ବଳେଇ ଦେଲେ । ମୋ ରଖିବାରେ ଦୋଷ କଣ ? ଭୋଟ ଦେବା କଥା ଯୋଉ କହିଲ ସାଆନ୍ତେ,ସତ କହୁଛି ମୁ କାହାରିକୁ ନିରାଶ କରିନି। ସିମିତି ହେଇଥିଲେ ନିମକ ହାରାମ ହେଇଥାଆନ୍ତି । ଗିରସ୍ତ ଭାରିଜା ଆମେ କଥା ହେଇ ଦେଇ ଦେଇଛୁ ସମସ୍ତଙ୍କୁ । ବାକି ଯଉ ଚିହ୍ନ ବଞ୍ଚିଲା, ଶେଷକୁ ତାକୁବି ଛାଡିନୁ । ବାଡେଇ ଦେଇଚୁ । କିଏ କାହିଁକି ଦୁଃଖ କରିବ । ଜିତନ୍ତୁ ସଭିଏଁ। ଠିକ କରିଚିନା ସାଆନ୍ତେ ? ନା ତେମେ ଆପଣେ କଣ କହୁଛ ?

ମିଶ୍ରେ ହୁଣ୍ଡା ମୁହଁରୁ ମୁହଁ ଫେରେଇ କହିଲେ, ଏକଦମ ଠିକ କରିଛୁ। ନ୍ୟାୟ ପ୍ରତିମ ବିକ୍ରମାଦିତ୍ୟ। ଖାଲିଟାକୁ ମୁଁ କହୁଛି ନିର୍ବାଚନ ପରେ ହୁଣ୍ଡା ଆମର ଚାଲାକ ହେଇ ଗଲାଣି ବୋଲି ? ବୁଝିଲୁ ହୁଣ୍ଡା, ତୁ ସତରେ ହୁଣ୍ଡାଟାଏ । ତୋ ନାଁ ଅନୁସାରେ ଗୋଟାପଣି ତୁ । ମିଶ୍ରେ ଚାଆ କପ ଧରି ଟିକେ ଦୁରେଇ ଠିଆ ହେଇ ପିଇଲେ । ମିଶ୍ରଙ୍କୁ ଅନେଇ ହୁଣ୍ଡା ଭାବୁଥାଏ, କାଇଁକି ମିଶ୍ରେ କହିଲେ ଇମିତି ? ମୁଁ ତ ଅନ୍ୟାୟ କରିନି ? ମୋ ବିଚାର କଣ ଭୁଲ ?


+ଚନ୍ଦନବିନ୍ଧା, ଚାନ୍ଦବାଲି,
ଭଦ୍ରକ
ମୋ ୯୨୩୮୯୨୦୪୦୫


# ପ୍ରତିଛବି


## ଆଦ୍ୟାଶା ମହାପାତ୍ର




ଜୀବନରେ ପ୍ରଥମ ଥର ଓଡିଶା ଛାଡି ସୁମିତ୍ରା ବାଙ୍ଗାଲୋର ଆସିଛନ୍ତି । ଏଣିକି ସେ ଓ ସୁଜିତ ଏଇଠି ହିଁ ସବୁଦିନ ପାଇଁ ରହିବେ, ମଝିରେ ମଝିରେ ଗାଁ ଘର ଦେଖିବାକୁ ଓଡିଶା ଯିବେ ଯାହା। ପୁଅ ଚାକିରୀ କଲାପରେ ସବୁବେଳେ କୁହେ, -ବୋଉ, ତୁ ଏଥର ମୋ ପାଖକୁ ଚାଲିଆ।' ହସିଦେଇ ସୁମିତ୍ରା କୁହନ୍ତି, - 'ତୋ ବାପାଙ୍କୁ କହ ଚାକିରୀ ଛାଡ଼ି ଦେବାକୁ। ଏଠି ତୋ ବାପାଙ୍କୁ ଏକୁଟିଆ ଛାଡି କେମିତି ଯିବି ?' ବିଭୁ କିନ୍ତୁ ଖୁବ୍ ଜିଦି କରେ। କହେ ଚାକିରୀ ତ ତାଙ୍କର ଆଉ ଅଳ୍ପ ଦିନ ରହିଲା। ବାପାଙ୍କ ଯତ୍ନନେବାକୁ ଦାଦା ଖୁଡି ତ ଅଛନ୍ତି। ତାପରେ ବାପା ବି ଆମ ପାଖକୁ ଆସିଯିବେ। ସୁମିତ୍ରା ପୁଣି ପୁଅ ମନ ରଖିବାକୁ କହନ୍ତି 'ଯେଉଁଦିନ ତୋ ବାପା ରିଟାୟରମେଣ୍ଟ ନେବେ, ତା ପରଦିନ ତୋ ପାଖକୁ ନିଶ୍ଚୟ ଚାଲିଯିବି।'

ଦିନେ ବିଭୁ କହିଲା,- 'ଦେଖ ବୋଉ, ସମସ୍ତେ ଏକାଠି ରହଲେ କେତେ ଭଲ ଲାଗନ୍ତା। ତା'ଛଡା ହଠାତ ତମ ମାନଙ୍କ ଦେହ ପା କିଛି ହେଲେ ପାଖରେ ମୁଁ ନଥିବି। ଏବେ ଦୀପା ବି ଚାହୁଁଛି ଚାକିରୀ କରିବ ବୋଲି । ' ଏତିକି କଥାରେ ଟିକେ ନିରବି ଗଲେ ସୁମିତ୍ରା। ବୋହୁ ଚାକିରୀ କରୁବୋଲି ତାଙ୍କର ଇଛା ନଥିଲା। ସେଥିପାଇଁ ଯେତେ ଚାକିରିଆ ଝିଅ ପ୍ରସ୍ତାବ ଆସିଥିଲା, ସବୁକୁ ମନା କରି ଦେଇଥିଲେ। ସେ ଜାଣନ୍ତି, ପିଲାମାନଙ୍କ ଠିକ ଭାବେ ଯତ୍ନ, ଲାଳନ ପାଳନ କେତେ କଷ୍ଟ। ଆଉ ଚାକିରି କରୁଥିବା ମାଆ ମାନଙ୍କ ପକ୍ଷରେ ଏଭଳି ଦୁଇଟି ଦାୟିତ୍ୱ ତୁଲାଇ ପାରିବା ସମ୍ଭବ ନୁହେଁ। ଘର କାମ, ପିଲାର ଯତ୍ନ ପାଇଁ ବାହାର ଲୋକ ଉପରେ ନିର୍ଭର କରିବାକୁ ପଡିବ। ବାହାର ଲୋକଙ୍କୁ କି ବିଶ୍ୱାସ ? ବିଭୁକୁ ସେ କହିଥିଲେ, -ବୋହୁ ଥରେ ଚାକିରୀରେ ପଶିଲେ, ପିଲାଛୁଆ କଥା ତମେ କ'ଣ ଚିନ୍ତା କରିବ ? ଆଉ ଯଦି ତୁମ ଦୁହିଁଙ୍କ ଅଲଗା ଜାଗାରେ କି ବିଦେଶରେ ପୋଷ୍ଟିଂ ହୁଏ, ତେବେ କଥା ସରିଲା । ତମ ବାଟ ଚାହିଁ ଚାହିଁ କିମ୍ବା ନାତି, ନାତୁଣୀ ବକଟେ ପାଇଁ ଆମ ଆଖିରୁ ପାଣି ମରିବ।'

-'ହେଲେ ବୋଉ, ଦୀପାର ଇଛା....'ଆଉ କିଛି କହି ପାରିନଥିଲା ବିଭୁ। ସବୁ କଥା ଶୁଣୁଥିବା ଦୀପା ତାକୁ ବାରଣ କରିଥିଲା । ଦୀପା ଚାହୁଁ ନ ଥିଲା ଶାଶୁ ଶ୍ୱଶୁରଙ୍କ ମନରେ ଦୁଃଖ ଦେବାକୁ। ସମୟ କେମିତି ଗଡି ଯାଉଥିଲା। ଦୀପା ଆଉ ଚାକିରୀ କରିବାକୁ ମନ ବଳାଇନି । ନାତି ଶାଶ୍ୱତକୁ ଏବେ ତିନି ବର୍ଷ। ଭିଡିଓ କଲରେ ତାଙ୍କ ସହ କେତେ କଥା ହୁଏ। ସେଦିନ ବିଭୁ ବଡ ଅଭିମାନରେ କହିଥିଲା,- ବୋଉ, ତୁମେ ଦୁହେଁ ଆମ ପାଖକୁ ଶୀଘ୍ର ଚାଲି ଆସ। କେବେ ଠୁ ତୋ ହାତରୁ ଖାଇନି। ନଆସିଲେ ମୁଁ ତୋ ସହିତ ଆଉ ଜମା କଥା ହେବିନି।'

କୌଣସି ଗୋଟିଏ ପର୍ବରେ ପିଠାପଣା ସହ ବିଭୁର ଅତିପ୍ରିୟ କାକରା ପିଠା, ବୁନ୍ଦିଆ ଲଡୁ ଓ କ୍ଷୀରି ନିଶ୍ଚୟ ତିଆରି କରନ୍ତି ସୁମିତ୍ରା। ନିଜ ହାତରେ ପୁଅକୁ ଖୁଆଇଦେଲା ବେଳେ ସୁଜିତ ହସିଦେଇ କୁହନ୍ତି, -ବୁଢ଼ା ହେଲାଯାଏଁ ତମ ପୁଅକୁ ହାତରେ ଖୁଆଉଥିବ ନା କଣ ? ଭଲ ଭଲ ଜିନିଷ ଖୁଆଇ ତାକୁ ପେଟୁଆ ଗଣେଶ କରିଦେଲଣି। 'କୃତ୍ରିମ ରାଗ ଦେଖାଇ ସୁମିତ୍ରା କୁହନ୍ତି, - କେମିତିକା ବାପ ତମେ ? ନିଜ ଛୁଆ ଉପରେ ଆଖି ପକଉଛ ? 'ବିଭୁ ହସିଦେଇ କୁହେ,-ମୁଁ ଚାକିରୀ କଲାପରେ ତୁ ମୋ ପାଖରେ ରହିବୁ ବୋଉ। ମୋତେ ଖୁଆଇ ଦେବୁ।' ଚାହୁଁ ଚାହୁଁ କେମିତି ସମୟ ଗଡ଼ିଗଲା। ଝିଅ ବିନି ବାହାହୋଇ ଆମେରିକାରେ ଓ ବିଭୁ ବାଙ୍ଗାଲୋରରେ।

ଓଡ଼ିଶାରେ ସୁମିତ୍ରା ଓ ସୁଜିତ ଦୁହେଁ କରୋନା ଆକ୍ରାନ୍ତ ହୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ବହୁତ ଦୁର୍ବଳ ଲାଗୁଥିଲା ଅନେକ ଦିନ ପର୍ଯ୍ୟନ୍ତ। ପୁଅ କଥା ଭାରି ମନେପଡୁଥିଲା ସୁମିତ୍ରାଙ୍କର। ବିଭୁ ଠିକ କହୁଥିଲା, ଏହି ସମୟରେ ପୁଅ ବୋହୂ ତାଙ୍କ ଯତ୍ନ ନେଇଥାନ୍ତେ। ଭାବନା ରାଜ୍ୟରୁ ଫେରି ଆସିଲେ ସୁମିତ୍ରା। ଟ୍ୟାକ୍ସି ଭିତରୁ ବାଙ୍ଗାଲୋର ସହର ଭାରି ସୁନ୍ଦର ଲାଗୁଥିଲା । ଘରେ ପହଁଚିଲା ବେଳକୁ ଯାତ୍ରା ଜନିତ କ୍ଳାନ୍ତି ଯୋଗୁଁ ନିଦ ଲାଗୁଥିଲା ସୁମିତ୍ରାଙ୍କୁ। ଶୋଇଲା ବେଳେ ଶାଶ୍ୱତ ତାଙ୍କୁ ହିଁ କୁଣ୍ଢେଇ ଶୋଇଲା। ପିଲାବେଳେ ବିଭୁ ଠିକ ଏମିତି ଶୋଉଥିଲା। ପୁରା ବାପ ଗୁଣ ଆଣିଛି ଟୋକା। ବଡ଼ି ଭୋରୁ ନିଦ ଭାଙ୍ଗିଯାଇଥିଲା ସୁମିତ୍ରାଙ୍କର। ତଥାପି ଅନ୍ଧାର ଅଛି। କେହି ଉଠି ନାହାନ୍ତି । ଚୁପ ଚାପ ନିଜ ନିତ୍ୟକର୍ମ ସାରି ରୋଷେଇ ଘରେ ପଶି ସେ କାମ ଆରମ୍ଭ କରିଦେଲେ।

ପିଠା ଛାଣି ସାରିଲା ବେଳକୁ କ୍ଷୀରି ହୋଇ ସାରିଥିଲା। ବୁନ୍ଦିଆ ସିରାରେ ପକାଇ କାଢ଼ିନେଲେ। ପୁରି ବି କିଛି ଛାଣି ନେଲେ। ବିଭୁ ଉଠିଲେ ଖାଇବ। ତାଙ୍କ ଆସିବା ଜାଣି ଆଜି ନିଶ୍ଚୟ ଜଲଦି ଉଠି ପଡିବ। ଦାନ୍ତ ଘଷି ନଥିବ, ଖାଇବାକୁ ମାଗିବ। ଅଘଷା ପାଟିରେ ବି ବେଳେବେଳେ ବୋଉ ହାତରୁ ଖାଏ ସେ । ଗୋଟେ ପ୍ଲେଟରେ ସବୁ ବାଢି ନେଇ ଡାଇନିଂ ଟେବୁଲ ପାଖକୁ ଯାଇ ଗୋଟେ ଚେଆର ଟାଣି ବସିଲେ ସୁମିତ୍ରା। -'ବିଭୁ ଅଘଷା ପାଟିରେ ଖାଇଲେ ତମେ ଚିଡିବନି କହି ଦେଉଛି ! ଆଜି ତା ଜନ୍ମଦିନ। ଭଲ ଦିନଟାରେ ଟିକେ ଚୁପ ରହିବ। ଛୁଆଟା ମୋର ଏସବୁ ଜିନିଷ ପରା ଖାଇବାକୁ ଭଲ ପାଏ।'

-'କ'ଣ ସବୁ କାହାକୁ କହୁଚ ? ତୁମ ଭଟର ଭଟରରେ ମୋ ନିଦ ଭାଙ୍ଗିଗଲା।' ପଛରୁ ଶୁଭିଲା ସୁଜିତଙ୍କ ସ୍ୱର। ବୋହୁ ଦୀପା ବି ଉଠି ଆସି ହତବାକ ହୋଇ ଚାହିଁଥିଲା। ପାଖକୁ ଆସି ପଚାରିଲା, -ବୋଉ , ସକାଳୁ ଉଠି ଏତେ ସବୁ ଜିନିଷ କରି ସାରିଲଣି ? 'ଆଜି ପରା ବିଭୁର ଜନ୍ମଦିନ। ତୁ ଶୀଘ୍ର ଗାଧେଇ ପଡ଼ । ଆମେ ଆଗ ଯାଇ ମନ୍ଦିରରୁ ଫେରି ଆସିବା। ଆଉ ଏସବୁ ଜିନିଷ ମୋ ପୁଅ ଖାଇବାକୁ ଭାରି ଭଲ ପାଏ। ତୁ କଣ ଜାଣିନୁ ?'

ବଲବଲ କରି ଚାହିଁଥିଲା ଦୀପା। ଦୀର୍ଘନିଶ୍ୱାସ ଛାଡି ସୁମିତ୍ରାଙ୍କୁ କୁଣ୍ଢାଇ ଧରିଲା। କିଛି ସମୟ ଦୁହେଁ ଯେମିତି ସେଇ ଅବସ୍ଥାରେ ରହିଗଲେ। ହଠାତ ସୁମିତ୍ରାଙ୍କ ଆଖି ପଡିଗଲା ଡ୍ରଇଂ ରୁମ କାନ୍ଥରେ ଟଙ୍ଗା ହୋଇଥିବା ବିଭୁର ଫଟୋ ଉପରେ। ନିଜ ଲୁହ ଓ କୋହକୁ ସମ୍ଭାଳିବାକୁ ଭରପୁର ପ୍ରୟାସ କରୁଥିଲେ ସୁମିତ୍ରା ଏଥର। କରୋନାରେ ବିଭୁ ଚାଲିଗଲା ବେଳେ, ଓଡ଼ିଶାରେ ସେମାନେ ବି ହସ୍ପିଟାଲରେ ପଡିଥିଲେ। ନିୟତି ଏତେ ନିଷ୍ଠୁର ହୋଇ ଏକ ମାତ୍ର ପୁଅକୁ ତାଙ୍କଠୁ କାହିଁକି ଛଡାଇ ନେଲା ?

-'ଚାରିଆଡ଼ ତାଙ୍କୁ ବିଭୁମୟ ଦିଶୁଛି। ଏବେ ବିଭୁ ଗୋଟେ ସ୍ମୃତି। ଜଣଙ୍କ ଅବର୍ତ୍ତମାନରେ ଦୁନିଆଟା ସମ୍ପୂର୍ଣ୍ଣ ବଦଳିଯାଏ । ବିଭୁ ନାହିଁ ବୋଲି ସେ ବେଳେ ବେଳେ ବିଶ୍ୱାସ କରି ପାରୁ ନାହାନ୍ତି। ଘରେ ବି ଅନ୍ୟମନସ୍କ ଭାବେ ଅନେକ ଥର ପୁଅ ପାଇଁ ଖାଇବା ବାଢି ଦିଅନ୍ତି । 'ବୋହୂ ଦୀପାକୁ କୋହ ଭରା କଣ୍ଠରେ କହିଲେ ସୁଜିତ।

ଲୁହକୁ ଲୁଚାଇ ଆଖି ପୋଛିଲେ ସୁମିତ୍ରା। ନିଜକୁ ଦୃଢ଼ କରିବାର ସଂକଳ୍ପ ନେଇ ସେ ଯେ ଆସିଛନ୍ତି ! ବିଭୁ ଚାକିରୀ କରୁଥିବା କମ୍ପାନୀରେ ଦୀପାକୁ ଚାକିରୀ ମିଳିଛି। ବୋହୁ ଚାକିରୀ ପାଇଁ ଗଲେ, ନାତି ପାଖରେ ସେମାନେ ଦୁହେଁ ରହିବେ। ବିଭୁର ସନ୍ତକ ଶାଶ୍ୱତ ପ୍ରତି ମଧ ଅନେକ କର୍ତ୍ତବ୍ୟ କରିବାକୁ ବାକି ଅଛି..। ସେଇଥିପାଇଁ ତ ଇଚ୍ଛାକୃତ ଅବସର ନେଇ ସାରିଛନ୍ତି ସୁଜିତ....! -' ଜେଜେମା, କ୍ଷୀରି କରିଛ ! ମୋତେ ଭାରି ଭଲ ଲାଗେ ଏଇଟା। ଚାଖିବାକୁ ଦିଅନା ଟିକିଏ। ' ଶାଶ୍ୱତ ପାଟି ଆଁ କରି ସାମ୍ନାରେ ଠିଆ ହୋଇଥିଲା। ସୁମିତ୍ରା ଦୁଇ ଚାମଚ ତା ପାଟିରେ ଦେଇ ବ୍ରସ କରି ଆସିଲେ ଆଉ ଖାଇବୁ ବୋଲି ବୁଝାଇଲେ। 'ଆଉ ୱାନ୍ ,ଟୁ, ଥ୍ରି, ଫୋର.. ଥର ଦିଅ ଜେଜେ ମା'। ପ୍ରମିସ୍ ମୁଁ ବ୍ରସ କରି ଆସିବି। ସୁମିତ୍ରା ଦେଖିଲେ ଦୀପା ପୁଅ ଆଡ଼କୁ ଚାହିଁ ଅଳ୍ପ ଅଳ୍ପ ହସୁଛି..!!!


+ନୂଆପଡା , କଟକ

# କୋସଲି ଭାଷା ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ : ପଣ୍ଡିତ ଡଃ ପ୍ରବୋଧ ମିଶ୍ର

ଭୁବନେଶ୍ୱର,୧୩/୦୩ (ନି.ପ୍ର): ପଶ୍ଚିମ ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଦାବି ହେଉଛି କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା। ଯେଉଁ ମାନ୍ୟତା ପାଇଁ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ଦୀର୍ଘକାଳରୁ ସଂଘର୍ଷ କରି ଆସୁଛନ୍ତି। ମାତ୍ର ଦୁଃଖ ଓ କ୍ଷୋଭର ବିଷୟ ସେ ଦିଗରେ ରାଜ୍ୟ ତଥା କେନ୍ଦ୍ର ସରକାର ଘୋର ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏକଥା ପ୍ରକାଶ ପାଇଛି ଉତ୍କଳ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଏକ ପୁସ୍ତକ ଲୋକାର୍ପଣ ଉତ୍ସବରେ।

କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ ତଥା କୋସଲ ହେରିଟେଜ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଏକାଡ଼େମୀର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷତା କରି କୋସଲି ଭାଷାର ଉତ୍କର୍ଷ ଓ ପ୍ରାଚୀନତା ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ପ୍ରାଥମିକସ୍ତରରେ କୋସଲି ଭାଷାରେ ଶିକ୍ଷାଦାନ ହେଉନଥିବାରୁ ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କ ବୌଦ୍ଧିକ ବିକାଶ ହୋଇପାରୁ ନାହିଁ। ଓଡ଼ିଶାର ପ୍ରାୟ ଦୁଇକୋଟିରୁ ଅଧିକ ଲୋକ ଏହି ଭାଷା ବ୍ୟବହାର କରୁଥିବାରୁ ଏହାକୁ ଓଡ଼ିଶାର ଅନ୍ୟତମ ସରକାରୀ ଭାଷା ଭାବେ ସରକାର ଗ୍ରହଣ କରିବା ଉଚିତ୍ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ହିନ୍ଦି, ଓଡ଼ିଆ ଏବଂ କୋସଲି ଭାଷାରେ 'ଅଦ୍ୱୟ ସିଦ୍ଧି', 'ମନଗହନ' ଓ 'ପ୍ରଜ୍ଞାଲୋକ' ନାମରେ ତିନୋଟି ପୁସ୍ତକ ଲୋକାର୍ପିତ ହୋଇଥିଲା ଯାହାର ପ୍ରକାଶକ ହେଉଛନ୍ତି କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ। 'ଅଦ୍ୱୟ ସିଦ୍ଧି' ହେଉଛି ଗୋରେଖନାଥ ସାହୁ ଓ ପଣ୍ଡିତ ଦାମୋଦର ହୋତାଙ୍କ ଦ୍ୱାରା ଓଡ଼ିଆ ଭାଷାର ପୁସ୍ତକ ଯାହାକୁ ହିନ୍ଦିରେ ଅନୁବାଦ କରିଛନ୍ତି ପଦ୍ମଶ୍ରୀ ଡଃ ଶ୍ରୀନିବାସ ଉଦ୍‌ଗାତା। ଓଡ଼ିଆ ଭାଷାରେ ଲିଖିତ ସତ୍ୟକଥା ଉପରେ ଆଧାରିତ 'ମନଗହନ'ର ରଚୟିତା ହେଉଛନ୍ତି ପ୍ରାଧାପିକା ମୀନା ମହରଣା ଏବଂ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଯାନିଯାତ୍ରାରେ ଯୋଗତତ୍ତ୍ୱ ଆଧାରିତ ବରୁଆତତ୍ତ୍ୱ ଉପରେ ଲିଖିତ 'ପ୍ରଜ୍ଞାଲୋକ'ର ଲେଖକ ହେଉଛନ୍ତି ଗବେଷକ ଗୋରେଖନାଥ ସାହୁ ଯହିଁରେ ଅମାନୁଷିକ ପଶୁବଳି ବିରୁଦ୍ଧରେ ଏବଂ ଯୋଗତତ୍ତ୍ୱ ସମ୍ପର୍କରେ ପ୍ରାମାଣିକ ତଥ୍ୟ ପରିବେଷଣ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଖ୍ୟାତ ସାରସ୍ୱତ ସାଧକ ପଣ୍ଡିତ ଡଃ ପ୍ରବୋଧ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋସଲି ଭାଷା ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ ବୋଲି ମତବ୍ୟକ୍ତ କରିବା ସହିତ ତାର ମହନୀୟତା ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ଓ ଯୋଗ ବିଭାଗମୁଖ୍ୟ ପ୍ରଫେସର ଡଃ ସୁବାସ ଚନ୍ଦ୍ର ଦାଶ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ତିନୋଟି ଭାଷାରେ ତିନୋଟି ପୁସ୍ତକ ଏକାସଙ୍ଗେ ଏକାଡ଼େମୀ ତରଫରୁ ପ୍ରକାଶିତ ହୋଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଏକାଡ଼େମୀ ତରଫରୁ ତିରିଶଟି ପୁସ୍ତକ ପ୍ରକାଶ ପାଇଥିବା ହେତୁ ଏ ପ୍ରକାର ସାରସ୍ୱତ ଉଦ୍ୟମ ସକାଶେ ଏକାଡ଼େମୀର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ତିନୋଟିଯାକ ପୁସ୍ତକ ସମୀକ୍ଷା କରିଥିଲେ କବି, ଲେଖକ ଓ ପ୍ରଶାସକ ଆଜାଦହିନ୍ଦ ପାଣିଗ୍ରାହୀ। ଏହାକୁ ବରିଷ୍ଠ ସାମ୍ବାଦିକ ଓ ଲେଖକ ଗୋରେଖନାଥ ସାହୁ ସଂଯୋଜନା କରିଥିଲେ।

# ମଞ୍ଚନାଟକ 'ଆହେ ନୀଳଶଇଳ'ର ଶୀର୍ଷକ ଗୀତ ଗାଇଲେ ବଲିଉଡ୍ ଗାୟକ ଋତୁରାଜ୍

ଭୁବନେଶ୍ୱର,୧୩/୦୩ (ନି.ପ୍ର): କୋଭିଡ୍ କଟକଣା ଯୋଗୁ ମଞ୍ଚ ନାଟକ, ଯାତ୍ରା ଓ ମେଲୋଡି ଆଦି ମନୋରଂଜନ କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ବେଳେ ଏହି ଧାରାକୁ ପୁଣି ଥରେ ସକ୍ରିୟ କରିବା ଲାଗି 'ଚକଲେଟ୍ ପ୍ରଡକ୍ସନ୍ସ' ନେଇଛି ସାହସିକ ପଦକ୍ଷେପ। ଓଡ଼ିଶା ଇତିହାସର ବହୁଚର୍ଚ୍ଚିତ ଅଧ୍ୟାୟକୁ ଆଧାର କରି ପ୍ରସ୍ତୁତ କରୁଛି ମେଗା ମଞ୍ଚ ନାଟକ 'ଆହେ ନୀଳଶଇଳ'। ଓଡ଼ିଆ ସିନେମା, ଟେଲିଭିଜନ୍ ଓ ମଞ୍ଚର ବହୁ ପରିଚିତ କଳାକାର ଅଭିନୟ କରୁଥିବା ଏହି ଐତିହାସିକ ନାଟକର ଶୀର୍ଷକ ଗୀତ ଶନିବାର ଓଡ଼ିଶାର ଏକ ନମ୍ବର ଏଫଏମ୍ ଚାନେଲ୍ 'ରେଡିଓ ଚକଲେଟ୍'ରେ ରିଲିଜ୍ ହୋଇଛି। 'ରେଡିଓ ଚକଲେଟ୍'ର ଅଫିସିଆଲ୍ ଫେସବୁକ ଓ ୟୁଟ୍ୟୁବ୍ ଚାନେଲରେ ଏହା ଉପଲବ୍ଧ ହେବ। ବଲିଉଡ୍ ଗାୟକ ଋତୁରାଜ୍ ମହାନ୍ତି 'ଆହେ ନୀଳଶଇଳ'ର ଶୀର୍ଷକ ଗୀତ 'ସାରା ଦୁନିଆର ରକ୍ଷକ ଯିଏ, ନିଜ ରକ୍ଷା ପାଇଁ ଧାଉଁଛି ସିଏ..' ଗାଇଛନ୍ତି। 'ଆହେ ନୀଳଶଇଳ' ଜରିଆରେ ପ୍ରଥମ ଥର ଲାଗି ଓଡ଼ିଆ ମଞ୍ଚ ନାଟକ କ୍ଷେତ୍ରରେ ପ୍ରବେଶ କରିଛନ୍ତି ଋତୁରାଜ। ମୋଗଲ ଶାସନାଧୀନ ଓଡ଼ିଶାରେ ହିନ୍ଦୁ ବିଦ୍ୱେଷୀ ନାଏବ ନଜିମର ବିଷଦୃଷ୍ଟିରୁ କିଭଳି ମହାପ୍ରଭୁଙ୍କ ମାନରକ୍ଷା ଲାଗି ତତ୍କାଳୀନ ଗଜପତି ବହୁ କଷ୍ଟ ସହିଛନ୍ତି ଓ ଅତ୍ୟାଚାରର ଶିକାର ହୋଇଛନ୍ତି ତାହା ଉପସ୍ଥାପିତ ହୋଇଛି 'ଆହେ ନୀଳଶଇଳ'ରେ। ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶା ଇତିହାସର ଅଭୁଲା ଫର୍ଦ୍ଦକୁ ମଞ୍ଚରେ ଜୀବନ୍ତ କରିବ ଏହି ନାଟକ। ବଳିଷ୍ଠ ଅଭିନୟ, ମନଛୁଆଁ ସଂଳାପ ସହିତ ଏଥିରେ ରହିଛି ତିନିଟି ସୁମଧୁର ଗୀତ। ନାଟକରେ ଭକ୍ତ ସାଲବେଗଙ୍କ ରଚିତ କାଳଜୟୀ ଗୀତ 'ଆହେ ନୀଳଶୈଳ ପ୍ରବଳମତ୍ତ ବାରଣ...' ସଂଯୋଜିତ ହୋଇଛି। ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀ ନାଜିଆ ଆଲମ୍ ଓ ଅଭିଜିତ ମିଶ୍ରଙ୍କ କଣ୍ଠରେ ଏହା ରେକର୍ଡ ହୋଇଛି। ପୁଣି ଶ୍ରୀକ୍ଷେତ୍ରର ଲୋକସଂସ୍କୃତି ଆଧାରିତ ଏକ ଭାଙ୍ଗଗୀତ ବି ରହିଛି ନାଟକରେ। ଲୋକପ୍ରିୟ ଗାୟକ ଶ୍ରୀଚରଣ ଏହାକୁ ଗାଇଛନ୍ତି। ସଂଗୀତ ନିର୍ଦ୍ଦେଶକ ସୌମିତ୍ରୀ ପ୍ରତିଟି ଗୀତକୁ ଭିନ୍ନସ୍ୱାଦରେ ଉପସ୍ଥାପନ କରିବା ପ୍ରୟାସ କରିଛନ୍ତି ଓ 'ଆହେ ନୀଳଶଇଳ'ର ଗୀତଗୁଡ଼ିକୁ ଶ୍ରୋତା ପସନ୍ଦ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଲୋକପ୍ରିୟ ଗୀତିକାର ଗୁରୁ ଶତପଥୀ ଗୀତଗୁଡ଼ିକ ରଚନା କରିଛନ୍ତି। ଖିମଜୀ ଜୁଏଲର୍ସ ସହଯୋଗିତାରେ ପ୍ରସ୍ତୁତ 'ଆହେ ନୀଳଶଇଳ'ର ରଚନା କରିଛନ୍ତି ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀ ଓ ପ୍ରତିମା ହୋତା। ନିର୍ଦ୍ଦେଶନା ଦେଇଛନ୍ତି ମଞ୍ଚ ଓ ଯାତ୍ରା ଦୁନିଆର ସଫଳ ନିର୍ଦ୍ଦେଶକ ଲାଲା ବୀରେନ୍ ରାୟ। ନାଟକର କାହାଣୀ କଥାସମ୍ରାଟ୍ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରସିଦ୍ଧ ଉପନ୍ୟାସ 'ନୀଳଶୈଳ' ଦ୍ୱାରା ଆଂଶିକ ଭାବେ ଅନୁପ୍ରେରିତ। 'ଆହେ ନୀଳଶଇଳ' ଆସନ୍ତା ଏପ୍ରିଲ ୭ରୁ ୧୦ ଯାଏ ୪ ଦିନ ଧରି ସଂଧ୍ୟା ୬ଟାରେ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଅଭିନୀତ ହେବ। ଦର୍ଶକଙ୍କ ଲାଗି ଅନଲାଇନରେ ନାଟକର ଅଗ୍ରୀମ ଟିକେଟ ଉପଲବ୍ଧ ହୋଇଛି। 'ବୁକ୍ ମାଇଁ ସୋ' ୱେବସାଇଟରୁ ଏହାର ବୁକିଂ କରିହେବ। ଅଗ୍ରୀମ ଟିକେଟ୍ ପାଇବାରେ କୌଣସି ସମସ୍ୟା ହେଲେ ୯୮୫୩୦ ୩୫୧୦୪ / ୮୯୦୮୦୨୦୧୦୪ ନମ୍ବରରେ ଯୋଗାଯୋଗ କରିପାରିବେ।

# ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବା ସବୁ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ମିଳିବ

ଭୁବନେଶ୍ୱର ,୧୩/୦୩ (ନି.ପ୍ର): ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜମି ପଟ୍ଟା ତୁରନ୍ତ ପ୍ରଦାନ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫ହଜାର ଶିକ୍ଷାନୁଷ୍ଠାନକୁ ପଟ୍ଟା ଆବଣ୍ଟନ ହୋଇସାରିଲାଣି। ବାକି ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ୩୧ତାରିଖ ସୁଦ୍ଧା ପଟ୍ଟା ଆବଣ୍ଟନ କରିବାକୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ, ସାରା ରାଜ୍ୟରେ ୧୦୯୦୧ଟି ଶିକ୍ଷାନୁଷ୍ଠାନ ଜମି ପଟ୍ଟା ପାଇଁ ଆବେଦନ କରିଥିବାବେଳେ ଏହାର ସମାଧାନ ପାଇଁ ଜାନୁଆରି ମାସରେ ପ୍ରତି ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳମାନଙ୍କ ସ୍ତରରେ ଏକ କମିଟି ଗଠନ କରାଯାଇଥିଲା। ଏହାପରେ ୮୬୬୦ଟି ଆବେଦନ ଉପରେ କାର୍ଯ୍ୟ ଆରମ୍ଭ ହୋଇ ୫ହଜାର ଜମି ପଟ୍ଟା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ବଣ୍ଟା ହୋଇଛି। ଏଥିରୁ ସର୍ବାଧିକ ମୟୂରଭଞ୍ଜ ଜିଲ୍ଲାରେ ୧୦୫୨, ବାଲେଶ୍ୱରରେ ୬୭୦, ବୌଦ୍ଧରେ ୪୬୩, ରାୟଗଡ଼ାରେ ୨୫୪ଟି ଶିକ୍ଷାନୁଷ୍ଠାନକୁ ପଟ୍ଟା ଆବଣ୍ଟନ ହୋଇଛି। ବାକି ଆବେଦନଗୁଡ଼ିକ ଉପରେ ତୁରନ୍ତ ବିଚାର କରି ପଦକ୍ଷେପ ନେବାକୁ କୁହାଯାଇଛି।

# ଓଡ଼ିଶା ସ୍ୱରର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ସାହିତ୍ୟିକମାନେ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ। ଅନ୍ୟାୟ, ଅନୀତି ବିରୋଧରେ ସେମାନେ ନିର୍ଭୀକଭାବେ ସ୍ୱରଉତୋଳନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି।

ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଶା ସ୍ୱର'ର ପଂଚଦଶତମ ବାର୍ଷିକ ଉତ୍ସବ ଏବଂ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ ଶନିବାର ସ୍ଥାନୀୟ ଜୟଦେବ ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଉଦ୍‌ଘାଟନ କରି ପୂର୍ବତନମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ସାଂସଦ ଡଃ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ କହିଲେ ଯେ, ସାହିତ୍ୟ ଜୀବନରେ ଶାନ୍ତି ଆଣିଦେଇଥାଏ। ଓଡ଼ିଆ ଜାତିର ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହ ସାହିତ୍ୟିକମାନେ ନିର୍ଭୀକଭାବେ ଲେଖନୀ ଚାଳନା କରିବାକୁ ଆହ୍ୱାନ ଦେଇଛନ୍ତି। ହୀନମନ୍ୟତାରୁ ଦୂରରେ ରହି ଓଡ଼ିଆଜାତି ସର୍ବଭାରତୀୟସ୍ତରରେ ପ୍ରତିଭାର ପରିଚୟ ଦେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ।

'ଓଡ଼ିଶା ସ୍ୱର'ର ସଭାପତି ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସମାଜକୁ ଗତିଶୀଳ କରାଇବାରେ ସାହିତ୍ୟିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ। ଏହି ଉତ୍ସବରେ ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶିକ୍ଷାବିତ୍ ତଥା ଆଂଚଳିକ ପ୍ରତିଷ୍ଠାନ ଭୁବନେଶ୍ୱରର ମୁଖ୍ୟ ଶକ୍ତିପ୍ରସାଦ ମିଶ୍ର, କବି ସୌଭାଗିନୀ ରାୟ ଓ ସମାଜସେବୀ ଚନ୍ଦ୍ରକାନ୍ତ ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସାହିତ୍ୟ ଓ ସମ୍ବାଦ ମଧ୍ୟରେ କ୍ରିୟାଶୀଳ ଓ ସୃଜନ ସମ୍ପର୍କ ରହିଛି। ସାହିତ୍ୟ ସମ୍ବାଦରୁ ଜୀବନୀ ଶକ୍ତି ସଂଗ୍ରହ କରେ। ସାହିତ୍ୟ ଓ ସମ୍ବାଦ ମଧ୍ୟରେ ରହିଥିବା ସମ୍ପର୍କକୁ ଆହୁରି ଋଦ୍ଧିମନ୍ତ କରିବାକୁ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ କସ୍ତୁରୀ ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ଯୁବ ଶିଳ୍ପୋଦ୍ୟୋଗୀ ମିହିର ରଞ୍ଜନ ରଥ, ସମାଜସେବୀ ରମେଶ ଚନ୍ଦ୍ର ମହାପାତ୍ର, ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ, ଲେଖିକା ସଂଯୁକ୍ତା ପରିଡ଼ା, କବି ପ୍ରସନ୍ନ ସ୍ୱାଇଁ, ଚନ୍ଦ୍ରକାନ୍ତ ଦଳେଇ, ପ୍ରସନ୍ନ ନାୟକ ଓ ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖଙ୍କୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସ୍ୱନକ୍ଷତ୍ର ସଂଖ୍ୟାକୁ ଉତ୍ସବରେ ଉନ୍ମୋଚନ କରାଯାଇଥିଲା। ପରେ କବି ତଥା ରାଜ୍ୟପାଳଙ୍କ ସୂଚନା ଅଧିକାରୀ ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସୌଦାମିନୀ ବେହେରା, ଚମକ ଚାନ୍ଦିନୀ ଦାସ, ଗୋଲକ ବିହାରୀ ନାୟକ, ଭଜକୃଷ୍ଣ ମହାନ୍ତି, ରୋହିତ ଚମ୍ପତି ଓ ରମେଶ ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି ତାଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ। ଶେଷରେ ପତ୍ରିକାର ସମ୍ପାଦକ କସ୍ତୁରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟଦେବ ଭବନରେ ଡାର୍କ ଲାଇଟ୍ ଉତ୍ସବ ଅନୁଷ୍ଠିତ



ଭୁବନେଶ୍ୱେର,୧୩/୦୩ (ନି.ପ୍ର): ସଂସ୍କୃତିକୁ ସୁରକ୍ଷା ଦେବା ଓ ପ୍ରଚାର କରିବା ପାଇଁ ଅଗ୍ରଣୀ ସାସ୍କୃତିକ ଅନୁଷ୍ଠାନ ଶିଳ୍ପୀକା ପକ୍ଷରୁ ଜୟଦେବ ଭବନଠାରେ ଡାର୍କ ଲାଇଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ନୃତ୍ୟ ଓ ଚିତ୍ରରେ କୃତି ପ୍ରତୀଯୋଗୀଙ୍କୁ ପୁରଷ୍କୃତ କରାଯାଇଥିଲା। ଶିଳ୍ପୀକାର ସମ୍ପାଦକ ବାସୁଦେବ ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିଳ୍ପପତି ରଜତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଏହି ଅବସରରେ ଅନୁଷ୍ଠିତ ନୃତ କାର୍ଯ୍ୟକ୍ରମକୁ ପାର୍ବତୀ ବାରିକ୍ ନିର୍ଦ୍ଦେଶନା ଦେଇଥିଲେ।

# ଉଚ୍ଚଶିକ୍ଷା ବିଭାଗର ଷଡ଼୍‌ଯନ୍ତ୍ର: ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା

ଭୁବନେଶ୍ୱର ,୧୩/୦୩ (ନି.ପ୍ର): ଚରମ ଅବ୍ୟବସ୍ଥାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ। ପ୍ରତିଷ୍ଠାର ୮ ବର୍ଷ ପରେ ବି ଏହି ବିଶ୍ୱବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଅଧ୍ୟାପକ ନିଯୁକ୍ତି କରାନଯିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏପରିକି ଚଳିତ ଶିକ୍ଷା ବର୍ଷରେ ସ୍ନାତକ ପାଠ୍ୟକ୍ରମ ବନ୍ଦ କରି ଦିଆଯିବା ସହିତ ସ୍ନାତକୋତ୍ତର ପାଠ୍ୟକ୍ରମକୁ ୧୪ରୁ ୬ରେ ସୀମିତ ରଖିବାକୁ କୁହାଯାଇଛି। ଆଶ୍ଚର୍ଯ୍ୟ ବିଷୟ ହେଲା, ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ଅନୁମୋଦନ କଲାନାହିଁ। ବର୍ତ୍ତମାନ ଅଧ୍ୟାପକ ଅଭାବ କାରଣରୁ ବିଶ୍ୱବିଦ୍ୟାଳୟକୁ କାହିଁକି ବନ୍ଦ କରାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ପ୍ରଶ୍ନ କରାଯାଉଛି। ଏଥିରୁ ସମ୍ବଲପୁରସ୍ଥିତ ଏହି ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ନେଇ ଉଚ୍ଚଶିକ୍ଷା ବିଭାଗର ଷଡ଼୍?ଯନ୍ତ୍ର ଜଳଜଳ ହୋଇ ଦେଖାଯାଉଛି। ଫଳରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିଲା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ। ୨୦୧୭ ମସିହାରେ ୟୁଜିସି ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ୫ ବର୍ଷ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅନୁମତି ପ୍ରଦାନ କରିଥିଲା। ୨୦୨୦ ମସିହାରେ ୟୁଜିସି ନୀତିର ପରିବର୍ତ୍ତନ ହେବା ସହିତ ଏହାକୁ କଡ଼ାକଡ଼ି କରାଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ମୁକ୍ତ ବିଶ୍ୱବିଦ୍ୟାଳୟକୁ ମଧ୍ୟ ସ୍ୱତନ୍ତ୍ର ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୨୧ ଏପ୍ରିଲ ୧୨ରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୨୫ ଅଧ୍ୟାପକ ପଦ ସୃଷ୍ଟି ପାଇଁ ଆବେଦନ କରାଯାଇଥିଲା। ମାତ୍ର ଉଚ୍ଚଶିକ୍ଷା ବିଭାଗ ଅଧ୍ୟାପକ ପଦ ଅନୁମୋଦନ କରିବା ପରିବର୍ତ୍ତେ ପାଠ୍ୟକ୍ରମ ୧୪ରୁ୯କୁ ହ୍ରାସ କରିବା ପାଇଁ ପରାମର୍ଶ ଦିଆଯାଇ ଥିଲା। ଏହାପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୬୫ ଶିକ୍ଷକ ଏବଂ ୩୨ ଅଣଶିକ୍ଷକ ପଦ ସୃଷ୍ଟି ପାଇଁ ପୁନର୍ବାର ଆବେଦନ ହେଲା। ମାତ୍ର ଏହା ମଧ୍ୟ ଗ୍ରହଣ ନହେବାରୁ ଅତି କମରେ ୪୮ ଅଧ୍ୟାପକ ପଦ ସୃଷ୍ଟି ପାଇଁ ବିଶ୍ୱବିଦ୍ୟାଳୟ ଆବେଦନ କରିଥିଲା। ଏହାକୁ ଉଚ୍ଚ ଶିକ୍ଷା ବିଭାଗ ଗ୍ରହଣ କରି ଅର୍ଥ ବିଭାଗକୁ ପଠାଇଥିଲା। ଆଶା କରାଯାଉଥିଲା ନଭେମ୍ବର ମାସ ସୁଦ୍ଧା ଏହି ପଦ ପାଇଁ ଅନୁମତି ମିଳିବ। ମାତ୍ର ତାହା ହେଲା ନାହିଁ। ଜାନୁଆରି ମାସରେ ଉଚ୍ଚଶିକ୍ଷା ବିଭାଗର କମିଟି ବୈଠକରେ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ୬ରେ ସୀମିତ କରିବା ପାଇଁ କୁହାଯାଇଥିଲା। ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ଚାଲିଥିବା ବେଳେ ମୁକ୍ତ ବିଶ୍ୱବିଦ୍ୟାଳୟର ଆବଶ୍ୟକ କ'ଣ ବୋଲି ମଧ୍ୟ ପ୍ରଶ୍ନ କରାଯାଇଥିଲା। ଏଥିସହିତ ଏହାକୁ କାହିଁକି ବନ୍ଦ କରାଯିବ ନାହିଁ କିମ୍ବା ଜିଏମ ବିଶ୍ୱବିଦ୍ୟାଳୟ ସହିତ ମିଶାଇ ଦିଆଯିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପ୍ରଶ୍ନ କରିଥିଲା।

ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ, ଗଣିତ ବିଜ୍ଞାନ, ବାଣିଜ୍ୟ, ମନୋବିଜ୍ଞାନ, ପରିବେଶ, ଓଡ଼ିଆ ପଢାଇବାକୁ କୁହାଯାଇଛି। ପ୍ରଯୁକ୍ତିଭିତ୍ତିକ ୨୫ଟି ସର୍ଟଟର୍ମ ପାଠ୍ୟକ୍ରମ ଚଳାଇବାକୁ କୁହାଯାଇଛି। ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଥିବା ଏହି ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା, ବିଶ୍ୱବିଦ୍ୟାଳୟ ଶିକ୍ଷକ-୧୨ବି ମାନ୍ୟତା ପାଇଁ ଆବେଦନ ମଧ୍ୟ କରାଯାଇ ପାରିନାହିଁ। ଅନ୍ୟଦିଗରେ, ୨୦୨୧-୨୨ ବର୍ଷ ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟରେ ସମୁଦାୟ ୨୯,୫୭୯ ବିଦ୍ୟାର୍ଥୀ ଅଛନ୍ତି। ଏଥିମଧ୍ୟରେ ୧୮,୯୦୯ ସ୍ନାତକୋତ୍ତର, ୧୦,୦୨୨ ସ୍ନାତକ, ୬୪୮ ଡିପ୍ଲୋମା ପାଇଁ ରହିଛନ୍ତି। ୨୦୨୦ ମସିହାରେ ଏହି ସଂଖ୍ୟା ୨୫,୮୬୬, ୨୦୧୯ ମସିହାରେ ୧୨,୭୦୪, ୨୦୧୮ ମସିହାରେ ୪୮୨୨ ଜଣ ବିଦ୍ୟାର୍ଥୀ ଥିଲେ। ଅର୍ଥାତ ପ୍ରତିବର୍ଷ ଏହି ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ସଂଖ୍ୟା କାହିଁରେ କେତେ ବଢିବାରେ ଲାଗିଛି। ଅବସରପ୍ରାପ୍ତଙ୍କ ଠାରୁ ଆରମ୍ଭ କରି ଅଧାରୁ ପାଠଛାଡ଼ିଥିବା, ଅତିରିକ୍ତ ପାଠ୍ୟକ୍ରମରେ ସ୍ନାତକ କିମ୍ବା ସ୍ନାତକୋତ୍ତର ପାଇଁ ଆଗ୍ରହୀ ବିଦ୍ୟାର୍ଥୀ, ବୃତ୍ତିଧାରୀ ଏଠାରୁ ନାମ ଲେଖାଉଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଗ୍ରାମାଞ୍ଚଳରୁ ଆସୁଛନ୍ତି। ସମ୍ବଲପୁରରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ୫ଟି ଆଞ୍ଚଳିକ, ୮୯ଟି ଷ୍ଟଡି ସେଣ୍ଟର ରହିଛି। ମାତ୍ର ଏହା ବନ୍ଦ କରାଗଲେ ବିଦ୍ୟାର୍ଥୀଙ୍କ ପାଇଁ ଶକ୍ତ ଧକ୍କା ହେବ।

# ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଯୋଗ ଦେଲେ ପ୍ରତାପ ସାହୁ

ଭୁବନେଶ୍ୱର,୧୩/୦୩ (ନି.ପ୍ର): ଗତ ୧୧ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗୁଜୁରାଟ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ନାରାୟଣ ସରୋବର କଚ୍ଛଠାରେ ଚ଼ଲିଥିବା ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ, ଜୟନ୍ତ ଦାସଙ୍କ ସମେତ ଅନୁଜ ପ୍ରଧାନ, ଅନୁ ମିଶ୍ର, ଅଳକାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ସର୍ବ ଭାରତୀୟ ଉଠାଦୋକାନୀ ମହାସଂଘର ସଭାପତି କୋଲିନ୍ ଗୋନ୍‌ସାଲ୍ ଭେସ୍ ଯୋଗ ଦେଇ ଉଦ୍‌ଘାଟନ କରି କହିଲେ ଯେ, ସୁପ୍ରିମ କୋର୍ଟ ବହୁ ରାଜ୍ୟକୁ ଉଠାଦୋକାନୀ ମାନଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏଥିସହିତ ସୋଧନ ସିଂ ମାମଲା ଉପରେ ମଧ୍ୟ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବ ଭାରତୀୟ ଉଠାଦୋକାନୀ ମହାସଂଘ ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷ ପରିଚ଼ଳନା କରି ଉଠାଦୋକାନୀ ଆଇନ ୨୦୧୪ ସାରା ଦେଶରେ ଲାଗୁ କରିବା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନା, ଦେଶରେ ଉଠାଦୋକାନୀମାନଙ୍କ ସମସ୍ୟା, ଟାଉନ ଭେଣ୍ଡିଂ କମିଟି ସମସ୍ୟା, ମାନ୍ୟବର ସୁପ୍ରମିକୋର୍ଟ ଓ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କିଭଳି ଭାବରେ କାର୍ଯ୍ୟକାରୀ କରାଯିବ, ନୂତନ ଭେଣ୍ଡିଂଜୋନ ପ୍ରତିଷ୍ଠା କରାଯାଇ ପାରିବ, ଉଠାଦୋକାନୀମାନଙ୍କ ସାମାଜିକ ସୁରକ୍ଷା, ଦୋକାନ ଇନସ୍ୟୁରାନ୍ସ, ପେନସନ ଯୋଜନା, ପରିବାର ପେନସନ ଯୋଜନା, ଦୋକାନୀମାନଙ୍କୁ କିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିପାରିବ, ସେ ଦିଗରେ ବହୁ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ସମ୍ବିଧାନର ଧାରା ୧୯ (୧) (ଛ)କୁ ପ୍ରତ୍ୟେକ ରାଜ୍ୟ କାର୍ଯ୍ୟକାରୀ କରି ଉଠାଦୋକାନୀ ଆଇନରେ ଥିବା ୨.୫ ଜମି ପ୍ରତ୍ୟେକ ଫୁଟପାଥକୁ ପ୍ରଦାନ କରିବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇ.ଜି.ଏସ୍.ଏସ୍.ର ଅର୍ବାନ ଟିମ୍ ଲିଡ଼ର ଅରବିନ୍ଦ ଉନେ ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନଙ୍କ ପାଇଁ ମାଷ୍ଟର ପ୍ଲାନ, ସିଟି ପ୍ଲାନ ଓ ଲୋକାଲ ପ୍ଲାନରେ ଉଠାଦୋକାନୀଙ୍କ ପାଇଁ ୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଦରକାର। ପ୍ଲାଷ୍ଟିକ ବୋତଲ, ବର୍ଜ୍ୟବସ୍ତୁ, ପରିବେଶ ପ୍ରଦୂଷଣ ଉପରେମ ମଧ୍ୟ ଆଲୋକପାତ କରିଥିଲେ। ଏହି ସର୍ବଭାରତୀୟ ସମ୍ମିଳନୀରେ ୨୮ଟି ରାଜ୍ୟରୁ ପାଖାପାଖି ୨୦୦ ପ୍ରତିନିଧି ଯୋଗ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଅନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା : ଭାଗ ନେବେ ୧୫ ବିଶ୍ୱବିଦ୍ୟାଳୟ




ଭୁବନେଶ୍ୱର ,୧୩/୦୩ (ନି.ପ୍ର): ଶିକ୍ଷା ଗ୍ରହଣ ସହ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୧୫ରୁ୧୭ ପର୍ଯ୍ୟନ୍ତ ଅନ୍ତଃବିଶ୍ୱବିଦ୍ୟାଳୟ ଅତିରିକ୍ତ ପ୍ରତିଭା ପ୍ରତିଯୋଗିତା ତଥା ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ଅଧୀନ ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବେ। ୧୫ଟି ବିଭାଗ ଯଥା ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, କୁଇଜ, ଚିତ୍ରାଙ୍କନ/ପେଣ୍ଟିଂ, ଏକକ ଅଭିନୟ, ଶାସ୍ତ୍ରୀୟ କଣ୍ଠସଙ୍ଗୀତ, ଲଘୁ କଣ୍ଠସଙ୍ଗୀତ ଆଦିରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦ହଜାର, ୨୫ହଜାର ଓ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ମାର୍ଚ୍ଚ ୧୭ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ମାର୍ଚ୍ଚ ୧୫ରୁ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃବିଶ୍ୱବିଦ୍ୟାଳୟ ଅତିରିକ୍ତ ପ୍ରତିଭା ପ୍ରତିଯୋଗିତା ତଥା ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ପାଇଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୁଳସଚିବ ଅଭୟ କୁମାର ନାୟକ ପ୍ରତିଯୋଗିତା ପରିଚାଳନା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ୭ଟି କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ମିତାଲି ଚିନ୍ନାରା କହିଛନ୍ତି ଯେ ଉତ୍ସବରେ ଉତ୍କଳ, ରେଭେନ୍ସା, ବ୍ରହ୍ମପୁର, ଫକୀର ମୋହନ, ଗଙ୍ଗାଧର ମେହେର, କଳାହାଣ୍ଡି, ସମ୍ବଲପୁର, ଖଲ୍ଲିକୋଟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଓଏସଓୟୁ, ଓୟୁଟିଆର, ନାଇଜର ଓ ଆଇଜରର ଛାତ୍ରଛାତ୍ରୀ ମଧ୍ୟ ଭାଗ ନେବେ। ଅନ୍ତଃବିଶ୍ୱବିଦ୍ୟାଳୟ ଅତିରିକ୍ତ ପ୍ରତିଭା ପ୍ରତିଯୋଗିତା ତଥା ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟର ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଉଦଳା ଏନ୍.ଏ.ସି.ରେ ନଗରପାଳ ପଦ ପାଇଁ ୬ ଜଣ ପ୍ରାର୍ଥିନୀ

ଉଦଳା, ୧୩/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପଦଟି ଚଳିତ ଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ଯାଞ୍ଚ ସରିଯିବା ପରେ ମୋଟ ୬ ଜଣ ପ୍ରାର୍ଥିନୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବାର ଜଣା ଯାଇଛି । ତେବେ ଆସନ୍ତା ୧୪ ତାରିଖ ପ୍ରାର୍ଥପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି । ଉକ୍ତ ପଦବୀ ପାଇଁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ – ୭ ରୁ ୨ ଜଣ ଏବଂ ୱାର୍ଡ୍ ନଂ-୧୧ରରୁ ୨ ଜଣ ଲେଖାଏଁ ପ୍ରାର୍ଥିନୀ ଥିବା ବେଳେ ୱାର୍ଡ଼ ନଂ-୬ ଓ ୱାର୍ଡ଼ ନଂ-୩ରୁ ୧ ଜଣ ଲେଖାଏଁ ପ୍ରାର୍ଥିନୀ ଅଛନ୍ତି । ୱାର୍ଡ଼ ନଂ-୭ର ରଞ୍ଜିତା ବାନାର୍ଜି ବିଜୁ ଜନତା ଦଳରୁ ପ୍ରାର୍ଥିନୀ ହୋଇଥିବା ବେଳେ ସୁନ୍ଦରମଣୀ ବେହେରା ସ୍ୱାଧିନ ପ୍ରାର୍ଥିନୀ ଭାବରେ ସାଇକଲ ଚିହ୍ନରେ ଲଢୁଛନ୍ତି । ସେହିପରି ୱାର୍ଡ଼ ନଂ-୧୧ରରୁ ସୁନିତା ଲେଙ୍କା କଂଗ୍ରେସ ଦଳରୁ ପ୍ରାର୍ଥିନୀ ହୋଇଥିବା ବେଳେ ଯଶୋଦା ସାହୁ ସ୍ୱାଧିନ ପ୍ରାର୍ଥିନୀ ଭାବରେ ଫଳନ୍ତି ନଡ଼ିଆଗଛ ଚିହ୍ନରେ ଲଢୁଛନ୍ତି । ୱାର୍ଡ଼ ନଂ-୬ର ଅନିତା ଦାଶ ଜେ.ଏମ୍.ଏମ୍. ଦଳରୁ ପ୍ରାର୍ଥିନୀ ହୋଇଥିବା ବେଳେ ୱାର୍ଡ଼ ନଂ-୩ର ପ୍ରମିଳା ପଣ୍ଡା ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥିନୀ ହୋଇଛନ୍ତି । ଚଳିତ ମାର୍ଚ୍ଚ ୨୪ ତାରିଖ ସକାଳ ୮ ଘଟିକା ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଭୋଟ ଗ୍ରହଣ କରାଯିବ ।

## ମନସୁଖଲାଲ ସେଠିଆ ଆରଏସଏସର ନୂତନ ସହପ୍ରାନ୍ତ କାର୍ଯ୍ୟବାହ

୧୩/୦୩ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ବୈଠକ ଗୁଜୁରାଟର କର୍ଣ୍ଣବତୀ ଠାରେ ଗତ ମାର୍ଚ୍ଚ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମନସୁଖଲାଲ ସେଠିଆଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବପ୍ରାନ୍ତର ସହପ୍ରାନ୍ତ କାର୍ଯ୍ୟବାହ (ରାଜ୍ୟ ସହସାଧାରଣ ସମ୍ପାଦକ) ଭାବରେ ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସବ୍ଲେ ଦାୟିତ୍ୱ ଅର୍ପଣ କରିଛନ୍ତି । ଶ୍ରୀ ସେଠିଆ ବାଲ୍ୟାବସ୍ଥାରୁ ସ୍ୱୟଂସେବକ, ସଂଘର ବିଭିନ୍ନ ପଦପଦବୀରେ ରହିବା ସହିତ ଓଡ଼ିଶା ପ୍ରାନ୍ତର ବ୍ୟବସ୍ଥା ପ୍ରମୁଖ ଥିଲେ । ଜରୁରୀକାଳୀନ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ । ବର୍ତ୍ତମାନ ସେ ତେରାପନ୍ଥ ସମାଜର ଅଖିଳ ଭାରତୀୟ ସଭାପତି ମଧ୍ୟ ଅଛନ୍ତି । ଏହି ବୈଠକରେ ଓଡ଼ିଶା ପ୍ରାନ୍ତରୁ ୨୫ ଜଣ ପ୍ରତିନିଧି ଯୋଗଦେଇଥିଲେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ଶ୍ରୀ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି ।

# ଆମେ ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ



ଖୋର୍ଦ୍ଧା, ୧୩/୦୩ (ନି.ପ୍ର): ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, ଖୋର୍ଦ୍ଧା ଜିଲ୍ଲା ତରଫରୁ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନ ଠାରେ ଓଷ୍ଟାର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଶିକ୍ଷକ ସଂଗଠନର କର୍ମକର୍ତ୍ତାମାନେ ଋଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧର ଭୟବହାତା ଉପରେ ଉଦ୍‌ବୋଧନ ଦେଇଥିଲେ । ଦୀର୍ଘ ୧୯ ଦିନର ଯୁଦ୍ଧରେ ୟୁକ୍ରେନର ଅଧିକାଂଶ ସହର କ୍ଷତିଗ୍ରସ୍ତ ହେଲାଣି । ଉଭୟ ଦେଶର ଅଧିକାଂଶ ସୈନ୍ୟ ମୃତ୍ୟୁବରଣ କଲେଣି । ଆଗାମୀ ଦିନରେ ଦରଦାମ୍ ଅଧିକ ବଢ଼ିବା ସହିତ ତୃତୀୟ ବିଶ୍ୱଯୁଦ୍ଧ ଯେ ଅନୁଷ୍ଠିତ ନ ହେବ କିଏ କହିବ । ଏହି ସଭାରେ ବୟୋଜ୍ୟେଷ୍ଠ ଶିକ୍ଷକ ନେତା ପ୍ରଫୁଲ ସାମନ୍ତରାୟ, ରବିନ୍ଦ୍ରନାଥ ଶତ୍‌ପଥି, ଗୌରହରୀ ମିଶ୍ର, ଏ.ବି.ଇ.ଓ ସତ୍ୟବାନ୍ ଶ୍ରୀଚନ୍ଦନ, ବିଭୁ ପ୍ରସାଦ ହରିଚନ୍ଦନ, ଅବସର ପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଦେବରାଜ ପ୍ରଧାନ ଓଷ୍ଟାର ସମ୍ପାଦକ ସୁଧାକର ମହାପାତ୍ର, ପ୍ରାଥମିକ ଶିକ୍ଷକସଂଘର ସଭାପତି ଯୁଧିଷ୍ଠିର ସାହୁ, ପ୍ରସନ୍ନ କୁମାର ମହାପାତ୍ର, ନବ କିଶୋର ମହାପାତ୍ର, ଗୋପାଳ ଚନ୍ଦ୍ର ତ୍ରିପାଠୀ,ଗୋପାଳ ଚନ୍ଦ୍ର ବାରିକ, ଭକ୍ତ ବଲ୍ଲଭ ଜେନା, ଖୋର୍ଦ୍ଧା ବ୍ଲକ ଓଲଷ୍ଟା ସମ୍ପାଦକ ଦୁର୍ଗା ପ୍ରସାଦ ମଙ୍ଗରାଜ ପ୍ରମୁଖ ଉଦବୋଧନ ଦେଇଥିଲେ । ଶେଷରେ ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ ଉଦବୋଧନ ଦେବା ସହିତ ଧନ୍ୟବାଦ ପ୍ରଦାନ କଲା ପରେ ସଭାକାର୍ଯ୍ୟ ସମାପନ ହୋଇଥିଲା । ସଭାରେ ଶତାଧିକ ଶିକ୍ଷକ ପ୍ଲାଗ କାର୍ଡ଼ ଏବଂ ମହାସଂଘ ବ୍ୟାନର ଧରି ପ୍ରତିବାଦ କରିଥିଲେ ।

# କବି ଡ଼ଃ ନୀଳକଣ୍ଠ ମିଶ୍ରଙ୍କ ୭୬ତମ ଜନ୍ମ ଉତ୍ସବ ପାଳିତ




ବାରିପଦା, ୧୩/୦୩ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ କବି ଡ଼ଃ ନୀଳକଣ୍ଠ ମିଶ୍ରଙ୍କ ୭୬ତମ ଜନ୍ମ ଉତ୍ସବ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ଅକ୍ଷନୁକୂଲ୍ୟ ରେ ମଞ୍ଚ ର ସଭାପତି ପ୍ରାବନ୍ଧିକ ଡ଼ଃ ସରୋଜ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସଂସ୍କୃତି ଗବେଷକ ବୁଦ୍ଧିରାମ ସିଂ ମୁଖ୍ୟ ଅତିଥି ଓ ଶିକ୍ଷକ ରାଜୀବ ଲୋଚନ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡ଼ଃ ମିଶ୍ରଙ୍କ ରଚିତ ବହୁ ଉପାଦେୟ କୃତି ସମ୍ପର୍କରେ ବିଶଦ ଆଲୋଚନା କରିବା ସହ ତାଙ୍କ ଦୀର୍ଘ ସାରସ୍ୱତ ଜୀବନର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ପୃଷ୍ଠପୋଷକ ସଦସ୍ୟ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶ୍ରୀପତି ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି ଅବସରରେ ଡ଼ଃ ମିଶ୍ରଙ୍କ ରଚିତ ମୟୂରଭଞ୍ଜ ସହ ସଂଶ୍ଳିଷ୍ଟ କବିତା ସମୂହ ଆବୃତ୍ତି କରାଯାଇଥିଲା ।

# ହଂସକରା ନଦୀରେ ସ୍ଥାୟୀ ପୋଲ ନିର୍ମାଣ ଦାବି

ଲଙ୍ଗଳେଶ୍ୱର, ୧୩/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ ର ଗୋଳାଭେଟିଆ ଠାରେ ହଂସକରା ନଦୀରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି ହୋଇଛି ।ଦୀର୍ଘ ୨୨ବର୍ଷ ତଳେ ବାଉଁଶ ପୋଲ ଭାଙ୍ଗିଯିବାରୁ ସେତେବେଳର ଜିଲ୍ଲା ପରିଷଦ ସଦସ୍ୟ ଅନିରୁଦ୍ଧ ଜେନା ପାଞ୍ଚ ଲକ୍ଷ ଟଙ୍କାରେ ତିଆରି କରିଥିଲେ ଏଇ ପୋଲ ।ଏଇ ପୋଲ ଏବେ ଭାଙ୍ଗିଯାଇ ବିପଦ ସଂକୁଳ ହେଲାଣି । ପୋଲ ଦୁଇକଡ଼ ଧସିଯିବା ଯୋଗୁଁ ପ୍ରତିଦିନ ଏଠାରେ ଛୋଟ ବଡ଼ ଦୁର୍ଘଟଣା ମାନ ହେଉଛି ।କିଛି ସାଇକେଲ ଓ ମଟର ସାଇକେଲ ଚଢାଳି ନଦୀକୁ ଖସିପଡିବାର ଅଭିଯୋଗ ହୋଇଛି ।କେବଳ ନଦୀଟି ଅଗଭୀର ଯୋଗୁଁ ପ୍ରାଣ ନ ହରାଇ ବଞ୍ଚିଯାଉଛନ୍ତି ।ଏଠାରେ ପ୍ରକାଶ ଥାଉ କି ଏଇ ପୋଲ ପଞ୍ଚୁପାଲି ଏବଂ ବଳଙ୍ଗ ପଞ୍ଚାୟତ କୁ ସଂଯୋଗ କରୁଛି ।ତେଣୁ ଏଇ ଦୁଇ ପଞ୍ଚାୟତ ସହ ଜମ୍ବୀରାଇ,ସାଉଡି ଇତ୍ୟାଦି ପଞ୍ଚାୟତ ର୨୦ରୁ ଉର୍ଦ୍ଧ ଗ୍ରାମର ହଜାର ହଜାର ଲୋକ ନିର୍ଭର କରନ୍ତି ।କାଳସିମୁଳିର ଦ୍ୱାରିକା ହାଟ ଠାରୁ ବଳଙ୍ଗ ର ମହାନ୍ତି ଛକ କୁ ଏଇରାସ୍ତା ସଂଯୋଗ କରୁଛି ।ଦ୍ୱାରିକା ହାଟ ଏ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ରସ୍ଥଳ ହୋଇଥିବାରୁ ଏଇ ରାସ୍ତା ଓ ପୋଲ ବହୁଳ ବ୍ୟବହାର ହୋଇଥାଏ ।ତେଣୁ ଖୁବଶୀଘ୍ର ଏଠାରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ପୋଲିନ ବେହେରା, ସପନ ସେଠି, ସପନ ଦାସ, ସାରଦା ଗିରି, ଲକ୍ଷ୍ମୀକାନ୍ତ ଦାସ, ପ୍ରମୁଖ ଦାବି କରିଛନ୍ତି ।

# ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ତରଫରୁ ଲୋକ ଅଦାଲତ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୧୩/୦୩ (ନି.ପ୍ର): ଆଜି ୟୁକୋବ୍ୟାଙ୍କ ଲଙ୍ଗଳେଶ୍ୱର ଶାଖା ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।ଏହି ଲୋକ ଅଦାଲତ ରେ ଶହେ ରୁ ଉର୍ଦ୍ଧ୍ୱ ଖିଲାପି ଋଣୀ ଉପସ୍ଥିତ ଥିଲେ । ଋଣୀ ଓ ବ୍ୟାଙ୍କ କର୍ମଚାରୀଙ୍କ ଆପସ ସମାଧାନ କରି ଅଦାଲତ ଜରିଆରେ ଶାଖାର ୩୨ ଲକ୍ଷ ଟଙ୍କା ର ସମାଧାନ ୧୫ ଲକ୍ଷ ଟଙ୍କାର କରାଯାଇଥିଲା ।ସମାଧାନ ପରେ ଚାରି ଲକ୍ଷ ଟଙ୍କାର ଜମା ରାଶି ଲୋନ ଏକାଉଣ୍ଟ ରେ ଜମା କରିଥିଲେ ।ଏକ କାଳୀନ ଋଣ ପରିଶୋଧ ପାଇଁ ୩୧/୩/୨୦୨୨ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି ।ଅଧିକରୁ ଅଧିକ ଋଣ ଗ୍ରାହୀତା ମାନେ ସୁବିଧା ନେବାପାଇଁ ଶାଖା ପରିଚାଳକ ରଜତ କୁମାର ଦାସ ନିବେଦନ କରିଛନ୍ତି ।ଶାଖା ର ଋଣ ବିଭାଗ ପରିଚାଳକ ପ୍ରକାଶ କୁମାର ଚୌରାଶିଆ, ଆଞ୍ଚଳିକ ପରିଚାଳକ ଏନ କେ ସିଂ,ଉପସ୍ଥିତ ରହି ଅଦାଲତ କାର୍ଯ୍ୟ ପରିଚାଳନା କରିଥିଲେ ।

## ସ୍ୱପ୍ନାରାଣୀ ସ୍ୱାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା

ପୁରୀ, ୧୩/୦୩ (ନି.ପ୍ର): ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦ ପାଇଁ ଆଜି ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଅଧ୍ୟକ୍ଷା ପାଇଁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳି ଅର୍ନ୍ତଗତ ୨୯ ନମ୍ବର ଜୋନରୁ ବିଜେଡ଼ିରୁ ବିଜୟ ଲାଭ କରିଥିବା ସ୍ୱପ୍ନାରାଣୀ ସ୍ୱାଇଁ ଓ ବିଜେପି ପକ୍ଷରୁ ବିଷ୍ଣୁପ୍ରିୟା ବରାଳ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶ୍ରୀମତୀ ସ୍ୱାଇଁ ୩୦ ଖଣ୍ଡ ଭୋଟ ପାଇଥିବାବେଳେ ଶ୍ରୀମତୀ ବରାଳ ୩ ଖଣ୍ଡ ଭୋଟ ପାଇଥିଲେ । ଶେଷରେ ନିର୍ବାଚିନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ନାଥଶର୍ମା ଶ୍ରୀମତୀ ସ୍ୱପ୍ନାରାଣୀ ସ୍ୱାଇଁଙ୍କୁ ନୂତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାବେ ଘୋଷଣା କରିଥିଲେ । ବିଜୟ ଲାଭ ପରେ ବିଜେଡ଼ି ଦଳ ପକ୍ଷରୁ ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତି, ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅନ୍ୟ ବିଧାୟକ ଓ ବରିଷ୍ଠ ନେତାମାନଙ୍କ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପିଡ଼ି. ଡ଼ିଆରଡ଼ିଏ ଜ୍ୟୋତିଶଙ୍କର ମହାପାତ୍ର, ଜିଲ୍ଲା ପଂଚାୟତ ଅଧିକାରୀ ଚିନ୍ମୟ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିରରେ ଫଗୁଦଶମୀ ପାଳିତ

ପୁରୀ, ୧୩/୦୩ (ନି.ପ୍ର): ମହାପ୍ରଭୁଙ୍କ ବାର ମାସରେ ତେର ଯାତ୍ରା ଅନୁଷ୍ଠିତ ହେଉଛି । ସେଥିମଧ୍ୟରୁ ଦୋଳଯାତ୍ରା ଅନ୍ୟତମ । ଫଗୁଦଶମୀ ଠାରୁ ଶ୍ରୀମନ୍ଦିରରେ ଦୋଳପର୍ବ ଆରମ୍ଭ ହୋଇଥାଏ । ଆଜି ଫଗୁଦଶମୀ ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି । ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଦୋଳ ବିମାନରେ ବିରାଜମାନ କରିଥିବା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ବିମାନ ଯୋଗେ ଶ୍ରୀ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ଫଗୁଦଶମୀର ବିଭିନ୍ନ ନୀତି ଅନୁଷ୍ଠିତ ହେବା ସହ ଅବିର ଓ ଫଗୁ ଲାଗି କରାଯାଇଥିଲା । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଚୈତ୍ର ଶୁକ୍ଳ ପ୍ରତିପଦା ପର୍ଯ୍ୟନ୍ତ ଦୋଳ ଗୋବିନ୍ଦଙ୍କୁ ଦର୍ଶନ କଲେ ବହୁ ପୂଣ୍ୟ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଏହି ଅବସରରେ ମହାପ୍ରଭୁଙ୍କ ଚାଚେରି ବେଶ ଓ ଚାଚେରି ଭୋଗ ଅନୁଷ୍ଠିତ ହୋଇଥିଲା । ଚାଚେରି ବେଶରେ ମହାପ୍ରଭୁ ରକ୍ତ ବସ୍ତ୍ର ପରିଧାନ କରିବା ସହ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହୋଇଥିଲେ । ଏହି ୬ ଦିନ ଯାକ ମଧ୍ୟାହ୍ନଧୂପ ପରେ ମହାପ୍ରଭୁଙ୍କୁ ଚାଚେରି ବେଶ ଅନୁଷ୍ଠିତ ହେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜଗଦେବ ବିଜେଡିରେ ନାହାନ୍ତି....

ତା ବାଟରେ କାର୍ଯ୍ୟ କରିବାକୁ ଦିଅନ୍ତୁ ବୋଲି କହିଥିଲେ । କିନ୍ତୁ ଓଡିଶା ବିଜେପି ବର୍ତ୍ତମାନ ଏହି ପ୍ରସଙ୍ଗରେ ଆଉ ଏକ ଆଭିମୁଖ୍ୟ ଗ୍ରହଣ କରୁଛି । ଏହିପରି ସମ୍ବେଦନଶୀଳ ପ୍ରସଙ୍ଗରେ ଦୋମୁହାଁ ନୀତି ନ ଆପଣେଇବାକୁ ଆମେ ଓଡିଶା ବିଜେପିକୁ ନିବେଦନ କରୁଛୁ । ଚିଲିକା ବିଧାୟକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୋଲିସ ଗତକାଲି ଏକ ବିବୃତ୍ତି ଜାରି କରିସାରିଛି ଏବଂ ଆଇନ୍ ଅନୁଯାୟୀ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବ ବୋଲି ଆମେ ନିଶ୍ଚିତ । ଆସନ୍ତୁ ସମସ୍ତେ ଆଇନକୁ ତା' ବାଟରେ କାର୍ଯ୍ୟ କରିବାକୁ ଦେବା ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ପାତ୍ର ।

### ଚୀନ୍‌ରେ ତାଣ୍ଡବ ....

ମୁତାବକ, ଫେବ୍ରୁଆରୀ ୨୦୨୦ ପର ଠାରୁ ଦୈନିକ ସଂକ୍ରମଣ ମାମଲାରେ ରବିବାର ଦିନ ସବୁଠାରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏବେ ଚୀନ୍‌ରେ କଟକଣା ବଢ଼ାଇ ଦିଆଯାଇଛି । ଦେଶକୁ ପୁଣି ଫେରିଛି ଲକ୍‌ଡାଉନ୍ । ଶାଙ୍ଘାଇରେ ସ୍କୁଲ କଲେଜ ବନ୍ଦ କରିଦିଆଯାଇଛି । ଏଥିସହ ଅନେକ ପୂର୍ବ ଉତ୍ତର ସହର ଗୁଡିକରେ ଲକ୍‌ଡାଉନ୍ ଲାଗୁ ହୋଇଛି । ବିଶ୍ୱବ୍ୟାପୀ କରୋନା ମାମଲା ୪୪.୬୬ କୋଟି ଅତିକ୍ରମ କରି ଥିବାବେଳେ ମୃତକଙ୍କ ସଂଖ୍ୟା ପ୍ରାୟ ୬୦ ଲକ୍ଷରେ ପହଞ୍ଚିଛି । ସୂଚନାଯୋଗ୍ୟ ଯେ ଗତ ଏକ ମାସ ମଧ୍ୟରେ ସାରା ବିଶ୍ୱରେ ୫.୨୨ କୋଟିରୁ ଅଧିକ କରୋନା ମାମଲା ସାମ୍ନାକୁ ଆସିଥିବା ବେଳେ ଦୁଇ ଲକ୍ଷରୁ ଅଧିକ ଲୋକ ଏହି ମହାମାରୀ ଯୋଗୁଁ ପ୍ରାଣ ହରାଇଛନ୍ତି । ସେପଟେ ଫ୍ରାନ୍ସ ୮୦ ବର୍ଷରୁ ଅଧିକ ବ୍ୟସ୍କ ଲୋକଙ୍କ ପାଇଁ କରୋନା ଟିକାର ଚତୁର୍ଥ ଡୋଜ୍ ଦେବା ପାଇଁ ଘୋଷଣା କରିଛି । ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଜିନ୍ କାଷ୍ଟେକ୍ସ କହିଛନ୍ତି, ୮୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ପାଇଁ କରୋନା ଟିକାର ଚତୁର୍ଥ ଡୋଜ୍ ଦିଆଯିବ । ତିନିମାସରୁ ଅଧିକ ସମୟ ଧରି ବୁଷ୍ଟର ଡୋଜ ନେଇସାରିଥିବା ଲୋକଙ୍କୁ ଏହି ଡୋଜ ଦିଆଯିବ ।

### ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ....

ରୁଷ ସେନା ପକ୍ଷରୁ ଜୋରଦାର ଆକ୍ରମଣ କରାଯାଉଛି । କିଭ୍ ନିକଟରେ ଆଣ୍ଟେନୋଭ୍ ଏୟାରପୋର୍ଟ ରୁଷ ସେନା କବଜା କରିଥିବା ଦାବି କରିଛି । ଶାନ୍ତି ସମାଧାନ ପାଇଁ ଉଭୟ ଦେଶ ମଧ୍ୟରେ ୩ଟି ବୈଠକ ବସି ସାରିଥିଲେ ବି କୌଣସି ସମାଧାନ ବାହାରିପାରି ନାହିଁ । ତେବେ ଜେରୁଜେଲମରେ ପୁଟିନଙ୍କ ସହ ଆଲୋଚନା ପାଇଁ ପୁଣି ଥରେ ପ୍ରସ୍ତାବ ଦେଇଛନ୍ତି ଜେଲନେସ୍କି । ୟୁକ୍ରେନ ରାଜଧାନୀ କିଭ୍ ସହର ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଥିବା ବେଳେ ଭାରତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ୟୁକ୍ରେନରେ ଥିବା ଭାରତୀୟ ଦୂତାବାସକୁ ସାମୟିକ ଭାବେ ପୋଲାଣ୍ଡକୁ ସ୍ଥାନାନ୍ତର କରାଯାଇଥିବା ବୈଦେଶିକ ମନ୍ତ୍ରାଳୟ ସୂଚନା ଦେଇଛି ।

### ବିଜୁ ଜନତା ଦଳର ସମସ୍ତ....

ମାଲକାନଗିରି ଜିଲ୍ଲାରେ ସମାରି ତାଲୁଙ୍ଗ୍ ପୁରୀ ଜିଲ୍ଲାରେ ସ୍ୱପ୍ନାରାଣୀ ସ୍ୱାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ରାୟଗଡ଼ା ଜିଲ୍ଲାରେ ସରସ୍ୱତୀ ମାଝି, ସମ୍ବଲପୁର ଜିଲ୍ଲାରେ କୁମୁଦିନୀ ନାଏକ, ସୁବର୍ଣ୍ଣପୁର ଜିଲ୍ଲାରେ ସୁପାର ଠେଲା, ସୁନ୍ଦରଗଡ଼ ଜିଲ୍ଲାରେ କୁନ୍ତୀ ପ୍ରଧାନ, ଯାଜପୁର ଜିଲ୍ଲାରେ ନଳିନୀପ୍ରଭା ଜେନା. ବଲାଙ୍ଗୀର ଜିଲ୍ଲାରେ ଦେବକୀ ସାହୁ. ବାଲେଶ୍ୱର ଜିଲ୍ଲାରେ ନାରାୟଣ ପ୍ରଧାନ, ଦେବଗଡ଼ ଜିଲ୍ଲାରେ କୌଶିକ କୁମାର ପ୍ରଧାନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ନୟାଗଡ଼ ଜିଲ୍ଲାରେ ଦେବାଶିଷ ପଟ୍ଟନାୟକ, ନୂଆପଡ଼ା ଜିଲ୍ଲାରେ ଡଲି ମାଝି, ନବରଂଗପୁର ଜିଲ୍ଲାରେ ମୋତିରାମ ନାୟକମୟୂରଭଂଜ ଜିଲ୍ଲାରେ ଭାରତୀ ହାଁସଦା. ଗଂଜାମ ଜିଲ୍ଲାରେ ଅଞ୍ଜଳି ସ୍ୱାଇଁ, ଗଜପତି ଜିଲ୍ଲାରେ ତିରୁପତି ରାଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।

### ଆଜି ସମସ୍ତ ସହରାଂଚଳରେ....

ଶାସକ ବିଜେଡିର ହିଂସାତ୍ମକ ଆଚରଣ ପ୍ରତିବାଦରେ ଆସନ୍ତା କାଲି ବିଜେପି କାର୍ଯ୍ୟକର୍ତ୍ତାମାନେ ମୁହଁରେ କଳାପଟି ବାନ୍ଧି ରାଜ୍ୟର ସମସ୍ତ ସହରାଂଚଳରେ ଅନୁଷ୍ଠିତ ସତ୍ୟାଗ୍ରହରେ ଯୋଗ ଦେବେ ବୋଲି ଶ୍ରୀ ମହାପାତ୍ର ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ଗଣମାଧ୍ୟମ ରାଜ୍ୟ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସହମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଦ୍ରକ, ୧୩/୦୩ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଆୟୋଗ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଦିବା ୧୦.୩୦ମି ରେ ନିର୍ବାଚନ ଅଧିକାରୀ ନାମାଙ୍କନ ପତ୍ର ଦାଖଲ ପାଇଁ ଘୋଷଣା କରିବା ସହ ଫର୍ମ ପ୍ରଦାନ କରିଥିଲେ । ବି.ଜେ.ଡ଼ି ଦଳ ପକ୍ଷରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଧର୍ମଶାଳା ବିଧାୟକ ବଳବନ୍ତ ରାୟ ନବ ନିର୍ବାଚିତ ସମସ୍ତ ପ୍ରାର୍ଥୀଙ୍କ ସମ୍ମୁଖରେ ଅଧ୍ୟକ୍ଷ ପଦ ପାଇଁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିବା ନାମ ଘୋଷଣା କରିଥିଲେ । ବନ୍ତ ର ୧୫ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ ଜେନା ନାମାଙ୍କନ ପତ୍ର ଦାଖଲ କରିଥିଲେ । ଭଦ୍ରକର ୨୭ ନଂ ଜୋନ୍‌ର ସଦସ୍ୟ ମଳୟ କୁମାର ଜେନା ଶ୍ରୀଯୁକ୍ତ ଜେନାଙ୍କ ପାଇଁ ପ୍ରସ୍ତାବକ ଓ ତିହିଡ଼ିର ୭ ନଂ ଜୋନ୍‌ର ବିଦ୍ୟୁତ୍‌ଲତା ନାୟକ ସମର୍ଥକ ଭାବେ ସ୍ୱାକ୍ଷର କରିଥିଲେ । ନିର୍ବାଚନ ଅଧିକାରୀ ଦ୍ୱାରା ଯାଂଚ ପରେ ଦାଖଲ ହୋଇଥିବା ଏକମାତ୍ର ନାମାଙ୍କନ ପତ୍ର କାଏମ୍ ରହିଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ । ୨୮ଟି ଯାକ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟାମାନେ ବୈଠକରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ୧୪ ଜଣ ମହିଳା ସଦସ୍ୟା ଥିଲା ବେଳେ ୧୪ ଜଣ ପୁରୁଷ ସଦସ୍ୟ ଥିଲେ । ସମ୍ମିଳନୀ କକ୍ଷରେ ଭୋଟ ବାକ୍ସ, ଭୋଟଦାନ କକ୍ଷ ପ୍ରସ୍ତୁତ କରାଯାଇଥିଲେ ବି ଏକମାତ୍ର ନାମାଙ୍କନ ପତ୍ର ଦାଖଲ ଯୋଗୁଁ ଭୋଟଦାନର ଆବଶ୍ୟକ ପଡ଼ିନଥିଲା । ନିର୍ଦ୍ଧାରିତ ସମୟ ଅପରାହ୍ନ ୧ ଘ. ପରେ ନିର୍ବାଚନ ଅଧିକାରୀ, ଶ୍ରୀଯୁକ୍ତ ଜେନା ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସେଠାରେ ପହଂଚି ନବ ଗଠିତ ଜିଲ୍ଲା ପରିଷଦର ନୂତନ ଅଧ୍ୟକ୍ଷ ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ନବ ନିର୍ବାଚିତ ସଭ୍ୟ ସଭ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ଶୋଭାଯାତ୍ରା

ପୁରୀ, ୧୩/୦୩ (ନି.ପ୍ର): ପବିତ୍ର ଧାମ ଶ୍ରୀକ୍ଷେତ୍ର । ମହାପ୍ରଭୁଙ୍କ ରଥଦାଣ୍ଡ ବଡ଼ଦାଣ୍ଡ । ଏହି ବଡ଼ଦାଣ୍ଡ ସମେତ ସାହି ଗଳିକନ୍ଦିରେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଗୁଣ୍ଡିଚା ମନ୍ଦିର ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀ, ଏନ୍‌ସିସି ଗ୍ରୁପ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କିନ୍ନର ସଂଘ, ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଓ ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ,ଆଶାକର୍ମୀ ଓ ବିଭିନ୍ନ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ । ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ପାଦରେ ଚାଲି ଚାଲି ସଚେତନତା ସୃଷ୍ଟି କରିଥିଲେ ।

# ହିଙ୍ଗୁଳା ଏଗ୍ରୀ ପ୍ରଡ୍ୟୁସର କମ୍ପାନୀ ଓ ଉଦଳା ପାମାରୋଜା କ୍ଲଷ୍ଟର ପକ୍ଷରୁ ମହିଳା ଦିବସ ପାଳିତ




ଉଦଳା, ୧୩/୦୩ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା'ର ସହାୟତାରେ ଗଢ଼ି ଉଠିଥିବା ହିଙ୍ଗୁଳା ଏଗ୍ରୀ ପ୍ରଡ୍ୟୁସର କମ୍ପାନୀ ଓ ଉଦଳା ପାମାରୋଜା କ୍ଲଟର ପକ୍ଷରୁ ମିଳିତ ଭାବରେ ଆର୍ନ୍ତଜାତିକ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକଙ୍କ ପୌରହିତ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଜୀବିକା ମିଶନର ଉଦଳା ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ନିରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବରେ, ମିଶନ ଶକ୍ତିର ଉଦଳା ବ୍ଲକ ସଂଯୋଜକ ପ୍ରଦୀପ କୁମାର ସିଂ ମୁଖ୍ୟ ବକ୍ତା ଭାବରେ, ଉଦଳା ବ୍ଲକ ପ୍ରକଳ୍ପ ସହାୟକ ଅଭିଜିତ କଟୁଆଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମହିଳା ମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । 'ଶୋଭା'ର ସଂପାଦକ ରଞ୍ଜନ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମାଜସେବୀ ଅରବିନ୍ଦ ବିନ୍ଧାଣୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସସ୍ମିତା, ସ୍ୱାଗତ, ସୁରାୟ, କ୍ରୀଷ୍ଣା, ପାର୍ବତୀ, କାପୁରା ଓ କବିତା ପ୍ରମୁଖ ସହଯୋଗ କରିଥିଲେ ।

# ଭଦ୍ରକ ଜିଲ୍ଲାପରିଷଦ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ଭଦ୍ରକ, ୧୩/୦୩ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ମତେ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ଡ଼ି.ଆର.ଡ଼ି.ଏ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଆୟୋଗ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଦିବା ୧୦.୩୦ମି ରେ ନିର୍ବାଚନ ଅଧିକାରୀ ନାମାଙ୍କନ ପତ୍ର ଦାଖଲ ପାଇଁ ଘୋଷଣା କରିବା ସହ ଫର୍ମ ପ୍ରଦାନ କରିଥିଲେ । ବି.ଜେ.ଡ଼ି ଦଳ ପକ୍ଷରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଧର୍ମଶାଳା ବିଧାୟକ ବଳବନ୍ତ ରାୟ ନବ ନିର୍ବାଚିତ ସମସ୍ତ ପ୍ରାର୍ଥୀଙ୍କ ସମ୍ମୁଖରେ ଅଧ୍ୟକ୍ଷ ପଦ ପାଇଁ ଦଳ ପକ୍ଷରୁ ପ୍ରଦାନ କରାଯାଇଥିବା ନାମ ଘୋଷଣା କରିଥିଲେ । ବନ୍ତ ର ୧୫ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ ଜେନା ନାମାଙ୍କନ ପତ୍ର ଦାଖଲ କରିଥିଲେ । ଭଦ୍ରକର ୨୭ ନଂ ଜୋନ୍‌ର ସଦସ୍ୟ ମଳୟ କୁମାର ଜେନା ଶ୍ରୀଯୁକ୍ତ ଜେନାଙ୍କ ପାଇଁ ପ୍ରସ୍ତାବକ ଓ ତିହିଡ଼ିର ୭ ନଂ ଜୋନ୍‌ର ବିଦ୍ୟୁତ୍‌ଲତା ନାୟକ ସମର୍ଥକ ଭାବେ ସ୍ୱାକ୍ଷର କରିଥିଲେ । ନିର୍ବାଚନ ଅଧିକାରୀ ଦ୍ୱାରା ଯାଞ୍ଚ ପରେ ଦାଖଲ ହୋଇଥିବା ଏକମାତ୍ର ନାମାଙ୍କନ ପତ୍ର କାଏମ୍ ରହିଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ । ୨୮ଟି ଯାକ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟାମାନେ ବୈଠକରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ୧୪ ଜଣ ମହିଳା ସଦସ୍ୟା ଥିଲା ବେଳେ ୧୪ ଜଣ ପୁରୁଷ ସଦସ୍ୟ ଥିଲେ । ସମ୍ମିଳନୀ କକ୍ଷରେ ଭୋଟ ବାକ୍ସ, ଭୋଟଦାନ କକ୍ଷ ପ୍ରସ୍ତୁତ କରାଯାଇଥିଲେ ବି ଏକମାତ୍ର ନାମାଙ୍କନ ପତ୍ର ଦାଖଲ ଯୋଗୁଁ ଭୋଟଦାନର ଆବଶ୍ୟକ ପଡ଼ିନଥିଲା । ନିର୍ଦ୍ଧାରିତ ସମୟ ଅପରାହ୍ନ ୧ ଘ. ପରେ ନିର୍ବାଚନ ଅଧିକାରୀ, ଶ୍ରୀଯୁକ୍ତ ଜେନା ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ସେଠାରେ ପହଞ୍ଚି ନବ ଗଠିତ ଜିଲ୍ଲା ପରିଷଦର ନୂତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ସମସ୍ତ ନବ ନିର୍ବାଚିତ ସଭ୍ୟ ସଭ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାପାତ୍ର ମଧ୍ୟ ପୁଷ୍ପଗୁଚ୍ଛ ଦେଇ ଶ୍ରୀଯୁକ୍ତ ଜେନାଙ୍କୁ ସ୍ୱାଗତ କରିଥିଲେ । ପରେ ପରେ ଶ୍ରୀଯୁକ୍ତ ଜେନା ନିଜ ପ୍ରକୋଷ୍ଠକୁ ଯାଇ ଆସନ ଗ୍ରହଣ କରିଥିଲେ । ସଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ଅନ୍ୟ କର୍ମକର୍ତ୍ତାଗଣ ପୁଷ୍ପଗୁଚ୍ଛ ଦେଇ ନୂତନ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ ।

# ଗୋଟିଏ ଦିନରେ ୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୬୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୫୬୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୯୭ ରହିଛି ।ଆଜି ଚିହ୍ନଟ ହୋଇଥିବା ୮୬ ଜଣଙ୍କ ମଧ୍ୟରୁ ୫୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଜପତି ଜିଲ୍ଲାରୁ ୯ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ନାରାୟଣ ଚନ୍ଦ୍ର ପ୍ରଧାନ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି

ବାଲେଶ୍ୱର,୧୩/୦୩ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ବିଜ୍ଞପ୍ତି ଆଧାରରେ ରବିବାର ଓଡ଼ିଶାର ସମସ୍ତ ଜିଲା ପରିଷଦ ସଭାପତି ନିର୍ବାଚିତ ହୋଇଥିବା ବେଳେ ବାଲେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ କରାଯାଇଛି। ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲା ପରିଷଦ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ଷଷ୍ଠ ଜିଲା ପରିଷଦର ପ୍ରଥମ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି । ବୈଠକ ପ୍ରାରମ୍ଭରେ ନିର୍ବାଚିତ ଜିଲା ପରିଷଦ ସଦସ୍ୟ / ସଦସ୍ୟାଙ୍କୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ଜଣାଇବା ସହିତ ଶପଥ ପାଠ କରାଇଥିଲେ । ଏହା ପରେ ଜିଲା ପରିଷଦ ନିର୍ବାଚନ ପ୍ରକ୍ରିୟା



ଆରମ୍ଭ ହୋଇଥିଲା । କାର୍ଯ୍ୟସୂଚୀ ଅନୁଯାୟୀ ଦିବା ଘ୧୦.୩୦ମି. ରୁ ଘ୧୧.୩୦ମି ମଧ୍ୟରେ ମନୋନୟନ ପତ୍ର ଦାଖଲ ପାଇଁ ସମୟ ସ୍ଥିରୀକୃତ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେବଳ ଜଣେ ପ୍ରାର୍ଥୀ ତାହା ଦାଖଲ କରିଥିଲେ। ୨୯ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ତଥା ବିଜୁ ଜନତା ଦଳ ପ୍ରାର୍ଥୀ ନାରାୟଣ ପ୍ରଧାନ ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଉପ-ଜିଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ନିୟମ ଅନୁସାରେ ମନୋନୟନ ପତ୍ର ଯାଞ୍ଚ ପରେ ଏହା କାଏମ ରହିଥିଲା। ପ୍ରାର୍ଥିତ୍ୱ ପ୍ରତ୍ୟାହାର ପାଇଁ ଦିବା ୧ଘଟିକା ପର୍ଯ୍ୟନ୍ତ ସମୟ ରହିଥିବା ବେଳେ ଜଣେ ମାତ୍ର ପ୍ରାର୍ଥୀ ରହିଥିବାରୁ ମତଦାନର ଆବଶ୍ୟକ ପଡ଼ି ନ ଥିଲା । ଦିବା ୧ଘଟିକା ସମୟରେ ନିର୍ବାଚନ ଅଧିକାରୀ ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଶ୍ରୀ ପ୍ରଧାନଙ୍କୁ ଜିଲା ପରିଷଦ ସଭାପତି ଭାବେ ଘୋଷଣା କରିଥିଲେ। ଏହା ପରେ ପରିଷଦ ସଭାପତି ଶ୍ରୀ ପ୍ରଧାନ ଆନୁଷ୍ଠାନିକ ଶପଥ ଗ୍ରହଣ କରିଥିଲେ। ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ତାଙ୍କୁ ଶପଥ ପାଠ କରାଇଥିଲେ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜିଲା ପଂଚାୟତ ଅଧିକାରୀ ରବି ଚନ୍ଦ୍ର କହଁରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜଧାନୀରେ ଆଉ ୨ ପଜିଟିଭ୍

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଭୁବନେଶ୍ୱରରେ ରବିବାର ଦିନ ଆଉ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସେହିପରି ଗତ ୨୪ ଘଂଟାରେ ଆଉ ୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୯୯ ରେ ପହଂଚିଥିବା ବେଳେ ୧୫୪୯୧୯ ଜଣ ସୁସ୍ଥ ହୋଇଛନ୍ତି। ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ଆଉ ୨୬୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

# ୨୮ ନଂ ୱାର୍ଡ଼ରେ ସ୍ୱାଧୀପ୍ରାର୍ଥୀ ଗୀତାଶ୍ରୀଙ୍କ ପ୍ରଚାର

ବାଲେଶ୍ୱର,୧୩/୦୩ (ନି.ପ୍ର): ପୌର ନିର୍ବାଚନ ପାଇଁ ବାଲେଶ୍ୱର ପୌରାଞ୍ଚଳରେ ଧୀରେ ଧୀରେ ପ୍ରଚାର ଜମିବାରେ ଲାଗିଛି। ପ୍ରମୁଖ ରାଜନୈତିକ ଦଳ ସମେତ କାଉନସିଲର ପ୍ରାର୍ଥୀମାନେ ନିଜ ନିଜର ସହଯୋଗୀଙ୍କୁ ନେଇ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୮ ନଂ ୱାର୍ଡ଼ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିବା ଗୀତିଶ୍ରୀ ଚାଟାର୍ଜୀଙ୍କ ଟିମ ବେଶ ଆଗରେ ଥିବା ଲକ୍ଷ୍ୟ କରାଯାଇଛି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସମ୍ପୃକ୍ତ ୱାର୍ଡ଼ର ଘର ଘର ବୁଲି ପ୍ରଚାର କରିବା ସାଙ୍ଗକୁ ଛୋଟମୋଟ ନିର୍ବାଚନୀ ସଭା ବି ଆୟୋଜନ କରୁଛନ୍ତି। ରବିବାର ସକାଳଠାରୁ ଦର୍ଜିପୋଖରୀ ଅଞ୍ଚଳରେ ଘରକୁ ଘର ବୁଲିବା ପରେ ଆୟୋଜିତ ବୈଠକରେ ସ୍ଥାନୀୟ ଲୋକଙ୍କ ସହ ସେଠାକାର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଶ୍ରୀମତୀ ଚାଟାର୍ଜୀ ଓ ତାଙ୍କର ସହଯୋଗୀମାନେ ପ୍ରତିଶ୍ରୁତି ବି ଦେଇଛନ୍ତି। ଆଜିର ପ୍ରଚାରରେ ଅରୁଣ ଚାଟାର୍ଜୀ, ଅନୁପ ଚାଟାର୍ଜୀ, ଦେବାନନ୍ଦ ରାଉତ, ଦୀଲିପ କୁମାର ଭୂୟାଁ, କୌଶିକ ପଣ୍ଡା, ସଞ୍ଜୟ କୁମାର ଲେଙ୍କା, ଦେବାଶିଷ ରାଉତ, ବସନ୍ତ ଦାସ, ଦୀନେଶ ବର୍ଦ୍ଧନ, ରାଧାକୃଷ୍ଣ ସେନ ପ୍ରମୁଖ ସାମିଲ ହୋଇଥିଲେ।

# ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବାଲିଆପାଳ, ୧୩/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଏସକେଜି ସାରସ୍ୱତ ଟ୍ରଷ୍ଟ ପାଠାଗାର। ପରିସରରେ ସୁକନ୍ୟା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାନେତ୍ରୀ ସେହ୍ନଲତା ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ, ପ୍ରାକ୍ତନ ଅଧ୍ୟାପକ ବୀରମାଧବ ଦାସ,ଅଧ୍ୟାପକ ନିରଞ୍ଜନ ବେହେରା,ବର୍ଷୀୟାନ କବି ତୀର୍ଥେସ ରାୟ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ସୁକାନ୍ତ ଗିରି ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଭାରତୀ ସରିତା ମହାନ୍ତି,ଅଞ୍ଜଳୀ ଶତପଥୀ,କବିତା ପ୍ରଧାନ,ମମତା ରାଣୀ ପିଳା,ନିଗମ ଦାସ ଅଧିକାରୀ,ଗୀତିକାର ରମାନାଥ କର,ଭାରତୀ ବେହେରା,ପୁଷ୍ପଲତା ଜେନା, ଅର୍ଚ୍ଚନା ମହାନ୍ତି,ପୂର୍ଣ୍ଣ ଚନ୍ଦ୍ର ଜେନା,ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସାହିତ୍ୟିକ ସନ୍ୟାସୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଯୋଗଦେଲେ ପ୍ରତାପ ସାହୁ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ଗତ ୧୧ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗୁଜୁରାଟ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ନାରାୟଣ ସରୋବର କଚ୍ ଠାରେ ଚାଲିଥିବା ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ଉଠାଦୋକାନୀ ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ, ଜୟନ୍ତ ଦାସଙ୍କ ସମେତ ଅନୁଜ ପ୍ରଧାନ, ଅନୁ ମିଶ୍ର, ଅଳକାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ସର୍ବ ଭାରତୀୟ ଉଠାଦୋକାନୀ ମହାସଂଘର ସଭାପତି କୋଲିନ୍ ଗୋନ୍‌ସାଲ୍ ଭେସ୍ ଯୋଗଦେଇ ଉଦ୍‌ଘାଟନ କରି କହିଲେ ଯେ, ସୁପ୍ରିମ କୋର୍ଟ ବହୁ ରାଜ୍ୟକୁ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏଥିସହିତ ସୋଧନ ସିଂ ମାମଲା ଉପରେ ମଧ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ଉଠାଦୋକାନୀ ମହାସଂଘ ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷ ପରିଚାଳନା କରି ଉଠାଦୋକାନୀ ଆଇନ ୨୦୧୪ ସାରା ଦେଶରେ ଲାଗୁ କରିବା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନା, ଦେଶରେ ଉଠାଦୋକାନୀମାନଙ୍କ ସମସ୍ୟା, ଟାଉନ ଭେଣ୍ଡିଂ କମିଟି ସମସ୍ୟା, ସୁପ୍ରିମକୋର୍ଟ ଓ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କିଭଳି ଭାବରେ କାର୍ଯ୍ୟକାରୀ କରାଯିବ, ନୂତନ ଭେଣ୍ଡିଂଜୋନ ପ୍ରତିଷ୍ଠା କରାଯାଇ ପାରିବ, ଉଠାଦୋକାନୀମାନଙ୍କ ସାମାଜିକ ସୁରକ୍ଷା, ଦୋକାନ ଇନସ୍ୟୁରାନ୍ସ, ପେନସନ ଯୋଜନା, ପରିବାର ପେନସନ ଯୋଜନା, ଦୋକାନୀମାନଙ୍କୁ କିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିପାରିବ, ସେ ଦିଗରେ ବହୁ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ସମ୍ବିଧାନର ଧାରା ୧୯(୧)(ଛ)କୁ ପ୍ରତ୍ୟେକ ରାଜ୍ୟ କାର୍ଯ୍ୟକାରୀ କରି ଉଠାଦୋକାନୀ ଆଇନରେ ଥିବା ୨.୫ ଜମି ପ୍ରତ୍ୟେକ ଫୁଟପାଥକୁ ପ୍ରଦାନ କରିବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇ.ଜି.ଏସ୍.ଏସ୍.ର ଅର୍ବାନ ଟିମ୍ ଲିଡ଼ର ଅରବିନ୍ଦ ଉନେ ଯୋଗଦେଇ କହିଲେ ଯେ, ଉଠାଦୋକାନୀମାନଙ୍କ ପାଇଁ ମାଷ୍ଟର ପ୍ଲାନ, ସିଟି ପ୍ଲାନ ଓ ଲୋକାଲ ପ୍ଲାନରେ ଉଠାଦୋକାନୀଙ୍କ ପାଇଁ ୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଦରକାର।

## ୨୯ରୁ ଜିଲ୍ଲାସ୍ତରୀୟ ଦୌଡ଼କୁଦ ଚୟନ ଶିବିର

ବାଲେଶ୍ୱର,୧୩/୦୩ (ନି.ପ୍ର): ଚଳିତ ମାସ ୨୯, ୩୦ ଓ ଆସନ୍ତା ଏପ୍ରିଲ ୨ ତାରିଖରେ ସ୍ଥାନୀୟ ପରମିଟ ପଡ଼ିଆରେ ଜିଲାସ୍ତରୀୟ ଦୌଡ଼କୁଦ ଚୟନ ଶିବିର ଆୟୋଜନ ପାଇଁ ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରସ୍ତୁତି ଜାରି ରହିଥିବା ବେଳେ ବିଭିନ୍ନ ବର୍ଗରୁ ୧୪ ବର୍ଷରୁ ୨୩ ବର୍ଷ ମଧ୍ୟରେ ଉଭୟ ବାଳକ-ବାଳିକା ଓ ପୁରୁଷ-ମହିଳା ଖେଳାଳି ଏଥିରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ଅନୁଷ୍ଠାନ ତଥା କ୍ରୀଡ଼ାବିତମାନେ ୨୯ ତାରିଖ ସକାଳ ୮ଟାରେ ପରମିଟ ପଡ଼ିଆରେ ପଞ୍ଜୀକରଣ କରିବେ। ଏହି ଚୟନ ପ୍ରକ୍ରିୟାରୁ ମନୋନୀତ ଖେଳାଳି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## କରଞ୍ଜିଆରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୧୩/୦୩ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ 'ଯୁବ ଓଡ଼ିଶା' ଓ ଅଟଳ ଯୁବଶକ୍ତିର ମିଳିତ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରଞ୍ଜିଆ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ନିଗମ ମଲ୍ଟି ସ୍ପେଶାଲିଟି ହସପିଟାଲର ସହାୟତାରେ ଆୟୋଜିତ ଏହି ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁରୋଗ ବିଶେଷଜ୍ଞମାନେ ଯୋଗଦେଇ ଶିବିରରେ ଉପସ୍ଥିତ କରଞ୍ଜିଆ ସମେତ ସମେତ ଆଖପାଖ ପଞ୍ଚାୟତର ରୋଗୀଙ୍କୁ ପରୀକ୍ଷା ସହ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହିଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଜିଲାର ପ୍ରତ୍ୟେକ ପଞ୍ଚାୟତ ସମେତ ସମସ୍ତ ପୌରାଞ୍ଚଳରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଯୁବ ଓଡ଼ିଶା ସଙ୍ଗଠନର ସଭାପତି ଉପେନ୍ଦ୍ର ଭଞ୍ଜ ସୂଚନା ଦେଇଛନ୍ତି। ବିକାଶ ପାଢ଼ୀ, ନିକୁଞ୍ଜ ଆଚାର୍ଯ୍ୟ, ସରୋଜ ନାୟକ, ଶେଖ ୟୁନୁସ, ଅରୂପ ଜେନା, ରଞ୍ଜନ ଦାସ, ଯୋଗେଶ୍ୱର ଭଞ୍ଜ, ରତିକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟରେ କରୋନାରେ ଆଉ ୩ ଜଣ ମୃତ୍ୟୁ

ଭୁବନେଶ୍ୱର, ୧୩/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୧୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ପାଲା ଗାୟିକା ପ୍ରତିମା ସମ୍ବର୍ଦ୍ଧିତ

ଉଦଳା,୧୩/୦୩ (ନି.ପ୍ର): ପାଲା ପରିବେଷଣ ପାଇଁ କେନ୍ଦୁଝର ଜିଲ୍ଲାର ହାଟଡ଼ିହି ବ୍ଲକ ଅନ୍ତର୍ଗତ କାହାଳିଗଡ଼ିଆ ଗ୍ରାମର ବାସିନ୍ଦା କମଳ ମହାକୁଡ଼ଙ୍କ କନ୍ୟା ପ୍ରତିମା ସମଗ୍ର ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ପାଲା ପରିବେଷଣ ପାଇଁ ସେ ଏକ ଦଳ ଗଢ଼ିଛନ୍ତି । ଏହି ଦଳରେ ଥିବା ଅନ୍ୟମାନେ ହେଲେ ଭରତ କୁମାର ବେହେରା, ମାନଓ ରାଉତ, ପଞ୍ଚାନନ ନାୟକ ଏବଂ ରେଖା ମହାକୁଡ଼ । ପାଲା ପରିବେଷଣ ଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ଦର୍ଶକ ଓ ଶ୍ରୋତା ମାନେ



ବିଭୁ କୃପାର ସ୍ୱାଦ ଅନୁଭବ କରନ୍ତି ବୋଲି ପ୍ରତିମା କୁହନ୍ତି । ପ୍ରତିମାଙ୍କ ପାଲା ପରିବେଷଣରେ ମୁଗ୍ଧ ହୋଇ ଓଡ଼ିଶା ସରକାରଙ୍କର ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତାଙ୍କୁ ଏକ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବାର ଜଣାଯାଇଛି । କବି ଇନ୍ଦ୍ରମଣୀ ବିନ୍ଧାଣୀ ମଧ ଉକ୍ତ ପାଲା ଦଳର ପରିବେଷଣ ଶୈଳିକୁ ପ୍ରଶଂସା କରିବା ସହିତ ଏହାର ଉତ୍ତରତର ଉନ୍ନତି କାମନା କରିଛନ୍ତି ।

# ଜାତୀୟସ୍ତର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନିତେଶଙ୍କ ସ୍ୱର୍ଣ୍ଣ ପଦକ ହାସଲ

ବାରିପଦା, ୧୩/୦୩ (ନି.ପ୍ର): ଚଳିତ ମାସ ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ସିକିମ ର ଗ୍ୟାଙ୍ଗ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତର (୧୧ ତମ ଫେଡେରେସନ କପ ୨୦୨୨ ) ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ବାରିପଦା ସ୍ଥିତ ମୟୁରଭଞ୍ଜ ଜିମ୍ନାସିୟମ ର ସଦସ୍ୟ ନିତେଶ ବାରିକ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱନ୍ନ ପଦକ ହାସଲ କରିଛନ୍ତି। ଏହି ଖବର ଜଣାପଡିବା ପରେ ମୟୁରଭଞ୍ଜ ଜିଲା କ୍ରୀଡା ମହଲରେ ଆନନ୍ଦ ର ଲହରୀ ଖେଳିଯାଇଅଛି । ସୂଚନା ଯୋଗ୍ୟ କି ନିତେଶ ପୂର୍ବରୁ ମଧ୍ୟ ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପଦକ ବିଜେତା ହୋଇଛନ୍ତି। ଏହି




ସଫଳତା ପାଇଁ ଓଡିଶା ରାଜ୍ୟ ସଂପାଦକ ପ୍ରସନ ମହାସୂର, ମୟୁରଭଞ୍ଜ ବଡି ବିଲ୍ଡିଂ ଏସୋସିଏସନ ସଂପାଦକ ତଥା ମୟୁରଭଞ୍ଜ ଜିମ୍ନାସିୟମ ର ସଂପାଦକ ନବ କୁମାର ସାହୁ, ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ମହାନ୍ତି, ମୟୁରଭଞ୍ଜ ଆଥଲେଟିକ ଏସୋସିଏସର ସଂପାଦକ ବିଜୟ କୁମାର ଦାସ, ସଦସ୍ୟ ରାଜେନ୍ଦ୍ର କୁମାର ପରିଡା ପ୍ରମୁଖଙ୍କ ସମେତ ବିଭିନ୍ନ କ୍ରିଡା ସଂଗଠନ ମାନଙ୍କ ପକ୍ଷରୁ ନିତେଶଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଅଛି ।

# ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଦିବାକର ନାଥଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୧୩/୦୩ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଂଚାୟତର ଅନ୍ତର୍ଗତ ବଡ ସିମୁଳିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ଦିବାକର ନାଥଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ଭୃଗୁରାମ ବିଶ୍ୱାଳ,ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଂପାଦକ ସନ୍ୟାସୀ ବେହେରା, କବି ଭୀମଚରଣ ବେହେରା, ବାଲିଆପାଳ କଳାକାର ସଂଘର ସଂପାଦକ ପ୍ରଫୁଲ କୁମାର ବାଗ,ସମାଜସେବୀ ଲମ୍ବୋଦର ମାହାନା,ଗଦାଧର ପାତ୍ର,ସଞ୍ଜୟ ଦାସ ପ୍ରମୁଖ ସ୍ୱର୍ଗତ ନାଥଙ୍କର ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ନାଥ ସିମୁଳିଆ ବଜାରର ଜଣେ ସର୍ବପୁରାତନ ବ୍ୟବସାୟୀ ଭାବେ ଲୋକ ପ୍ରିୟ ଥିବା ବେଳେ ସିମୁଳିଆ ଗ୍ରାମର ଗ୍ରାମ ମୁଖ୍ୟ ମଧୁପୁରା ଓ ସିମୁଳିଆ ସ୍କୁଲର ଜଣେ ପ୍ରତିଷ୍ଠାତା ସଦସ୍ୟ ଏବଂ ବହୁ ଅନୁଷ୍ଠାନ ସହିତ ଜଡିତ ଥିଲେ। ଏହି ଅବସରରେ ତାଙ୍କର ଜୀବନୀକୁ ଏକ କବିତା ଆକାରରେ ତାଙ୍କ ମଧ୍ୟମ ପୁତ୍ର ହିଂମାଂଶୁ ଶେଖର ନାଥ ଆବୃତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ନାଥଙ୍କର ଧର୍ମପତ୍ନୀ ମନ୍ଦଦ୍ୱରୀ ନାଥ,ପୁତ୍ର ବୋଧୂ ସୁମିତ୍ରା ନାଥ, ମମତା ନାଥ,ଝିଅ ଶୁକାନ୍ତି ନାଥ,ଗଣେଶ ନାଥ ସମେତ ଆତ୍ମୀୟସ୍ୱଜନ ଓ ବନ୍ଧୁ ବାନ୍ଧବ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ବାଉଁଶବଣିଆ ପଂଚାୟତରେ ରାଜନୈତିକ ହିଂସାକାଣ୍ଡ : ଆକ୍ରମଣରେ ସରପଂଚଙ୍କ ପୁଅ ଗୁରୁତର

ନୀଳଗିରି, ୧୩/୦୩ (ନି.ପ୍ର): ବାଉଁଶବଣିଆ ପଂଚାୟତରେ ନିର୍ବାଚନ ପରବର୍ତୀ ହିସାଂକାଣ୍ଡ ଯୋଗୁଁ ସରପଂଚ ପୁଅ ଆକ୍ରମଣରେ ଶିକାର ହୋଇ ମୃତ୍ୟୁ ସହିତ ମେଡିକାଲରେ ସଂଗ୍ରାମ କରୁଛି । ସୂଚନା ଅନୁସାରେ ଚଳିତ ପଂଚାୟତ ନିର୍ବାଚନରେ ୱାର୍ଡମେମ୍ବର ହାରଜିତକୁ ନେଇ ବାଦବିବାଦ ଲାଗି ରହିଥିଲା । ଏହାର ବଦଳା ନେବା ପାଇଁ ପରାଜିତ ପ୍ରାର୍ଥୀର ସମର୍ଥକମାନେ ରବିବାର ସକାଳେ ୧୦ଟା ସମୟରେ ଗୁହାଳିଆ ଗ୍ରାମର ନିରଂଜନ ବାରିକ ଯିଏକ ବାଉଁଶବଣିଆ ସରପଂଚ ଅଟନ୍ତି । ତାଙ୍କ ପୁତ୍ର ଲେନିନ ବାରିକ (୩୨) ପାଟପୁର ବଜାରରୁ ଘରକୁ ଫେରୁଥିବା ବେଳେ ହଠାତ୍ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା, ଦୀନବନ୍ଧୁ ବେହେରା, ପଦ୍ମଲୋଚନ ବେହେରା, ଅଜୟ ରାଉତ, ଶିପ୍ତିକାନ୍ତ ରାଉତ, ପ୍ରମୁଖ ଏକଜୁଟ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିଥିଲେ। ଲେନିନ୍ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ହଠାତ୍ ପୂର୍ବ ଯୋଜନା ଅନୁସାରେ ରଖିଥିବା ବିଭିନ୍ନ ମାରଣାସ୍ତ୍ର ଯଥା- ଠେଙ୍ଗା, ଭୁଜାଲି, ଖଣ୍ଡା ଆଦି ମାରଣାସ୍ତ୍ର ଦ୍ୱାରା ଲେନିନ୍ କୁ ଆକ୍ରମଣ କରିଥିଲେ । ଫଳରେ ଲେନିନ୍ ବାରିକ ର ୨ଗୋଡ଼, ମୁଣ୍ଡ, ଛାତି, ହାତ ଆଦି ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ପରିବାର ଲୋକେ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏ ନେଇ ଲେନିନ୍ ର ସାନ ଭାଇ ନୀଳମାଧବ ବାରିକ ନୀଳଗିରି ଥାନାରେ ଅଭିଯୁକ୍ତଙ୍କ ନାମରେ ଏତଲା ଦେଇଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ନେଇ ସୂଚନା ଦିଆଯାଇଛି ।

# ଅରୁପା ତରଫରୁ ବାରିପଦାଠାରେ ଏକ ବଡଧରଣର ହସ୍ତଶିଳ୍ପ ଓ ହସ୍ତତନ୍ତ ବସ୍ତ୍ରର ପ୍ରଦର୍ଶନୀ

ବାରିପଦା, ୧୩/୦୩ (ନି.ପ୍ର): ଅରୁପା (ଓଡିଶାର ଗ୍ରାମାଳ ଓ ସହରାଳ ଉତ୍ପାଦକ ସଙ୍ଘ ଭୂବନେଶ୍ୱର ଯାହା ୧୯୯୦ ମସିହାଠାରୁ ଓଡିଶାରେ ହସ୍ତଶିଳ୍ପ କାରିଗରମାନଙ୍କ ତଥା ବୁଣାକାରମାନଙ୍କ ସର୍ବାଙ୍ଗିନ ଉନ୍ନିପାଇଁ କାର୍ଯ୍ୟକରିଆସୁଅଛି । ହସ୍ତଶିଳ୍ପ ତଥା ହସ୍ତତନ୍ତ୍ର ବସ୍ତ୍ରର ସାମଗ୍ରୀ ବିକ୍ରୀବଟାଠାରୁ ଆରମ୍ଭ କରି କୌଶଳ ବୃଦ୍ଧି ନୂତନ ଡିଜାଇନ ପ୍ରସ୍ତୁତି । ବିଭିନ୍ନ ଜିଲ୍ଲା ସଦର ମହକୁମା ତଥା ଉପଖଣ୍ଡ ଅଂଚଳ ଆଦି ସର୍ବଭାରତୀୟ ପ୍ରର୍ଦଶନୀ ଆୟୋଜନ କରି କାରିଗରମାନଙ୍କୁ ତଥା ବୁଣାକାରମାନଙ୍କୁ ସିଧାସଳଖ ଭାବରେ ସୁଯୋଗ ଦେବା, ଉପଯୁକ୍ତ କାମାଲ ଯୋଗାଣ, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ହସ୍ତଶିଳ୍ପ ସାମଗ୍ରୀର ରପ୍ତାନୀ ଆଦି କାର୍ଯ୍ୟ କରି ସାରା ଓଡିଶାରେ



କେବଳ କାରିଗର କିମ୍ବା ବୁଣାକାର ନୁହଁନ୍ତି, ଗ୍ରାହକ, ଗବେଷକ, କଳାପ୍ରେମୀ, ସରକାରୀ ଏବଂ ବେସରକାରୀ ମହଲମାନଙ୍କ ଦ୍ୱାରା ଆଦୃତ ଏବଂ ପ୍ରଶଂସିତ ହୋଇ ପାରିଛି । ମହାମାରୀ କରୋନା ସମୟରେ କାରିଗରମାନେ ତଥା ବୁଣାକାରମାନେ ନିଜ ନିଜର ପାରମ୍ପାରିକ କାମ ଧନ୍ଦା ହରାଇ ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । କାରିଗର ମାନଙ୍କ ଜିନିଷ ବିକ୍ରୀବଟା ନହେବା, ଦୀର୍ଘ ୨ ବର୍ଷ ଧରି ବିଭିନ୍ନ ସ୍ଥାନରେ ପ୍ରଦଶନୀ ବନ୍ଦ ହେବା ଫଳରେ ସେମାନଙ୍କର ଜୀବନ ଜୀବିକା ଠପ୍ ହୋଯାଇଛି । ଉକ୍ତ ଅସୁବିଧାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କଲେଜ ପଡିଆ (ଛଉ ପଡିଆ) ଠାରେ ଅରୂପା ତରଫରୁ ପ୍ରଥମ ଥର ପାଇଁ ସର୍ବଭାରତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଅଛି । ଏଥିରେ ମୋଟ ୮୦ଟି ଷ୍ଟଲ କରାଯାଇ ହାରାହାରି ୧୬୦ ଜଣ ହସ୍ତଶିଳ୍ପୀ କାରିଗର ଓ ବୁଣାକାର ଯୋଗଦାନ କରିଛନ୍ତି। ବିଶେଷ କରି ଓଡ଼ିଶାର ସବାଇ ଘାସ କାମ, ମାଣିଆ ବନ୍ଧ ଶାଢୀ, ଡ୍ରେସ୍, କଟନ ଶାଢୀ, ଗୁଜୁରାଟି ଅଳଙ୍କାର, ଶାଢୀ, ଡ୍ରେସ୍, ଅହମ୍ମଦାବାଦର ଡ୍ରେସ ଓ ଅଳଙ୍କାର, ଆନ୍ଧ୍ର ପ୍ରଦେଶର ଡ୍ରେସ ଓ ଶାଢୀ, ଓ ବିହାରର ଖଦୀ ଓ ଅଳଙ୍କାର, ବେଙ୍ଗଲ ଶାଢୀ, କାଠ କାମ, କଲିକତା ଲାଖଚୁଡି, ବନାରସୀ ଶାଢୀ ଓ ଡ୍ରେସ ଓ ଶାଢୀ, ସାହରଙ୍ଗପୁର କାଠକାମ ଓ ସୋଫା ସେଟ୍, ୟୁପୀର ଭଦୋଇର କାର୍ପେଟ, ମୁରଦାବାଦର ପିତଳ କାମ, ମହାରାଷ୍ଟ୍ରର ବେଡ୍‌ସିଟ ଓ ଆହୁରି ଅନେକ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ଓ ହସ୍ତତନ୍ତ୍ର ବସ୍ତ୍ରର ସାମଗ୍ରୀ ସ୍ଥାନ ପାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଥର ଖୋଦେଇ ଶିଳ୍ପୀ ଶ୍ରୀ ଧିରେନ୍ଦ୍ରନାଥ ପଣ୍ଡା, ବୟୋଜେଷ୍ଠ ଚିତ୍ର ଶିଳ୍ପୀ ଶ୍ରୀ ଚାରୁଚନ୍ଦ୍ର ଦାସ, ସବାଇ ଘାସର ଏମ୍. ସି.ଏମ୍ ଶ୍ରୀମତୀ ଉଷାରାଣୀ ନାଏକ, ସବାଇ ଘାସର ଏମ୍.ସି.ଏମ୍ ଶ୍ରୀମତୀ ସୁମିତ୍ରା ବାରିକ, ଡି.ଏସ୍.ଏସ୍‌ର ସେଚ୍ଛାସେବୀ କର୍ମୀ ଶ୍ରୀ ବିର୍ ନାରାୟଣ ରଥ, ଲାଖ ଶିଳ୍ପୀ ଶ୍ରୀ ଏ. ହକ୍ ଆଦି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସାହାର୍ଯ୍ୟ କରିବେ। ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ସାହୁ ସଭାପରିଚାଳନା କରିବେ ବୋଲି ସୂଚନା ପ୍ରଦାନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo